
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ମଙ୍ଗଳବାର ୧୪ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 NOVEMBER 2023
Vol.No. 34 ■ No. 298■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଉତ୍ତରକାଶୀରେ ଭୁଶୁଡ଼ି ପଡିଥିବା ନିର୍ମାଣାଧୀନ ସୁଡଙ୍ଗରେ ଫସି ରହିଛନ୍ତି ୪୦ରୁ ଅଧିକ ଶ୍ରମିକ

■ଦ୍ୱିତୀୟ ଦିନରେ ଉଦ୍ଧାର କାର୍ଯ୍ୟ ଜାରି
■ଖାଦ୍ୟ, ଅମ୍ଳଜାନ ଯୋଗାଯାଉଛି
■ଫସିଛନ୍ତି ୫ ଓଡ଼ିଆ ଶ୍ରମିକ



ନୂଆଦିଲ୍ଲୀ, ୧୩/୧୧ : ଉତରାଖଣ୍ଡ, ଉତରକାଶୀରେ ନିର୍ମାଣଧୀନ ଟନେଲ ଦୁର୍ଘଟଣାରେ ଦ୍ୱିତୀୟ ଦିନ ପାଇଁ ଉଦ୍ଧାର କାମ ଜାରି ରହିଛି । ଏବେ ବି ଫସିରହିଛନ୍ତି ୪୦ରୁ ଅଧିକ ଶ୍ରମିକ । ସେମାନଙ୍କୁ ଉଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତିରେ ଉଦ୍ଧାର ଚାଲିଛି । ଜୋରଦାର ହୋଇଛି ଅଭିଯାନ । ମାଟି ଓ ପଥର ହଟାଇବାକୁ ବଡ ବଡ ବୁଲଡୋଜର ଲଗାଯାଇଛି । ଟନେଲର ପ୍ରାୟ ୬୦ ମିଟର ଅଂଶ ଭାଙ୍ଗି ପଡିବା ଯୋଗୁଁ ଭିତରେ କାମ କରୁଥିବା ୪୦ରୁ ଅଧିକ ଶ୍ରମିକ ଫସି ରହିଛନ୍ତି । ଉତ୍ତରାଖଣ୍ଡ ଉତ୍ତରକାଶୀରେ ନିର୍ମାଣାଧୀନ ସୁଡଙ୍ଗ ଭୁଷୁଡି ପଡିବା ପରେ, ଏ ହେଉଛି ଦ୍ୱିତୀୟ ଦିନରେ ଉଦ୍ଧାର କାର୍ଯ୍ୟର ଦୃଶ୍ୟ । ସୁଡଙ୍ଗ ଭିତରେ ଫସି ରହିଥିବା ୮ଟି ରାଜ୍ୟର ୪୦ରୁ ଅଧିକ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜୋରଦାର ହୋଇଛି ଅଭିଯାନ । ବଡ ବଡ ବୁଲଡୋଜର ସାହାଯ୍ୟରେ ମାଟି ଓ ପଥର ଅତଡା ହଟାଇବାକୁ ଉଦ୍ୟମ ଜାରି ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ସୁଡଙ୍ଗର ୨୦ ମିଟର ଯାଏଁ ଧସି ପଡିଥିବା ମାଟି, ପଥରକୁ ହଟା ଯାଇଥିବାବେଳେ, ଶ୍ରମିକଙ୍କ ପାଖରେ ପହଂଚିବାକୁ ଆହୁରି ୪୦ ମିଟର ଭଗ୍ନାବଶେଷ ହଟାଇବାକୁ ପଡିବ । ଆପଣଙ୍କ ଟିଭି ସ୍କ୍ରିନରେ ବ୍ରହ୍ମକମଳ ଓ ଯମୁନେତ୍ରୀ ଜାତୀୟ ରାଜପଥରେ ସିଲକ୍ୟାରା ସୁଡଙ୍ଗ ଭୁଷୁଡି ପଡିବାର ଏକ ପ୍ରତିକାତ୍ମକ ଚିତ୍ର । ପ୍ରାୟ ସାଢେ ୪ କିଲୋମିଟର ବ୍ୟାପୀ ଏହି ସୁଡଙ୍ଗର ଆଉ ମାତ୍ର ୪୦୦ ମିଟର ନିର୍ମାଣ ବାକି ରହିଥିବାବେଳେ ରବିବାର ଭୁଷୁଡି ପଡିଥିଲା ଏକ ଅଂଶ । ପ୍ରାୟ ୬୦ ମିଟର ଅଂଶ ଭାଙ୍ଗି ପଡିବା ଫଳରେ ଭିତରେ କାମ କରୁଥିବା ୪୦ରୁ ଅଧିକ ଶ୍ରମିକ ଫସି ରହିଛନ୍ତି । ଏମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଥିବା କହିଛନ୍ତି ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି । କେନ୍ଦ୍ର ସରକାର ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଆଶ୍ୱସ୍ତିର କଥା ହେଉଛି ଭିତରେ ଫସିରହିଥିବା ଶ୍ରମିକ ସୁରକ୍ଷିତ ଥିବା ଜଣାପଡିଛି ।

▶▶ପୃଷ୍ଠା ୭


## ହଷ୍ଟେଲରୁ ଇଞ୍ଜିନିୟରିଂ ଛାତ୍ରୀଙ୍କ ମୃତଦେହ ଉଦ୍ଧାର: ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ



ଖୋର୍ଦ୍ଧା , ୧୩/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ତରାବୋଇ ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ହଷ୍ଟେଲରୁ ଆଜି ଜଣେ ଛାତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ମୃତ ଛାତ୍ରୀଙ୍କ ନାଁ ସଂପୂର୍ଣ୍ଣା ମହାନ୍ତି । ତାଙ୍କ ଘର ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ । ସେ ଡିପ୍ଲୋମା ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ । ସଂପୂର୍ଣ୍ଣାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ପରିବାର ଲୋକେ ଆଣିଛନ୍ତି ହତ୍ୟା ଅଭିଯୋଗ । ତାଙ୍କ ବାପା ସନ୍ଦୀପ ମହାନ୍ତି କହିଛନ୍ତି ଯେ ଗତକାଲି ଓ ଆଜି ଝିଅ ଭିଡିଓ କଲ୍ କରି ପରିବାର ଲୋକଙ୍କ ସହିତ ଭଲରେ କଥା ହୋଇଥିଲା । ଦୀପାବଳିରେ ଘରକୁ ଆସି ପାରି ନଥିବାରୁ କାର୍ତ୍ତିକ ପୂର୍ଣ୍ଣିମାରେ ଆସିବ ବୋଲି କହିଥିଲା । ତା' ପାଇଁ ବାଣ ରଖିବାକୁ କହିଥିଲା । ୧୧ଟା ପାଖାପାଖି ସେ ଘର ଲୋକଙ୍କ ସହିତ ଫୋନ୍‌ରେ କଥା ହୋଇଥିଲା । ଆଉ ୧୨ଟା ପରେ ଫୋନ୍ ଆସିଲା ତା' ଅବସ୍ଥା ଗୁରୁତର ଅଛି । ତାକୁ ଡାକ୍ତରଖାନା ନିଆଯାଇଛି । ସନ୍ଦୀପ ମହାନ୍ତି ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅକୁ ହତ୍ୟା କରାଯାଇଛି । ତା' ବେକରେ ଏକାଧିକ ଦାଗ ଅଛି । ଗୋଡ଼ରେ ମଧ କ୍ଷତ ଅଛି । ଯେଉଁ ରଶିରେ ସେ ଝୁଲିଥିଲା ବୋଲି କୁହାଯାଉଛି, ତାହା ବେଶ୍ ପତଳା । ତା' ଓଜନ

▶▶ପୃଷ୍ଠା ୭

## ଶ୍ରୀମନ୍ଦିରରେ ଦିବ୍ୟାଙ୍ଗଙ୍କ ନିମନ୍ତେ ହେବ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା



ପୁରୀ, ୧୩/୧୧ (ନି.ପ୍ର): ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ନେଇ ନିଆଯିବ ସ୍ୱତନ୍ତ୍ର ପଦକ୍ଷେପ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶ ଦେଇଛନ୍ତି ଏହି ସୂଚନା । ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଂଗଠନର ଦାବି ପରେ ଏ କଥା କହିଛନ୍ତି ଶ୍ରୀ ଦାଶ ।ସେ କହିଛନ୍ତି, ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପରେ ଉତ୍ତର ଦ୍ୱାର ଦେଇ ଦିବ୍ୟାଙ୍ଗ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବ । ଶ୍ରୀମନ୍ଦିରର ରୀତିନୀତି ଓ ପରମ୍ପରାକୁ ନଜରରେ ରଖି ଦିବ୍ୟାଙ୍ଗଙ୍କ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ଏସଓପି କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରତିଦିନ ସ୍ୱତନ୍ତ୍ର ସମୟରେ ସ୍ୱତନ୍ତ୍ର ଭାବେ ଏହି ଦର୍ଶନ ବ୍ୟବସ୍ଥା କରାଯିବ । ଛତିଶା ନିଯୋଗ ଓ ପରିଚାଳନା କମିଟିର ଅନୁମୋଦନ ନିଆଯାଇ ଦିବ୍ୟାଙ୍ଗ ମାନଙ୍କୁ ଏହି ଦର୍ଶନ ବ୍ୟବସ୍ଥାରେ ସାମିଲ କରାଯିବ । ପରିକ୍ରମା ପ୍ରକଳ୍ପରେ ଉତ୍ତର ଦ୍ୱାର ଠାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମ ଗୃହ କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶ କହିଛନ୍ତି ।

## ଯୁଦ୍ଧ ଭୂମି ଗାଜାରୁ ଆସିଲା ବିକଳ ଚିତ୍ର: ଇସ୍ରାଏଲର ଏୟାରଷ୍ଟ୍ରାଇକରେ ଠପ୍ ପଡିଛି ସ୍ୱାସ୍ଥ୍ୟସେବା



ନୂଆଦିଲ୍ଲୀ, ୧୩/୧୧ : ୩୭ଦିନରେ ପହଁଚିଛି ଇସ୍ରାଏଲ-ହମାସ ଯୁଦ୍ଧ । ରୋଗୀ ଓ ଶରଣାର୍ଥୀଙ୍କୁ ଢ଼ାଲ କରି ଆତ୍ମରକ୍ଷା କରୁଥିବା ହମାସ ହସ୍ପିଟାଲକୁ ନିଜର ଆଡ୍ଡ ବନାଇଛି । ସେପଟେ ଆତଙ୍କୀଙ୍କୁ ନିପାତ କରିବାକୁ ଇସ୍ରାଏଲ ସେନା ସବୁ ମାନବିକତା ଭୁଲି ହସ୍ପିଟାଲ ଉପରେ ଘନଘନ ଆକ୍ରମଣ କରୁଛି । ସ୍ଥିତି ଏଭଳି ହେଲାଣି କି ମୋଟ ୩୭ରୁ ୨୦ଟି ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି । ମିଳୁନି ପାଣି, ବିଦ୍ୟୁତ । ପ୍ରତିକ୍ଷଣରେ ଯାଉଛି ଜୀବନ । ଯୁଦ୍ଧ ଛୁଇଁଛି ୩୭ଦିନରେ । ଏହା ସହ ମୃତ୍ୟୁ ସଂଖ୍ୟା ୧୩ହଜାର ଛୁଇଁଲାଣି । ମୃତକଙ୍କ ମଧ୍ୟରେ ସବୁଠୁ ଅଧିକ ସଂଖ୍ୟାରେ

▶▶ପୃଷ୍ଠା ୭

## ଅଭିନେତ୍ରୀ ମୌସୁମୀ ନାୟକ ଗିରଫ



ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଓଡ଼ିଆ ଅଭିନେତ୍ରୀ ମୌସୁମୀ ନାୟକଙ୍କୁ କମିଶନରେଟ ପୁଲିସ ଆଜି ଗିରଫ କରିଛି । ଲେଖିକା ବନସ୍ମିତା ପତିଙ୍କ ଅଭିଯୋଗ ଆଧାରରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ କମିଶନରେଟ ପୁଲିସ ମାମଲା ରୁଜୁ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୂଚନା ଅନୁସାରେ, ଅଭିନେତ୍ରୀ ମୌସୁମୀ ଆଜି ହାଇଦ୍ରାବାଦରୁ ସୁଟିଂରୁ ଫେରିବା ପରେ ଚନ୍ଦକାସ୍ଥିତ ତାଙ୍କ ଆପାର୍ଟମେଂଟରୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କ ବିରୁଦ୍ଧରେ ଆଇପିସିର ଧାରା -୩୮୫, ୨୯୪, ୫୦୬ ଓ ଅନ୍ୟାନ୍ୟ ଧାରାରେ ମାମଲା ରୁଜୁ ହୋଇଛି । ବନସ୍ମିତାଙ୍କ ସାମାଜିକ ପ୍ରତିଷ୍ଠାକୁ ସୋସିଆଲ ମିଡିଆ ମାଧ୍ୟମରେ ଖରାପ କରିବାକୁ ପ୍ରୟାସ କରିବା ଓ ଜବରଦସ୍ତି ଟଙ୍କା ଆଦାୟ କରିବା ଆଦି ଅଭିଯୋଗ ମୌସୁମୀଙ୍କ ବିରୁଦ୍ଧରେ ରହିଛି । ଗତ ସେପଟ୍ଟେମ୍ବର ମାସରେ ଶେୟାର ବଜାରରେ ଟଙ୍କା ଲଗାଇବା ନେଇ ବନସ୍ମିତା ଚାପ ପକାଉଥିବା ନେଇ ମୌସୁମୀ ଅଭିଯୋଗ ଆଣିଥିଲେ । ଏହାସହିତ ମୌସୁମୀ ଚନ୍ଦକା ଥାନାରେ ମଧ ଏନେଇ ଏକ ମାମଲା ରୁଜୁ କରିଥିଲେ । ତେବେ ପରବର୍ତ୍ତୀ ସମୟରେ ବନସ୍ମିତା ସେହି ଟଙ୍କା ଫେରସ୍ତ କରିବାର ଆଶ୍ୱାସନା ଦେବା ପରେ ପରସ୍ପରର ସହମତିରେ ଥାନାରୁ ମାମଲା ପ୍ରତ୍ୟାହାର ହୋଇଥିଲା ।

▶▶ପୃଷ୍ଠା ୭

## ମୈତେ ସଂପ୍ରଦାୟର ୯ ସଂଗଠନ ଉପରେ ବ୍ୟାନ ଲଗାଇଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୧୩/୧୧ : ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଜି ମୈତେ ସଂପ୍ରଦାୟର ୯ଟି ସଂଗଠନକୁ ବ୍ୟାନ କରିଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ ସଂଗଠନ ମଣିପୁରରେ ସକ୍ରିୟ ଭାବେ କାମ କରୁଛନ୍ତି । ସଂଗଠନ ଗୁଡ଼ିକ ସହ ଜଡ଼ିତ ଥିବା ସମସ୍ତ ଶାଖା ଓ ସମ୍ମୁଖ ଭାଗ ସଂଗଠନକୁ ମଧ ୟୁଏପିଏ ବଳରେ ନିଷିଦ୍ଧ କାରାଯାଇଛି । ଆସନ୍ତା ୫ ବର୍ଷ ପାଇଁ ସଂଗଠନ ଓ ଏହାର ଶାଖାଗୁଡ଼ିକ ଉପରେ ବ୍ୟାନ ଲଗାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପିପୁଲ୍ସ ଲିବେରସନ ଆର୍ମି(ପିଏଲଏ) ଓ ଏହାର ରାଜନୀତି ଶାଖା, ଆରପିଏଫ, ୟୁଏନଏଲଏଫ ଓ ଏହାର ସଶସ୍ତ୍ର ବାହିନୀ, ମଣିପୁର ପିପୁଲ୍ସ ଆର୍ମି (ଏମପିଏ), ପିଆରଇପିଏକେ ଓ ଏହାର ସଶସ୍ତ୍ର ବାହିନୀ ରେଡ ଆର୍ମି, କେସିପି ଓ ଏହାର ଆର୍ମଡ ୱିଙ୍ଗ, କେୱାଇକେଏଲ, କୋରକମ ଓ ଏଏସ୍‌ୟୁକେ ଉପରେ ବ୍ୟାନ ଲଗାଇଛି । ୟୁଏପିଏ ଆଇନ ୧୯୬୭ର ଧାରା ୩ ଅନ୍ତର୍ଗତ ସବ ସେକସନ ୧ ଅନୁଯାୟୀ ଭାରତ ସରକାର ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

## ଆଜି ଲଘୁଚାପ କ୍ଷେତ୍ର: ୧୫ରୁ ବର୍ଷିବ

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଆସନ୍ତାକାଲି ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପ କ୍ଷେତ୍ରଟି କ୍ରମେ ଘନୀଭୂତ ହୋଇ ୧୬ ତାରିଖ ବେଳକୁ ଅବପାତର ରୂପ ନେଇପାରେ । ଏହାର ପ୍ରଭାବରେ ୧୫ ତାରିଖରୁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ଥିବା ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର ।

## ହେଲଦୀ ଲାଇଫ ଯୋଗ ମହାବିଦ୍ୟାଳୟର ଜାତୀୟ ଯୋଗ ଓ ପ୍ରାକୃତିକ ସମ୍ମିଳନୀ ୨୦୨୩



ବାଲେଶ୍ୱର , ୧୩/୧୧ (ନି.ପ୍ର): ବାଲେଶ୍ୱର ଚିଡ଼ିଆପୋଲ ସ୍ଥିତ ଯୋଗ ଓ ପ୍ରାକୃତି ଚିକିତ୍ସା ଅନୁଷ୍ଠାନ ହେଲଦୀ ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ ନେଚର କିଅର ଯୋଗିକ ସାଇନ୍ସ ଆନୁକୂଲ୍ୟରେ ଚାନ୍ଦିପୁରଠାରେ ଜାତୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ସମ୍ମିଳନୀ ପୂରବୀ ରିସୋର୍ଟ ଠାରେ ଆସନ୍ତା ନଭେମ୍ବର ୧୮ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା ଏଥିରେ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ନିର୍ଦ୍ଦେଶକ ସୃଷ୍ଟିଧର ପରିଡ଼ା, ଅଧ୍ୟକ୍ଷତା କରିଥିଲେ ଯୋଗ ମହାବିଦ୍ୟାଳୟ ନିର୍ଦ୍ଦେଶକ ଡା. ଚିତ୍ତରଂଜନ ସାହୁ, କହିଥିଲେ ଯେ ଏହି ସମ୍ମିଳନୀରେ ଦେଶ ବିଦେଶରୁ ଅନେକ ଯୋଗ ବୈଜ୍ଞାନିକ ଡାକ୍ତର ସମେତ ଆନ୍ତର୍ଜାତିକ ଯୋଗଗୁରୁ ମନୁଭାଇ ଡୋଲାଙ୍କ ଆଧୁନିକ ସମାଜ ଓ ମୋଟାପଣ କମେଇବା ସହଜ ଯୋଗର କର୍ମଶାଳା ମଧ୍ୟ ଅନୁଷ୍ଠିତ ହେବ, ମୁଖ୍ୟତଃ ପାକୃତିକ ଚିକିତ୍ସା ଖାଦ୍ୟ ଚିକିତ୍ସା, ଜଳଚିକିତ୍ସା, ମାଟି ଚିକିତ୍ସା ମାଧ୍ୟମରେ ଉଚ୍ଚରକ୍ତଚାପ, ଡାଇବେଟିସ୍, ହୃଦୟରୋଗ, ମସ୍ତିଷ୍କ ରୋଗ ଓ ଆଣ୍ଠୁଗଣ୍ଠି ବାତ ସହଜରେ

▶▶ପୃଷ୍ଠା ୭

## ବ୍ୟାନ ସତ୍ତ୍ୱେ ଫୁଟିଲା ବାଣ, ବଢ଼ିଲା ପ୍ରଦୂଷଣ: ସମର୍ଥନରେ ବାହାରିଲେ ବିଜେପି ନେତା



ନୂଆଦିଲ୍ଲୀ, ୧୩/୧୧ : ପ୍ରଦୂଷଣ ବଳୟରେ ଅସ୍ତବ୍ୟସ୍ତ ହେଉଥିବା ରାଜଧାନୀର ସ୍ଥିତି ଦୀପାବଳି ପରେ ଆହୁରି ବେହାଲ ହୋଇଛି । ବାଣ ଫୁଟାଇବା ଉପରେ ରୋକ ଲାଗିଥିଲେ ମଧ ଦିଲ୍ଲୀର ଅଧିକାଂଶ ଲୋକ ଏହାକୁ ବେଖାତିର କରିଛନ୍ତି । ସେମାନେ ବାଣ ଫୁଟାଇବାରୁ ଆଜି ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ଆହୁରି ସାଂଘାତିକ ହୋଇଛି । ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଥିବା ବେଳେ ଏହାକୁ ନେଇ ଶାସକ ଆପ ଓ ବିରୋଧୀ ବିଜେପି ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଯାଇଛି । ପ୍ରଦୂଷଣ ବଢ଼ିଥିଲେ ହେଁ ବିଜେପି ନେତା ବାଣ ଫୁଟାକୁ ସମର୍ଥନ କରିଛନ୍ତି । ଏପରି କି ବାଣ ଫୁଟାଇଥିବା ଦିଲ୍ଲୀବାସୀଙ୍କ ପାଇଁ ଗର୍ବିତ ବୋଲି ବିଜେପି ନେତା କପିଲ ମିଶ୍ରା କହିଛନ୍ତି । ବ୍ୟାନ ସତ୍ତ୍ୱେ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇବାକୁ ବିଜେପି ଶାସିତ ଉତ୍ତର ପ୍ରଦେଶ ଓ ହରିୟାଣାରେ ଲୋକଙ୍କୁ ସରକାର ଅନୁମତି ଦେଇଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଲ ରାୟ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ "ଦିଲ୍ଲୀରେ ଆଜି ପ୍ରଦୂଷଣ ବଢ଼ିବାର ମୁଖ୍ୟ କାରଣ ହେଉଛି ଦୀପାବଳିରେ ବାଣ ଫୁଟାଇବା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଜେପି ତା'ର ଦାୟିତ୍ୱ ସମ୍ପାଦନ କରିନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବିଜେପି ବାଣ ଫୁଟା ଯାଉ ବୋଲି ଚାହୁଁଥିଲା । ଉତ୍ତର ପ୍ରଦେଶ, ଦିଲ୍ଲୀ ଓ ହରିୟାଣର ପୁଲିସ୍ ? ବିଜେପି ସହ ରହିଛନ୍ତି । ତେଣୁ ବାଣ ମନଇଚ୍ଛା ଲୋକମାନେ ଫୁଟାଇଛନ୍ତି ।" ଦୀପାବଳିର ମଧ୍ୟାହ୍ନ ସୁଦ୍ଧା ଦିଲ୍ଲୀରେ ବାୟୁର ଗୁଣବତ୍ତା ୮ ବର୍ଷ ମଧ୍ୟରେ ସବୁଠାରୁ ଭଲ ଥିଲା । କିନ୍ତୁ ଆଜି ସକାଳେ ଦିଲ୍ଲୀ ପୁଣିଥରେ ଗ୍ୟାସ ଚ୍ୟାମ୍ବରରେ ପରିଣତ ହୋଇଛି । ଅନ୍ୟପକ୍ଷରେ ଦିଲ୍ଲୀ ବିଜେପି ଉପ ସଭାପତି କପିଲ ମିଶ୍ରା କହିଛନ୍ତି, "ବାଣ ଫୁଟା ଉପରେ ଲାଗିଥିବା ରୋକ ବିଜ୍ଞାନ ସମ୍ମତ ନୁହେଁ । ଏହାର କୌଣସି ଯୁକ୍ତି ନାହିଁ । ଏହା ଏକଛତ୍ରବାଦର ପରିଚୟ । ଦିଲ୍ଲୀବାସୀଙ୍କ ପାଇଁ ମୁଁ ଗର୍ବିତ । ଏସବୁ ପ୍ରତିରୋଧ ବିରୋଧୀ, ସ୍ୱାଧୀନତା ଓ ଗଣତନ୍ତ୍ରର ସ୍ୱର । ଲୋକମାନେ ବେଶ ସାହାସର ସହ ଅନସାଇଣ୍ଟିଫିକ, ଇଲଜିକାଲ ଓ ଡିକ୍ଟରିଆଲ ବ୍ୟାନକୁ ବିରୋଧ କରିଛନ୍ତି ।" ଗୋପାଲ ରାୟଙ୍କ ସମାଲୋଚନା କରି କପିଲ ମିଶ୍ରା ଗାଜାରେ ଇସ୍ରାଏଲ କରୁଥିବା ହମଲାକୁ ପ୍ରଦୂଷଣ ସହ ଯୋଡ଼ିଛନ୍ତି ।

# ଶ୍ରୀମନ୍ଦିର ପରିକ୍ରମା ମାର୍ଗ: ଯାତାୟାତରେ ବାଧକ ସାଜୁଛି ଅଘୋଷିତ ପାର୍କିଂ



ପୁରୀ, ୧୩/୧୧ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ମାର୍ଗ ସାଜିଛି ଅଘୋଷିତ ପାର୍କିଂ। ଭକ୍ତଙ୍କ ଶ୍ରୀମନ୍ଦିର ପରିକ୍ରମା ଓ ସାହି ବାସିନ୍ଦାଙ୍କ ଯାତାୟାତ ପାଇଁ ମାର୍ଗ ନିର୍ମିତ ହୋଇଛି। କିନ୍ତୁ ଏହି ମାର୍ଗ ଭକ୍ତଙ୍କ ପରିକ୍ରମାରେ ବାଧା ସୃଷ୍ଟି କରୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ହେଉଥିବାରୁ ମାର୍ଗ ସଂକୁଚିତ ହୋଇଯାଉଛି। ଯାତାୟାତ କରୁଥିବା ବାସିନ୍ଦାମାନେ କ୍ଷୋଭ ଝାଡ଼ିଛନ୍ତି। ତୁରନ୍ତ ଏହି ମାର୍ଗରେ ପୁଲିସ ମୁତୟନ କରି ପରିକ୍ରମା ମାର୍ଗକୁ ମୁକ୍ତ କରିବା ପାଇଁ ଦାବି କରିଛନ୍ତି। ସନ୍ଧ୍ୟା ହେଲେ ସ୍ଥିତି ଆହୁରି ସଂଗିନ ହେଉଛି। କିଛି ଅସ୍ଥାୟୀ ଦୋକାନୀ ମାର୍ଗକୁ ଲାଗି ଦୋକାନ କରିଛନ୍ତି। ତେଣୁ ଦୋକାନରେ ଖାଇବା ଓ କିଣାକିଣି କରିବାକୁ ଭକ୍ତ ଓ ସ୍ଥାନୀୟ ବାସିନ୍ଦାମାନେ ଭିଡ଼ ଜମାଉଥିବାରୁ ମାର୍ଗରେ ଯାତାୟାତ କରିବା ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କ ପାଇଁ ପରିକ୍ରମା ମାର୍ଗ ପାର୍ଶ୍ୱରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି। ଦୈନନ୍ଦୀନ ନୀତି ଓ ଶ୍ରୀମନ୍ଦିରରେ ନିଜର କାର୍ଯ୍ୟ ସମ୍ପାଦନ ପାଇଁ ପାର୍କିଂ ନିତାନ୍ତ ଆବଶ୍ୟକ। ମାତ୍ର ଭକ୍ତଙ୍କ ପାର୍କିଂ ପାଇଁ ବ୍ୟବସ୍ଥା କରାନଯିବାରୁ ପରିକ୍ରମା ମାର୍ଗକୁ ବହୁ ଭକ୍ତ ପାର୍କିଂ ଭଳି ବ୍ୟବହାର କରୁଛନ୍ତି। ଏବେ ଭକ୍ତମାନେ କେବଳ ଦୋଳବେଦି କୋଣରେ ବାଇକ୍ ପାର୍କିଂ କରି ଯାଉଛନ୍ତି। ଏହା ବି ଅନୁମୋଦିତ ନୁହେଁ। ଏହାବ୍ୟତୀତ ସିଂହଦ୍ୱାର ବାହାରେ ବ୍ୟାରିକେଡ୍ ପାଖରେ ବାଇକ୍ ପାର୍କିଂ ହେଉଛି। ଏହାବ୍ୟତୀତ ବାଇକ୍ ପାର୍କିଂ ପାଇଁ ସରକାରୀ ସ୍ତରରେ କିମ୍ବା ଘରୋଇ ସ୍ତରରେ କୌଣସି ସୁବିଧା କରାଯାଇନାହିଁ। ଅଧିକାଂଶ ସ୍ଥାନୀୟ ଭକ୍ତ ବାଇକ୍ ନେଇ ଦର୍ଶନ ପାଇଁ ଯାଉଥିବା ବେଳେ ଭକ୍ତମାନେ ଏହିକ୍ତ ମାର୍ଗକୁ ପାର୍କିଂରେ ପରିଣତ କରିଦେଇଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଜେଲ୍ ରୋଡ୍‌ରେ ଅବଢ଼ା ଯୋଜନାରେ ୬୭.୬୩ କୋଟି ଟଙ୍କାରେ ବହୁତଳ ବିଶିଷ୍ଟ ପାର୍କିଂ ଓ ସୌଧ ନିର୍ମାଣ କରାଯାଇଛି। ହେଲେ ତାହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇନାହିଁ। ରଥଯାତ୍ରାରେ ଏହା ଭକ୍ତଙ୍କ ଉଦ୍ଦେଶ୍ୟରେ ଖୋଲା ଯାଇଥିଲେ ହେଁ କେବଳ ଚାରି ଚକିଆ ପାର୍କିଂ ସୁବିଧା ମିଳିଥିଲା। ଏହି ବହୁତଳ ପାର୍କିଂ ମଧ୍ୟରେ ୫ଶହ ଚାରିଚକିଆ ଓ ୫ଶହ ଦୁଇଚକିଆ ଯାନ ପାର୍କିଂ ସୁବିଧା ରହିଛି। ମାତ୍ର ଏହା କାର୍ଯ୍ୟକାରୀ ହେଉନାହିଁ। ଏଣେ ଏବେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବାଇକ୍ ଛଡ଼ାଯାଉଥିବାରୁ ଭକ୍ତମାନେ ନିଜ ସୁବିଧା ପାଇଁ ମନ୍ଦିର ନିକଟକୁ ଯାଉଛନ୍ତି ସତ, କିନ୍ତୁ ବାଇକ୍ ରଖିବା ପାଇଁ ସୁବିଧା ପାଉନାହାନ୍ତି। ତେଣୁ ପରିକ୍ରମା ମାର୍ଗ ମଧ୍ୟରେ ଏଣେତେଣେ ଗାଡ଼ି ରଖି ମନ୍ଦିରକୁ ଯାଉଛନ୍ତି। ଏହି ମାର୍ଗରେ ବ୍ୟାଟେରି ଅଟୋ ସମେତ ସାହି ବାସିନ୍ଦାମାନେ ବାଇକ ନେଇ ସହର ମଧ୍ୟକୁ ଆସୁଥିବା ବେଳେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ ବାଇକ୍ ପାର୍କିଂ ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରିବା ସହ ପରିକ୍ରମା ମାର୍ଗକୁ ମୁକ୍ତ ରଖିବା ପାଇଁ ପୁଲିସ ମୁତୟନ କରିବାକୁ ଦାବି ହୋଇଛି।

# ନିଶ୍ଚିହ୍ନ ହୋଇଯିବ ବାଉଁଶ ଜଙ୍ଗଲ: ବେଧଡ଼କ କଟା ହେଉଛି, ନିଆଁ ଲଗାଇ ଜାଳି ଦିଆଯାଉଛି



ଦଶପଲ୍ଲା, ୧୩/୧୧ (ନି.ପ୍ର): ବଣପାହାଡ଼ ଘେରା ଦଶପଲ୍ଲାର ଘଞ୍ଚ ଜଙ୍ଗଲ ରାଜ୍ୟର କୋଣ ଅନୁକୋଣରେ ପ୍ରସିଦ୍ଧି ଲାଭ କରିଥିବା ବେଳେ କାଠଭଳି ବାଉଁଶ ଜଙ୍ଗଲ ମଧ୍ୟ ବେଶ୍ ଜଣାଶୁଣା। ଜଙ୍ଗଲରୁ ପ୍ରତିବର୍ଷ ଶହଶହ ଟ୍ରିପ୍ ବାଉଁଶ ସଂଗ୍ରହ କରାଯାଏ। ପୂର୍ବରୁ ସରକାରୀ ସ୍ତରରେ ଏସବୁ ବାଉଁଶ ସଂଗ୍ରହ କରାଯାଇ ରାଜ୍ୟ ତଥା ରାଜ୍ୟ ବାହାରକୁ ଚାଲାଣ କରାଯାଉଥିଲା। ଦଶପଲ୍ଲା ଜଙ୍ଗଲରୁ କାଠ ଭଳି ବାଉଁଶରୁ ରାଜ୍ୟ ସରକାର ସିଂହଭାଗ ରାଜସ୍ୱ ଆଦାୟ କରିଥାନ୍ତି। ଦଶପଲ୍ଲା ଜଙ୍ଗଲରେ ବହୁଳ ଭାବରେ ବାଉଁଶ ରହିଥିବାରୁ ଶିଳ୍ପବିହୀନ ଜିଲ୍ଲା ନୟାଗଡ଼ର ଦଶପଲ୍ଲାଠାରେ ଏକ କାଗଜ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଛି। ପ୍ରତିବର୍ଷ ବାଉଁଶର ରକ୍ଷଣାବେକ୍ଷଣ କ୍ଷେତ୍ରରେ ବନବିଭାଗ ପକ୍ଷରୁ କାମ୍ପା ଯୋଜନାରେ କୋଟିକୋଟି ଟଙ୍କା ବିନିଯୋଗ କରାଯାଉଥିବା ବେଳେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ହେତୁ ଏହା କ୍ରମେ ଧ୍ୱଂସ ପାଇବାକୁ ବସିଛି।

ବିଶେଷକରି ବାଉଁଶ ଗଜା ସମୟରେ ମାଫିଆମାନେ ସେସବୁ ଗଜାକୁ କାଟି କରଡ଼ି ଭାବେ ବିଭିନ୍ନ ସହରକୁ ପଠାଇଥାନ୍ତି। ବନବିଭାଗ ପକ୍ଷରୁ ଏ ଦିଗରେ ଧରପଗଡ଼ ନହେବା ଫଳରେ ନୂତନ ବାଉଁଶ ଜଙ୍ଗଲ ସୃଷ୍ଟି ହେବାରେ ବାଧା ଉପୁଜୁଛି। ସେହିଭଳି ମାଫିଆମାନେ ଅନବରତ ବାଉଁଶ କାଟି ଲୁଟି ନେଉଛନ୍ତି। ଗ୍ରୀଷ୍ମଦିନେ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ବହୁ ବାଉଁଶ ଜଙ୍ଗଲ ଜଳିପୋଡ଼ି ଛାରଖାର ହେଉଛି। ଏବେ ଦଶପଲ୍ଲା ବନାଞ୍ଚଳର ସାକେଣୀ, ପୋଖରୀଗୋଛା, ଚଢ଼େୟାପଲ୍ଲୀ ସେକ୍ସନ ଅଞ୍ଚଳରେ ବେଧଡ଼କ ଭାବେ ବାଉଁଶ କଟା ହେଉଥିବା ଦେଖିବାକୁ ମିଳିଛି। ଶହଶହ ସଂଖ୍ୟାରେ ବାଉଁଶକୁ କାଟି ଦିନ ଦ୍ୱିପ୍ରହରରେ ଲୁଟ୍ କରାଯାଉଥିବା ବେଳେ ରାସ୍ତା ନିର୍ମାଣ ପାଇଁ ମଧ୍ୟ ବାଉଁଶ ବୁଦାଗୁଡ଼ିକୁ କାଟି ନଷ୍ଟ କରି ଦିଆଯାଉଛି। ଫଳରେ ସରକାରଙ୍କ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି। ଅନ୍ୟପକ୍ଷରେ ପ୍ରତିବର୍ଷ ବନଉନ୍ନୟନ ନିଗମ ପକ୍ଷରୁ ଏସବୁ ବାଉଁଶ ସଂଗ୍ରହ କରାଯାଇ ବିକ୍ରୟ କରାଯାଇଥାଏ। ଓଡ଼ିଶାର ବାଲିଗୁଠ ଓ କୁଣ୍ଢେଇଘାଟ ସମେତ ଆନ୍ଧ୍ରପ୍ରଦେଶକୁ ବାଉଁଶ ରପ୍ତାନି କରାଯାଉଥିଲା। ସେହିଭଳି ଏସବୁ ବାଉଁଶକୁ ଚିଙ୍ଗୁଡ଼ି ଘେରି ହେଉକି ପାନବରଜ ତଥା ଧୂପକାଠି କମ୍ପାନିକୁ ମଧ୍ୟ ପଠାଯାଏ। ମାତ୍ର ଗତ ୨ ବର୍ଷ ହେଲା ବନ ଉନ୍ନୟନ ନିଗମ ଏହି କାର୍ଯ୍ୟରୁ ନିବୃତ ରହୁଥିବା ବିଭାଗୀୟ ଏସ୍‌ଡିଏମ୍ ଶିବାଶିଷ ଦାଶ କହିଛନ୍ତି। ହେଡ୍ ଅଫିସ୍‌ରୁ ଏହାକୁ ଟେଣ୍ଡର ଦିଆଯାଉଛି। ଯାହାକି ଗତ ୨ ବର୍ଷ ହେଲା ରୁମି କେମିକାଲ୍ସ ନାମକ ଏକ ସଂସ୍ଥା ଏହାର ଟେଣ୍ଡର ନେଇ ବାଉଁଶ ସଂଗ୍ରହ କରି ବିଭିନ୍ନ ସ୍ଥାନକୁ ରପ୍ତାନି କରୁଥିବା ବେଳେ ଚଳିତବର୍ଷ ଏହା କାହାରିକୁ ଦିଆଯାଇନଥିବା କହିଛନ୍ତି। ମାତ୍ର ଦିନକୁ ଦିନ ବାଉଁଶ ଚୋରାଚାଲାଣ ହେବାସହ ବହୁ ଗଛକୁ କାଟି ନଷ୍ଟ କରି ଦିଆଯାଉଥିବା ବେଳେ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ହୋଇପଡ଼ିଛି।

## ବାଇକ୍‌ରେ ଆସିଲେ: ଫ୍ଲିପ୍‌କାର୍ଟ ଅଫିସରୁ ଟଙ୍କା ବାକ୍ସ ନେଇ ଚମ୍ପଟ ମାରିଲେ

କଟକ, ୧୩/୧୧ (ନି.ପ୍ର): ଫ୍ଲିପ୍‌କାର୍ଟ ଅଫିସରୁ ବନ୍ଧୁକ ମୁନରେ ଲୁଟିନେଲେ ଟଙ୍କା ବାକ୍ସ। ଘଟଣା ଘଟିଛି କଟକ ଜିଲ୍ଲା ଆଠଗଡ଼ ଥାନା ଅନ୍ତର୍ଗତ ଅଶୋକ ନଗରର ସ୍ଥିତ ଫ୍ଲିପ୍ କ୍ଲାର୍ଟ ଅଫିସରେ। ବାକ୍ସରେ ଲକ୍ଷାଧିକ ଟଙ୍କା ଥିବା ସୂଚନା ରହିଛି। ଆଜି ସକାଳେ ଦୁଇ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଅଶୋକ ନଗରର ସ୍ଥିତ ଫ୍ଲିପ୍ କ୍ଲାର୍ଟ ଅଫିସରେ ପହଞ୍ଚିଥିଲେ। ଏହି ସମୟରେ ଅଫିସରେ ୨ଜଣ କର୍ମଚାରୀ ଥିଲେ। ଦୁଇ ଦୁର୍ବୃତ୍ତ ସେମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ଟଙ୍କା ବାକ୍ସ ନେଇ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ଫ୍ଲିପ୍‌କାର୍ଟ ଅଫିସ ପକ୍ଷରୁ ଥାନାରେ ଅଭିଯୋଗ କରେଯାଇଛି। ଆଠଗଡ଼ ଉଝଚ ଓ ପୁଲିସ୍ ଟିମ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ପୁଲିସ ସିସିଟିଭିକୁ ଆଧାର କରି ଘଟଣାର ତଦନ୍ତ କରୁଛି।

# ଜଙ୍ଗଲ ଭିତରେ କାଠର ପାହାଡ଼ ଠାବ: ବର୍ଷବର୍ଷ ଧରି ଗଛ କଟାଚାଲିଛି, ବିପୁଳ ପରିମାଣର କାଠ ଜବତ



ଓଡ଼ଗାଁ, ୧୩/୧୧ (ନି.ପ୍ର): ସମସ୍ତଙ୍କ ଆଖିରେ ଧୂଳିଦେଇ ପାହାଡ଼ ଭିତରେ ଚାଲିଥିଲା କାଠ ମାଫିଙ୍କ ରାଜ୍। ଦିନ ଦ୍ୱିପହରରେ ମୂଲ୍ୟବାନ ଗଛ କାଟି କରତକଳ ସାହାଯ୍ୟରେ ଚିରି ନିର୍ଦ୍ୱନ୍ଦ୍ୱରେ ସହରକୁ ବୁହା ହେଉଥିଲା। ବର୍ଷ ବର୍ଷ ଧରି ଏପରି ଆଡ଼ା ଜମିଥିଲେ ମଧ୍ୟ ବନ ବିଭାଗ ଟିକେ ବି ସୁରାକ୍ ପାଇନଥିଲା। ଆଜି କୌଣସି ସୂତ୍ରରୁ ଖବରପାଇ ବନ କର୍ମଚାରୀମାନେ ଚଢ଼ଉ କରି କାଠର ପାହାଡ଼କୁ ଠାବ କରିବାରେ ସଫଳ ହୋଇଛନ୍ତି। ପ୍ରକାଶଥାଉକି, ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ରୋହିବାଙ୍କ କଦମଝର ବିଟ୍ ନିକଟସ୍ଥ ଗୟଳସିଂହ ଜଙ୍ଗଲରେ ବହୁଦିନ ଧରି କାଠ କାରବାର ଚାଲିଥିଲା ବେଳେ ଜଙ୍ଗଲରୁ ଶାଳ, ଶାଗୁଆନ, ପଣସ, ଆମ୍ବଗଛ କାଟି ଜଙ୍ଗଲ ଭିତରେ କାଠ କଟା ଯାଉଥିଲା। ଆଜି ଓଡ଼ଗାଁ ବନାଞ୍ଚଳ, ପଞ୍ଚିରିଡ଼ା ବନାଞ୍ଚଳ କର୍ମଚାରୀଙ୍କ ସମେତ ନୟାଗଡ଼ ଏନ୍‌ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ଜଙ୍ଗଲରେ ଚଢ଼ଉ କରି ୨୦ରୁ ଅଧିକ କାଠଗଣ୍ଡି ଜବତ କରିବାରେ ସଫଳ ହୋଇଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଜଙ୍ଗଲ ଭିତରେ ଏତେ ଦିନ ଧରି ଏହି ଆଡ଼ା ଚାଲିଥିଲା ବେଳେ ବନବିଭାଗ ପାଖରେ କିପରି ଖବର ନଥିଲା। କାହା ନିର୍ଦ୍ଦେଶରେ ଏଠାରେ କାଠ କାଟି ଚିରା ଯାଉଥିଲା। ଜଙ୍ଗଲ ମଧ୍ୟରୁ ୫ଖଣ୍ଡ ବିରାଟ ଶାଳ, ୪ଖଣ୍ଡ ଶାଗୁଆନ, ୫ଖଣ୍ଡ ପଣସ, ୨ଖଣ୍ଡ ଆମ୍ବ କାଠଗଣ୍ଡି ଜବତ କରାଯାଇଥିବା ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ ସୂଚନା ଦେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୪୦ହଜାର ଟଙ୍କା ହେବ ବୋଲି ଦର୍ଶାଯାଇଛି। କିନ୍ତୁ ଏହି କାଠ କାହାର ଓ ସେଠାରେ କିଏ କାଠ କାଟୁଥିଲା ସେ ନେଇ ବନବିଭାଗ ନିରବ। କେବଳ ସେତିକି ନୁହଁ, ଓଆର କେସ୍ କାଟିବା ବଦଳରେ ଘଟଣାରେ ୟୁଡି କେସ୍ କଟାଯାଇଛି। ଘଟଣାର ତଦନ୍ତ କରିବା ସହିତ ଏଭଳି ଜଙ୍ଗଲ ମଧ୍ୟରେ ଚାଲିଥିବା ବେଆଇନ କାଠଗୋଲା ଠାବ କରିବାକୁ ସାଧାରଣରେ ଦାବିହେଉଛି। ଚଢ଼ଉରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଶ୍ରୀ ମଲ୍ଲିକଙ୍କ ସମେତ ଫରେଷ୍ଟର ସରିତା ବରାଳ, ଗାର୍ଡ ଦିଲୀପ କୁମାର ପ୍ରଧାନ, ଉଦ୍ଧବ ପ୍ରଧାନ, ବନଶ୍ରୀ ନାୟକ, ମୁରଲୀଧର ରାଉତ, ପଞ୍ଚିରିଡ଼ା ବନ କର୍ମଚାରୀମାନେ ସାମିଲ୍ ଥିଲେ।

# ବାଲୁପାଙ୍ଗା ପ୍ରାଥମିକ ବିଦ୍ୟାଳୟର ବିକଳ ଚିତ୍ର: ୫ଟି ଶ୍ରେଣୀକୁ ଦୁଇଟି କକ୍ଷ, ଦୁଇ ଜଣ ଶିକ୍ଷୟିତ୍ରୀ

ଘୁ.ଉଦୟଗିରି, ୧୩/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବିଭିନ୍ନ ସମୟରେ ଦେଖୁବାକୁ ମିଳୁଛି। ବିଦ୍ୟାଳୟ ଅଛି ପିଲା ଅଛନ୍ତି ହେଲେ ପଢେଇବାକୁ ଶିକ୍ଷକ ନାହାନ୍ତି। ସେଇଭଳି ବିଦ୍ୟାଳୟରେ ପିଲା ବସି ପାଠ ପଢିବା ନିମନ୍ତେ ପର୍ଯ୍ୟାପ୍ତ ଶ୍ରେଣୀ ଗୃହ ନାହିଁ କହିବାକୁ ଗଲେ ଅଧିକାଂଶ ବିଦ୍ୟାଳୟ ନାହିଁ ନାହିଁରେ ଚାଲିଛି। ସର୍ବଶିକ୍ଷା ଅଭିଯାନର ସ୍ଲୋଗାନ ସମସ୍ତେ ପଢିବେ ସମସ୍ତେ ବଢ଼ିବେ ଏହି ସ୍ଲୋଗାନ ସ୍ଲୋଗାନରେ ରହିଯାଇଛି। ପ୍ରାଥମିକ ଶିକ୍ଷା ଏକ ପ୍ରକାର କାମ ଚଳାରେ ଚାଲିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ଏନଏସି ର ୧୩ନଂ ୱାର୍ଡରେ ଅବସ୍ଥିତ ବାଲୁପାଙ୍ଗା ପ୍ରାଥମିକ ବିଦ୍ୟାଳୟର ବିକଳ ଚିତ୍ର ଦେଖିଲେ ଆମ ଜିଲ୍ଲାର ଶିକ୍ଷାର କିଭଳି ଅବସ୍ଥା ରହିଛି ସହଜରେ ଅନୁମାନ କରିହେବ।

ବାଲୁପାଙ୍ଗା ସହରରେ ଅବସ୍ଥିତ ହେଲେ ଏଠି ଥିବା ପ୍ରାଥମିକ ବିଦ୍ୟାଳୟ ଟି ନାହିଁ ନାହିଁ ରେ ଚାଲିଛି। ଏହି ପ୍ରାଥମିକ ବିଦ୍ୟାଳୟରେ ମୋଟ ୫ଟି ଶ୍ରେଣୀ ଥିବା ବେଳେ ୬୬ଜଣ ଛାତ୍ର ଛାତ୍ରୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଛନ୍ତି। ବିଦ୍ୟାଳୟରେ ମାତ୍ର ଦୁଇଟି ଶ୍ରେଣୀ ଗୃହ ଅଛି ଏବଂ ଦୁଇ ଜଣ ଶିକ୍ଷୟତ୍ରୀ କାର୍ଯ୍ୟରତ ଅଛନ୍ତି। ଦୁଇଟି ଶ୍ରେଣୀ ଗୃହରେ ଚାଲିଛି ଅଫିସ ଏବଂ ପିଲାଙ୍କ ପାଠପଢା। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ତିନି ଗୋଟି ଶ୍ରେଣୀର ପିଲା ଗୋଟିଏ କୋଠରୀରେ ବସୁଥିବା ବେଳେ ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ଦୁଇଟି ଶ୍ରେଣୀର ପିଲା ଗୋଟିଏ କୋଠରୀରେ ବସି ପାଠ ପଢୁଥିବା ବିକଳ ଚିତ୍ର ଦେଖିଲେ ମନରେ ପ୍ରଶ୍ନ ଉଠିବ ଏମିତି ବି ପାଠ ପଢା ହେଉଛି। ଏଠି ପାଠ ପଢା ହେଉଛି ନା ଶିକ୍ଷକମାନେ ପିଲାଙ୍କୁ ଜଗୁଆଳି ଭଳି କେବଳ ଯଗି ରହୁଛନ୍ତି ସେନଇ ମଧ୍ୟ ପ୍ରଶ୍ନ ଉଠୁଛି।

ବିଦ୍ୟାଳୟର ଖାଲିଥିବା ଶିକ୍ଷକ ପଦବୀ ଏବଂ ଶ୍ରେଣୀ ଗୃହ ମୁଖ୍ୟ ଏହି ଦୁଇଟି ସମସ୍ୟାକୁ ଛାଡିଦେଲେ ଅନ୍ୟ ସମସ୍ୟା ଗୁଡିକ ହେଲା ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ରୋଷେଇ ନିମନ୍ତେ ରୋଷେଇ ଗୃହ ନାହିଁ ପିଲା ମଧ୍ୟାହ୍ନ ଭୋଜନ ଖାଇବା ନିମନ୍ତେ ବସିବାକୁ ସ୍ଥାନ ନାହିଁ ଖୋଲା ଆକାଶ ତଳେ ପିଲା ମଧ୍ୟାହ୍ନ ଭୋଜନ ଖାଉଥିବା ଦେଖିବାକୁ ମିଳିଛି। ମାଳମାଳ ସମସ୍ୟା ଭିତରେ ସହର ଭିତରେ ଥିବା ଏକ ବିଦ୍ୟାଳୟର ଯଦି ଏହିଭଳି ଅବସ୍ଥା ତାହାହେଲେ ଗ୍ରାମାଞ୍ଚଳର ପ୍ରାଥମିକ ଶିକ୍ଷାର କିଭଳି ସ୍ଥିତି ଏଥିରୁ ସ୍ପଷ୍ଟ ହୋଇଯାଉଛି।

# ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଭାଗ ନେଲେ ବିହନ ସଂଗ୍ରହକାରୀ ଛାତ୍ରୀ ହର୍ଷିତା




ଜୟପୁର, ୧୩/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ପ୍ରକାଶ ଇଂରାଜି ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ହର୍ଷିତା ପ୍ରିୟଦର୍ଶନୀ ମହାନ୍ତି ଭୁବନେଶ୍ୱର ଜନତା ମଇଦାନରେ ଗତ ୯ତାରିଖ ଠାରୁ ଅନୁଷ୍ଠିତ ଦୁଇ ଦିନିଆ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଭାଗ ନେଇଛନ୍ତି। ବିହନ ସଂଗ୍ରହକାରୀ ଛାତ୍ରୀ ହର୍ଷିତା କୋରାପୁଟରୁ ଆଣିଥିବା ମିଲେଟ ପ୍ରଦର୍ଶନୀରେ ପ୍ରଦର୍ଶନ କରିଛନ୍ତି। ଦର୍ଶକମାନେ ତାଙ୍କୁ ଯାହା ପଚାରିଛନ୍ତି, ଏବାବଦରେ କହିଛନ୍ତି। ହର୍ଷିତା ଗତ ସେପ୍ଟମ୍ବରରେ ନୂଆଦିଲ୍ଲୀରେ କୃଷକ ଅଧିକାର ଉପରେ ବିଶ୍ୱ ଆଲୋଚନାଚକ୍ରରେ ଭାଗ ନେଇ ବକ୍ତା ଭାବେ ଯୋଗ ଦେଇ ଜୈବବିବିଧତାର ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସେଭଳି ସେ ବିଭିନ୍ନ ବିହନର ସଂରକ୍ଷଣ କରି ନ ରଖିଲେ ଆଗାମୀ ଦିନରେ ନୂଆ ହାଇବ୍ରିଡ୍ ବିହନ ଏସବୁକୁ ଖାଇଯିବ ବୋଲି ମତ ଦେଇ କୋରାପୁଟଜିଲ୍ଲାକୁ ଗୌରବାନ୍ୱୀତ କରିଥିଲେ। ଏହି ଛାତ୍ରୀ ଜଣକୁ ଏବେ ଓଡ଼ିଶା ମିଲଟ ମିସନ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଆସନ୍ତା ୯ ଓ ୧୦ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଭାଗ ନେବାକୁ ରାଜ୍ୟ ମିଲେଟ ମିସନର ଯୁଗ୍ମ ସଚିବ ଚିଠି ଦେଇଛନ୍ତି। ୧୫୦ପ୍ରକାରର ଦେଶୀ ଧାନ ବିହନ, ୫୩ପ୍ରକାରର ମାଣ୍ଡିଆ ଓ ୭ରକମରର ବାଜରା ସଂଗ୍ରହ କାରୀ ଛାତ୍ରୀ ଭାବେ ହର୍ଷିତାଙ୍କୁ ଏଥି ପୂର୍ବରୁ ରାଜ୍ୟ ପ୍ରମୁଖ କୃଷି ସଚିବ ତଥା ଓଡିଶା ମିଲେଟ ମିଶନର ଅଧକ୍ଷ ଡଃ.ଅରବିନ୍ଦ ପାଢ଼ୀ ସମ୍ବର୍ଦ୍ଧନା ଦେଇ ଚିଠି ବି ଦେଇଥିଲେ।

# ସଫେଇ, ମରାମତିରେ କୋଟିକୋଟି ଖର୍ଚ୍ଚ: ତଥାପି ଶୁଖିଲା ପଡ଼ିଛି କେନାଲ, ବିଲ ଫାଟି ଆଁ



ଗୋପ, ୧୩/୧୧ (ନି.ପ୍ର): ସରକାର ଜଳକର ନେଉଛନ୍ତି ମାତ୍ର ଫସଲ ପାଇଁ ପାଣି ମିଳୁନି। କେନାଲ ସଫେଇ, ଘାସଚଞ୍ଚା, ଘଳିଆମରା, ପ୍ରୋଟେକ୍ସନ ୱାଲ, କେନାଲ କଂକ୍ରିଟ୍ ଲାଇନିଂ ନିର୍ମାଣ ଓ ମରାମତି ନାମରେ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କେନାଲ ତଳ ମୁଣ୍ଡରେ ପାଣି ପହଞ୍ଚି ପାରୁନି। ଫଳରେ କେଉଁଠି ଏକର ଏକର ଚାଷଜମି ପଡ଼ିଆ ପଡୁଛି ତ କେଉଁଠି ପାଣି ଅଭାବରୁ ବିଲ ଫାଟି ଆଁ କଲାଣି। ଆଉ କେଉଁଠି କେନାଲ ଘାଇ ଯୋଗୁ ଜମିରେ ଆଣ୍ଠୁଏ ପାଣି ଜମି ରହୁଛି। ୪ ବର୍ଷ ହେଲା ପାଣି ପଞ୍ଚାୟତ କେନାଲ ସଫେଇ କାର୍ଯ୍ୟରୁ ବାଦ୍ ପଡ଼ିଥିବାରୁ କେନାଲ ସଫେଇ ଓ ମରାମତି ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଉଛି। ମାତ୍ର ଟେଣ୍ଡର ନେଉଥିବା ଠିକାଦାର କେବଳ ଜନଗହଳିପୂର୍ଣ୍ଣ ସ୍ଥାନରେ କେନାଲକୁ ସଫା କରୁଥିବା ବେଳେ ଅନ୍ୟ ସ୍ଥାନ ଯେଉଁ ଅବସ୍ଥାରେ ଥିଲା ସେଇ ଅବସ୍ଥାରେ ଛାଡ଼ି ଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କେନାଲର ଶଯ୍ୟାକୁ ଡ୍ରୋଜର ସାହାଯ୍ୟରେ ସଫାକରାଯଉଥିବାରୁ ଦିନକୁ ଦିନ କେନାଲର ଶଯ୍ୟା ଗଭୀର ହେବାରୁ କ୍ଷୋଠ ଉପରକୁ ପଣି ଉଠୁନି। ଏବେ ଧାନ ଥୋଡ଼ ବାହରିବା ସମୟରେ ପାଣି ଅଭାବରୁ ବିଲ ଶୁଖିଲା ରହିଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ ଯଦି ଏ ସମୟରେ ପାଣି ମିଳୁନି ତେବେ ଧାନ ଫସଲ ନଷ୍ଟ ହେବା ଥୟ। ଏବେ ଏହାକୁ ନେଇ ଚାଷୀମାନେ ଗୋପ ଜଳସଂପଦ ବିଭାଗ କର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସୁଥିବା ବେଳେ କାର୍ଯ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛାଡ଼ିଦେଲେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଦେଖାମିଳୁନି।

ଗୋପ ବ୍ଲକ୍ ଅଧୀନ ତରଙ୍ଗିରା, ସଇଦାବାଦ, ନାଗପୁର, ନେତପୁର, ଷୋଳପୁର, ଚଢ଼େଇଗାଁ, ମଦରଙ୍ଗ ଆଦି ବିଭିନ୍ନ ଅଞ୍ଚଳରେ ଫସଲ ନଷ୍ଟହେବା ଆଶଙ୍କାରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଏହି ଅଞ୍ଚଳଗୁଡ଼ିକ ଗୋପ ଓ ଗଣେଶ୍ୱରପୁର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଅଧୀନରେ ଆସୁଥିବା ବେଳେ କାର୍ଯ୍ୟରତ ଯନ୍ତ୍ରୀ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। କୌଣସି କେନାଲ ପରିଦର୍ଶନ କରିବାକୁ ଯାଉନଥିବା ଅଭିଯୋଗ ହୋଇଛି। ଏପରିକି କେ?ଣସି ସ୍ଥାନରେ ଘଳିଆ କିମ୍ବା ଘାଇ ହେଲେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ସଂପୃକ୍ତ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଉନଥିବା ଅଭିଯୋଗ ହେଉଛି। ତେବେ ଚାଷୀମାନେ ସରକାରଙ୍କୁ ପ୍ରତିବର୍ଷ ଜଳକର ଦେଉଥିବା ବେଳେ କେନାଲ ସଫେଇ ଓ ମରାମତି ପାଇଁ ବିଭାଗ ପକ୍ଷରୁ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା କାହା ସ୍ୱାର୍ଥରେ ବୋଲି ଏବେ ପ୍ରଶ୍ନ ଉଠିଛି। ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗୋପ ଓ ଗଣେଶ୍ୱରପୁର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଯନ୍ତ୍ରୀ ମହେଶ୍ୱର ବେହେରାଙ୍କ ପ୍ରତିକ୍ରିୟା ନେବାକୁ କାର୍ଯ୍ୟାଳୟକୁ ଯିବା ସମୟରେ ସେ ଅନୁପସ୍ଥିତ ଥିବା ବେଳେ ନିମାପଡ଼ା ଉପଖଣ୍ଡ ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏପରି କୌଣସି ଖବର ମିଳିନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ବୋଲି କହିଛନ୍ତି।

# ସମନ୍ୱୟର ଗଣପର୍ବ ଦୀପାବଳି



**କାଳୀଚରଣ ମିଶ୍ର**

ଦୀପ ପ୍ରକାଶର ଦ୍ୟୋତକ । ଦୀପର ଜ୍ୟୋତିକୁ ପରଂବ୍ରହ୍ମ ଜନାର୍ଦ୍ଦନ ଭାବରେ ସନାତନ ଧର୍ମରେ ପରିକଳ୍ପନା କରାଯାଇଛି । ଏଣୁ ସମସ୍ତ ପୂଜାର ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ କରିବାର ବିଧି ରହିଛି । ଦୀପର ପବିତ୍ର ଶିଖାକୁ ଧନସଂପଦ, ଶାନ୍ତି, ଆରୋଗ୍ୟ, ପାପର ବିନାଶ, ଶତ୍ରୁନାଶ, ସର୍ବୋପରି ସମସ୍ତ ପ୍ରକାର ମଙ୍ଗଳ ନିମିତ୍ତ ପ୍ରାର୍ଥନା କରାଯାଇଥାଏ । ଦୀପ ଜ୍ୟୋତି ମନ୍ତ୍ରରେ ଉଲ୍ଲେଖ ରହିଛି:-

ଶୁଭଂ କରୋତି କଲ୍ୟାଣଂ
ଆରୋଗ୍ୟଂ ଧନ ସମ୍ପଦା
ଶତ୍ରୁବୃଦ୍ଧି ବିନାଶାୟ
ଦୀପଜ୍ୟୋତିଃ ନମୋସ୍ତୁତେ
ଦୀପଜ୍ୟୋତିଃ ପରଂବ୍ରହ୍ମ
ଦୀପଜ୍ୟୋତିଃ ଜନାର୍ଦ୍ଦନ
ଦୀପୋହରତୁମେ ପାପଂ
ସନ୍ଧ୍ୟାଦୀପ ନମୋସ୍ତୁତେ ।।

ଦୀପର ଆଲୋକ ଶିଖା ଯେଉଁଭଳି ଉର୍ଦ୍ଧ୍ୱଗାମୀ ହୋଇ ପ୍ରଜ୍ୱଳିତ ହୋଇଥାଏ, ସେ ଭଳି ମନୁଷ୍ୟ ଉନ୍ନତିର ଶିଖର ଦେଶରେ ଉପନୀତ ହେଉ ତାହା ଦୀପ ପ୍ରଜ୍ୱଳନ କରିବାର ଅନ୍ୟଏକ ତାତ୍ତ୍ୱିକ ଭାବ । ଦୀପ ଜ୍ଞାନର ଆଲୋକବର୍ତ୍ତିକା । ଦୀପର ରଶ୍ମୀରେଖା ଶୁଭ ଓ କଲ୍ୟାଣର ପ୍ରତୀକ । ଏହା ଅସତ୍ୟ ଓ ଅନ୍ୟାୟ ରୂପକ ତମସା ଉପରେ ସତ୍ୟ ଓ ନ୍ୟାୟ ରୂପକ ଆଲୋକର ବିଜୟ ପ୍ରଜ୍ୱଳିତ ଦୀପରୁ ଉତ୍ପନ୍ନ ଆଲୋକ ମଣିଷର ଅନ୍ତର୍ନିହିତ ଆଲୋକକୁ ଜାଗ୍ରତ କରିବା ନିମନ୍ତେ ଅଭିପ୍ରେତ ।

ଦୀପାବଳୀର ଅର୍ଥ ହେଉଛି ଦୀପର ଧାଡ଼ି ବା ଦୀପ ସମୂହ । ଦୀପାବଳୀ ପର୍ବକୁ ବିଭିନ୍ନ ଧର୍ମାବଲମ୍ବୀ ମୁଖ୍ୟତଃ ହିନ୍ଦୁ, ଶିଖ୍ ଓ ଜୈନ ମାନେ ବହୁ ଉତ୍ସାହ ତଥା ଉଦ୍ଦୀପନାର ସହ ପାଳନ କରିଥାନ୍ତି । ତୈଳାକ୍ତ ଦୀପ ସମୂହକୁ ପ୍ରଜ୍ୱଳନ କରି, ଗୃହ ତଥା ଗୃହର ଅଗଣାକୁ ରଙ୍ଗବେରଙ୍ଗର ଆଲୋକ ମାଳାରେ ସୁସଜ୍ଜିତ କରି ବିଭିନ୍ନ ରଙ୍ଗର ମୁରୁଜରେ ରଙ୍ଗୋଲି ବୁଣି ଦୀପାବଳୀ ଗଣପର୍ବକୁ ବହୁ ଧୂମ୍‌ଧାମ୍ ଭାବରେ ପବିତ୍ର କାର୍ତ୍ତିକ ମାସର ପ୍ରଥମ ପନ୍ଦରଦିନ ପରେ ପଡୁଥିବା ଅମାବାସ୍ୟା ତିଥିରେ ପାଳନ କରାଯାଇଥାଏ । ଏହି ମହାନ୍ ପର୍ବର ଭିତ୍ତିଭୂମି ବହୁ କାହାଣୀ ଓ କିମ୍ବଦନ୍ତୀ ଉପରେ ପ୍ରତିଷ୍ଠିତ । ତନ୍ମଧ୍ୟରୁ କିଛି ପ୍ରମୁଖ କିମ୍ବଦନ୍ତୀ ଗୁଡ଼ିକ ହେଲା:- ପ୍ରଭୁ ରାମଚନ୍ଦ୍ର ଦୀର୍ଘ ୧୪ବର୍ଷର ବନବାସ ପରେ ଭ୍ରାତା ଲକ୍ଷ୍ମଣ, ପତ୍ନୀ ଜାନକୀଙ୍କ ସହ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ । ଏଥିରେ ଅତ୍ୟୁଲ୍ଲାସ ହୋଇ ଅଯୋଧ୍ୟାବାସୀ ସମଗ୍ର ଅଯୋଧ୍ୟାରେ ଦୀପ ପ୍ରଜ୍ୱଳନ କରି ପ୍ରଭୁ ଶ୍ରୀରାମଙ୍କୁ ସ୍ୱାଗତ କରିଥିଲେ । କଥିତ ଅଛି, ମହାରାଜ ବଳୀ ଅତ୍ୟନ୍ତ ଭକ୍ତିର ସହ ମା' ଲକ୍ଷ୍ମୀଙ୍କୁ ମନ୍ତ୍ରମୁଗ୍ଧ କରି ବୈକୁଣ୍ଠଲୋକକୁ ଫେରିବାକୁ ନ ଦେଇ ନିଜ ରାଜ୍ୟରେ ଆୟତ୍ତ କରି ରଖିଥିଲା ମହାପ୍ରଭୁ ବିଷ୍ଣୁ ତାଙ୍କ ବାମନ ଅବତାରରେ ମା' ମହାଲକ୍ଷ୍ମୀଙ୍କୁ ମହାରାଜ ବଳୀର ବନ୍ଧନରୁ ଉଦ୍ଧାର କରିଥିଲେ । ଏହାର ସ୍ମାରକୀ ସ୍ୱରୂପ ଦୀପାବଳୀ ଉତ୍ସବ ଦିନ ମା' ମହାଲକ୍ଷ୍ମୀଙ୍କର ପୂଜା କରାଯାଇ ଥାଏ । ପ୍ରଭୁ ବିଘ୍ନରାଜ ଗଣେଶଙ୍କୁ ମଧ୍ୟ ସମସ୍ତ ବିଘ୍ନ ବିନାଶନ ନିମନ୍ତେ ପ୍ରାର୍ଥନା କରି ମାତା ଲକ୍ଷ୍ମୀଙ୍କ ସହ ପୂଜନ କରାଯାଇଥାଏ । ରାଜା ବିକ୍ରମାଦିତ୍ୟଙ୍କର ସିଂହାସନାରୋହଣ ଉତ୍ସବର ପାଳନ ସ୍ୱରୂପ ଦୀପାବଳୀ ପ୍ରଜ୍ୱଳନ କରି ଉତ୍ସବ ପାଳିତ ହୋଇଥିଲା । ଦୀପାବଳୀ ପାଳନ ପ୍ରଚ୍ଛଦପଟ୍ଟର ଅନ୍ୟଏକ କାରଣ ହେଲା ଏହିଦିନ ପଞ୍ଚୁପାଣ୍ଡବ ବାରବର୍ଷର ଅଜ୍ଞାତବାସ ସମାପ୍ତି କରି ସ୍ୱ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଜୈନଧର୍ମାବଲମ୍ବୀମାନେ, ପ୍ରଭୁ ମହାବୀରଙ୍କ ନିର୍ବାଣପ୍ରାପ୍ତିର ଦିବସ ଭାବେ ଏହି ପର୍ବକୁ ପାଳନ କରିଥା'ନ୍ତି । ଉକ୍ତ ଦିବସରେ ଷଷ୍ଠ ଶିଖ୍‌ଗୁରୁ ହରଗୋବିନ୍ଦ ସିଂହ ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କ ଠାରୁ ମୁକ୍ତି ପାଇଥିଲେ । ଏତଦ୍‌ବ୍ୟତୀତ ସ୍ୱର୍ଣ୍ଣ ମନ୍ଦିରର ଶିଳାନ୍ୟାସ ଦିବସକୁ ଉଜ୍ଜୀବିତ କରିବା ପାଇଁ ମଧ୍ୟ ଶିଖ୍ ସଂପ୍ରଦାୟ ଦୀପାବଳି ଉତ୍ସବ ପାଳନ କରିଥାନ୍ତି । କେତେକ ବୌଦ୍ଧଧର୍ମାବଲମ୍ବୀ ତତ୍କାଳୀନ ସମ୍ରାଟ୍ ଅଶୋକଙ୍କର ଖ୍ରୀ.ପୂ ୩ୟ ଶତାବ୍ଦୀରେ ବୌଦ୍ଧଧର୍ମରେ ଦୀକ୍ଷିତ ହେବାର ଦିବସକୁ ସ୍ମରଣୀୟ ରଖିବା ନିମନ୍ତେ ଦୀପାବଳି ପର୍ବ ପାଳନ କରିଥାନ୍ତି । ଭାରତବର୍ଷର ବିଭିନ୍ନ ପ୍ରଦେଶରେ ଏହି ଉତ୍ସବ ମୁଖ୍ୟତଃ ପାଞ୍ଚଦିନ ବ୍ୟାପି ହୋଇଥାଏ । ପ୍ରଥମଦିନ ଧନତେରସ୍ ବା ଧନତ୍ରୟୋଦଶୀ । ଉକ୍ତ ଦିବସକୁ ମା ଲକ୍ଷ୍ମୀଙ୍କର ଜନ୍ମଦିନ ଭାବେ ପାଳନ କରାଯାଇଥାଏ । ଲୋକମାନେ ଏହିଦିନ ରୋଷେଇ ଘରର ନୂତନ ଆସବାବ ପତ୍ର, ସୁନା ଅଳଙ୍କାର ପ୍ରଭୃତି କ୍ରୟ କରିଥାନ୍ତି । ବିଶ୍ୱାସ ରହିଛି ଏହିଦିନ ସୁବର୍ଣ୍ଣ ଅଳଙ୍କାର, ନୂତନ ଆସବାବପତ୍ର ପ୍ରଭୃତି କ୍ରୟ କଲେ ସୌଭାଗ୍ୟପ୍ରାପ୍ତି ହୋଇଥାଏ । ଦ୍ୱିତୀୟ ଦିବସକୁ, ନରକ ଚତୁର୍ଦ୍ଦଶୀ, ଛୋଟି ଦିବାଲୀ ବା କାଳୀ ଚୌଦ୍ଦସ ରୂପେ ପାଳନ କରାଯାଇଥାଏ । ଏହି ଦିବସ ପାଳନ ସମ୍ପର୍କରେ ବିଭିନ୍ନ ମତ ରହିଛି । କେତେକ ସୂତ୍ର ଅନୁଯାୟୀ ଉକ୍ତଦିନ ନରକାସୁରକୁ ପ୍ରଭୁ ଶ୍ରୀକୃଷ୍ଣ ବଧ କରିଥିଲେ ଓ ତତ୍‌ପରେ ଶରୀରରୁ ରକ୍ତର ଛିଟାକୁ ଅପସାରିତ କରିବା ନିମିତ୍ତ ତୈଳାକ୍ତ ସ୍ନାନ କରିଥିଲେ । ତେଣୁ ଏହି ତୈଳାକ୍ତ ସ୍ନାନ କରିବାର ପ୍ରଥା ଦକ୍ଷିଣ ଭାରତର କିଛି ସ୍ଥାନରେ ପ୍ରତୀୟମାନ ହୁଏ । ଅନ୍ୟ ମତରେ ପ୍ରଭୁ ବରାହ (ଶ୍ରୀକୃଷ୍ଣ)ଙ୍କ ଅନ୍ୟତମ ଅବତାର) ଓ ଭୂଦେବୀଙ୍କର ଔରସରୁ ଜାତ ନରକାସୁରର ଔଦ୍ଧତ୍ୟରେ ସାରା ବ୍ରହ୍ମାଣ୍ଡ ଅତିଷ୍ଠ ହୋଇପଡ଼ିଥିଲା । ସେ ବ୍ରହ୍ମାଙ୍କଠାରୁ ବରପ୍ରାପ୍ତ ହୋଇଥିଲା ଯେ କେବଳ ତା'ର ମୃତ୍ୟୁ ମାତା ଭୂଦେବୀଙ୍କ ଛଡ଼ା ଅନ୍ୟ କାହା ହସ୍ତରେ ହେବନାହିଁ । ପ୍ରଭୁ ଗୋଲକନାଥ ଶ୍ରୀକୃଷ୍ଣଙ୍କ ରୂପରେ ଜନ୍ମନେଇ ନରକାସୁର ସହ ଯୁଦ୍ଧ କରିଥିଲେ । ତତ୍ ପରନ୍ତୁ ଏହି ଯୁଦ୍ଧରେ ସାମାନ୍ୟ ରୂପେ ଆଘାତ ପ୍ରାପ୍ତ ହୋଇଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଭୂଦେବୀଙ୍କର ଅବତାର ସତ୍ୟଭାମାଙ୍କର ବିସ୍ମରଣ ହୋଇଥିଲା ଯେ ନରକାସୁର ତାଙ୍କର ପୁତ୍ର । ପରିଶେଷରେ ତାଙ୍କରି ହସ୍ତରେ ନରକାସୁରର ଅନ୍ତ ହୋଇଥିଲା । ମୃତ୍ୟୁ ପୂର୍ବରୁ ନରକାସୁର ମାତା ସତ୍ୟଭାମାଙ୍କ ନିକଟରୁ ବରପ୍ରାପ୍ତ ହୋଇଥିଲା ଯେ ସେ ଜନମାନସରେ ଚୀର ଉଜ୍ଜୀବିତ ହୋଇ ରହିବା ନିମନ୍ତେ ଉକ୍ତ ଦିବସକୁ ଅତି ଆକର୍ଷଣୀୟ ଢଙ୍ଗରେ ପାଳିତ ହେବ । ପଶ୍ଚିମବଙ୍ଗ, ତ୍ରିପୁରା, ଓଡ଼ିଶା, ଆସାମ ଇତ୍ୟାଦି ବହୁ ଉତ୍ତରପୂର୍ବ ରାଜ୍ୟ ସମୂହରେ ଏହିଦିନ ମା' କାଳୀଙ୍କର ପୂଜାର ବିଧି ରହିଛି । ପୌରାଣିକ ପୃଷ୍ଠଭୂମି ଉପରେ ଆଧାରିତ ତଥ୍ୟରୁ ଜଣାଯାଏ ଯେ ଶୁମ୍ଭ ନିଶୁମ୍ଭ ଭଳି ଦୁର୍ଦ୍ଦାନ୍ତ ରାକ୍ଷାସ ମାନଙ୍କୁ ନିହତ କରିବା ପରେ ମହାଶକ୍ତି କ୍ରୋଧିତା କରାଳ ବଦନା କାଳୀ ସ୍ୱରୂପା ରକ୍ତବୀଜ ରାକ୍ଷାସର ରକ୍ତକୁ ସଂପୂର୍ଣ୍ଣ ରୂପେ ପାନ କରିବା ପରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ନିଃଶେଷ କରିବା ନିମନ୍ତେ ଅଗ୍ରସର ହେଲେ । ଏହି ସମୟରେ ନୀଳକଣ୍ଠ ଶିବଶଙ୍କର, ମାତାଙ୍କୁ ଏଥିରୁ ନିବୃତ୍ତ ହୋଇ ଶାନ୍ତ ସ୍ୱରୂପକୁ ପ୍ରତ୍ୟାବର୍ତ୍ତନ କରିବା ନିମିତ୍ତ ପ୍ରଚେଷ୍ଟା କରି ତାଙ୍କ ସମ୍ମୁଖସ୍ତ ହେବା ପରେ ମା' ଶ୍ୟାମା, ଶିବଙ୍କ ବକ୍ଷଦେଶରେ ପଦାର୍ପଣ କରିଥିଲେ ଓ ପରବର୍ତ୍ତୀ ପର୍ଯ୍ୟାୟରେ ମହାଦେବଙ୍କ ସ୍ତୁତିରେ ମୁଗ୍ଧ ହୋଇ ଶାନ୍ତ ହୋଇଥିଲେ । କଥିତ ଅଛି ପଶ୍ଚିମବଙ୍ଗର ତାବିକ କ୍ରିଷ୍ଣାନନ୍ଦ ମାତା ମହାଶକ୍ତିଙ୍କୁ କାଳୀରୂପରେ ପୂଜା କରିବାର ସ୍ୱପ୍ନାଦେଶ ପାଇବା ପରେ ୧୭ଶ ଶତାବ୍ଦୀରେ ମା' କାଳୀଙ୍କର ପୂଜା ଅର୍ଚ୍ଚନା ଦୀପାନ୍ୱିତ ଅମାବାସ୍ୟାଠାରୁ ପ୍ରାରମ୍ଭ କରିଥିଲେ । ଦୀପାବଳୀ ପାଳନର ପରବର୍ତ୍ତୀ ଦିନ ବହୁ ରାଜ୍ୟରେ ଗୋବର୍ଦ୍ଧନ ପୂଜା କରାଯାଇଥାଏ । ଏହା ଗୋକୁଳବାସୀଙ୍କୁ ଇନ୍ଦ୍ରଙ୍କ କବଳରୁ ପ୍ରଭୁ ଶ୍ରୀକୃଷ୍ଣ ରକ୍ଷାକରି ଦେବରାଜ ଇନ୍ଦ୍ରଙ୍କୁ ପରାଜୟ କରିବାର ଗୌରବାନ୍ୱିତ ଘଟଣାକୁ ସ୍ମରଣ କରି ପାଳନ କରାଯାଇଥାଏ । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ମହାଦାନୀ ରାଜା ବଳୀଙ୍କର ଆତ୍ମାଭିମାନକୁ ଚୂର୍ଣ୍ଣ କରିବା ନିମିତ୍ତ ବାମନ ଅବତାରରେ ପ୍ରଭୁ ଚକ୍ରପାଣି ତାଙ୍କ ମଥା ଉପରେ ଏକ ପାଦ ରଖି ପାତାଳ ଗର୍ଭକୁ ଚାପି ଦେଇଥିଲେ । କଥିତ ଅଛି ପ୍ରଭୁ ଶ୍ରୀକୃଷ୍ଣଙ୍କ ଅମରତ୍ୱ ବରଦାନ ପ୍ରକାରାନ୍ତେ ରାଜା ବଳୀ ଏହିଦିନ ବର୍ଷକୁ ଥରେ ପୃଥିବୀ ଲୋକକୁ ପଦାର୍ପଣ କରିଥାନ୍ତି । ଏହି ବାର୍ଷିକ ପୃଥିବୀ ପ୍ରତ୍ୟାବର୍ତ୍ତନକୁ ଗୋବର୍ଦ୍ଧନ ପୂଜାର ପରବର୍ତ୍ତୀ ଦିନ ବଳୀ ପ୍ରତିପଦା ଭାବେ ପାଳନ କରାଯାଇଥାଏ । ତତ୍‌ପରଦିନ ଭାଇଦୁଜ୍ ଉତ୍ସବ ପାଳନ କରାଯାଇଥାଏ । ଭାଇଦୁଜ୍ ପାଳନ ଅବସରରେ ବିବାହିତା ଭଉଣୀମାନଙ୍କ ଗୃହକୁ ଭାଇମାନେ ଯାତ୍ରାକରିଥାନ୍ତି । ଭଉଣୀମାନେ ଭାଇମାନଙ୍କ ମଥାରେ ଟିକାଦେଇ, ମଙ୍ଗଳ ତଥା ଦୀର୍ଘାୟୁ କାମନା କରିଥାନ୍ତି । ଏହି ଉତ୍ସବକୁ ବିଭିନ୍ନ ରାଜ୍ୟରେ ଭ୍ରାତୃଦ୍ୱିତୀୟା, ଭାଇବିଜ୍, ଭାଇ ଜିଉନ୍ତିଆ, ଭାଇଟିକା ଭାଇଫୋଟା ଇତ୍ୟାଦି ନାମରେ ପାଳନ କରାଯାଇଥାଏ । ଉକ୍ତ ଦିବସକୁ ଯମଦ୍ୱିତୀୟା ଭାବରେ ମଧ୍ୟ ପାଳନ କରାଯାଇଥାଏ । କଥିତ ଅଛି ମୃତ୍ୟୁର ଦେବତା ଯମକୁ ତାଙ୍କର ଭଉଣୀ ଯମୁନା ଗୃହକୁ ନିମନ୍ତ୍ରଣ କରି ବହୁ ଆଦର ସହ ଅଭ୍ୟର୍ଥନା କରିଥିଲେ । ଏଥିରେ ସନ୍ତୁଷ୍ଟ ହୋଇ ଯମରାଜ ନିଜର ଭଉଣୀଙ୍କୁ ଚିରକାଳ ସଧବାତ୍ୱର ବରପ୍ରଦାନ କରିଥିଲେ । ଏହି ଉତ୍ସବ ଭାଇ ଓ ଭଉଣୀ ମଧ୍ୟର ସନ୍ନିହିତ ନିବିଡ଼ ସ୍ନେହ, ଶ୍ରଦ୍ଧା ଓ ଅନାବିଳ ପ୍ରେମର ଗାଥା ବହନ କରିଥାଏ । ଉକ୍ତ ଦିନ ମୃତ୍ତିକାର ତୈଳାକ୍ତ ଦୀପକୁ ସଂପୂର୍ଣ୍ଣ ରାତ୍ରିରେ ପ୍ରଜ୍ୱଳିତ ରଖି ଯମରାଜଙ୍କୁ ଅକାଳ ମୃତ୍ୟୁରୁ ରକ୍ଷା ନିମିତ୍ତ ପ୍ରାର୍ଥନା କରାଯାଇଥାଏ । କେତେକ ମତରେ ଧନ୍‌ତେରସ୍ ପାଳନ ପରିପ୍ରେକ୍ଷୀରେ ସମୁଦ୍ର ମନ୍ଥନରୁ ଜାତ ବେଦ ବୈଦ୍ୟ ଭଗବାନ ଧନ୍ୱନ୍ତରୀଙ୍କ ଜନ୍ମ ଉତ୍ସବ ରୂପେ ଆରେଗ୍ୟ ତଥା ସୁସ୍ଥ ନିରାମୟ ଜୀବନ କାମନା କରାଯାଇ ମଧ୍ୟ ତାଙ୍କର ପୂଜନ କରାଯାଇଥାଏ । ଓଡ଼ିଶାରେ ଦୀପାବଳୀ ରାତ୍ରରେ କାଉଁରୀ କାଠି ଜାଳି ପିତୃପୁରୁଷଙ୍କୁ ଅନ୍ଧାରରେ ଆସି ଆଲୋକରେ ପ୍ରତ୍ୟାବର୍ତ୍ତନ କରିବା ନିମନ୍ତେ ନିବେଦନ କରି କୁହାଯାଇଥାଏ:-

'ବଡ଼ ବଡୁଆ ହୋ ଅନ୍ଧାରରେ ଆସ,
ଆଲୁଅରେ ଯାଅ, ବାଇସି ପାହାଚରେ ଗଡ଼ଗଡ଼ାଉ ଥାଅ' ।

ପ୍ରବାଦ ଅନୁଯାୟୀ ପିତୃପକ୍ଷର ଅନ୍ଧକାର ଭିତରେ ପିତୃପୁରୁଷମାନେ ଧରାପୃଷ୍ଠକୁ ଆଗମନ କରିଥାନ୍ତି । ତେଣୁ ତାଙ୍କ ପ୍ରତ୍ୟାବର୍ତ୍ତନର ରାସ୍ତାକୁ ତମସାମୁକ୍ତ କରିବା ନିମନ୍ତେ କାଉଁରୀ କାଠି ଜାଳି ଆଲୋକ ପ୍ରଦାନ

କରାଯାଇଥାଏ । ସେ ଯାହା ହେଉନା କାହିଁକି, ପ୍ରକାଶର ଏ ଗଣପର୍ବ ବିଭିନ୍ନ ସଂପ୍ରଦାୟ ଧର୍ମ ତଥା ଜନଗଣଙ୍କ ଭିତରେ ସନ୍ନିହିତ ଅନେକ ବିବିଧତା ମଧ୍ୟରେ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧିରଖିଛି, ଏହା ଅନସ୍ୱୀକାର୍ଯ୍ୟ । ଏହି ମହାନ୍ ଉତ୍ସବ ଆମ ସମସ୍ତଙ୍କୁ ଅନ୍ଧକାରରୁ ଆଲୋକର ପଥକୁ, ଅସତ୍ୟରୁ ସତ୍ୟପଥକୁ ନେଇଚାଲୁ ଏତିକି କାମ୍ୟ ।

ଓଁ ଅସତୋମା ସଦ୍‌ଗମୟ,
ତମସୋମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମାଂ ଅମୃତ୍‌ଗମୟ,
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।।

ଅତିରିକ୍ତ ଆଇନ୍ ପରାମର୍ଶଦାତା
ସି.ବି.ଆଇ.(ଅ.ପ୍ରା)
ମୃତ୍ୟୁଞ୍ଜୟନିବାସ, ପ୍ଲଟ୍ ନଂ୬୭/୩୫୨/
୮୪୩, ଦିବ୍ୟବିହାର, ଲେନ୍-୭(ଏ)
ସାମନ୍ତରାପୁର, ଭୁବନେଶ୍ୱର,
ମୋ.୭୮୭୩୭୭୮୮୪୭

# ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ

**ବିଶ୍ୱବିଜୟୀ ଦାଶ**

ପ୍ରତ୍ୟେକ ବର୍ଷ ଭାରତବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମଦିନ ନଭେମ୍ବର ୧୪ ତାରିଖକୁ ଶିଶୁ ଦିବସ ରୂପେ ପାଳନ କରାଯାଇଥାଏ ।

ଦେଶର କୋଣ ଅନୁକୋଣରେ, ପଲ୍ଲୀଠୁ ଦିଲ୍ଲୀ ସବୁଠି ଶିଶୁଦିବସକୁ ଆନନ୍ଦର ସହ ପାଳନ କରାଯାଇଥାଏ । ଶିଶୁଙ୍କ ଅଧିକାର, ଦାୟିତ୍ୱ ଓ ଶିକ୍ଷା ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ସମଗ୍ର ଦେଶ ପାଳୁଛି ଏହି ମହାନ ଦିବସ । ଦେଶର ପ୍ରତ୍ୟେକ ବିଦ୍ୟାଳୟରେ ଏହି ମହାନ ଦିବସ ପାଇଁ କରାଯାଇଥାଏ ସ୍ୱତନ୍ତ୍ର ବ୍ୟବସ୍ଥା ।

ଭଗବାନଙ୍କ ସୁନ୍ଦର ସୃଷ୍ଟିରେ ଶିଶୁଟିଏ ଅମୃତ ସଦୃଶ୍ୟ ।ଜୀବନ ସଂଗଠନରେ ଶିଶୁର ଭୂମିକା ଯେତେ ପ୍ରଭାବଶାଳୀ ହୁଏ, ସମାଜ ଓ ଦେଶର ଭବିଷ୍ୟତ ସେତେ ଉଜ୍ଜ୍ୱଳ ହୁଏ । ଆଜିର ଶିଶୁ ଭବିଷ୍ୟତରେ ଦେଶର ନାଗରିକ ଟିଏ ହୋଇଥାଏ । ତା'ର ସରଳ ନିଷ୍ପାପ ହସରେ, ଚାଲିରେ, ଛନ୍ଦ କପଟ ହୀନତାର ସମାହାର ତାକୁ ବାଟ କଢ଼େଇ ନିଏ ଆଗକୁ ଆଗକୁ । ଶିଶୁ କେବଳ ବାପା, ମାଆ ବା ନିଜ ଆତ୍ମୀୟଙ୍କର ନୁହେଁ, ସେ ସମସ୍ତଙ୍କର ପ୍ରିୟ । ସ୍ନେହ ଶ୍ରଦ୍ଧାର ପାତ୍ର ସଦାବେଳେ ଶିଶୁଟିଏ ହୋଇଥାଏ ।ଭଗବାନଙ୍କ ପ୍ରଦତ୍ତ ସ୍ନେହ ଶ୍ରଦ୍ଧାର ଏକ ବଡ଼ ଭାଗ ଶିଶୁ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥାଏ ।

ଶିଶୁଟିଏ ବଡ଼ ହେଲା ପରେ ସମାଜ ନିର୍ମାଣ ରେ ସକ୍ରିୟ ଅଂଶ ଗ୍ରହଣ କରିଥାଏ ।ଶିଶୁର ସରଳତା, କପଟହୀନତା ଓ ଈର୍ଷା ଶୂନ୍ୟତା ହେଉଛି ଈଶ୍ୱରଙ୍କ ମହାର୍ଘ୍ୟଦାନ । ଗଭୀର ସ୍ନେହ,ସୌହାର୍ଦ୍ଦ୍ୟ ଭିତରେ ପରିବାରରେ ପିଲାଟି ବଢ଼ି ତା'ର ଶାରୀରିକ,ମାନସିକ ଓ ନୈତିକ ଜୀବନର ମୂଳଦୁଆ ପଡ଼ିଥାଏ । ପରବର୍ତ୍ତୀ ଜୀବନରେ ପରିବାରର ପ୍ରଭାବ ତା'ର ଜୀବନଧାରାକୁ ସଂଚ଼ାଳିତ କରିଥାଏ ।ପରିବାର ଭିତରୁ ହିଁ ସେ ଜୀବନର ମଧୁରତା ସଂଗ୍ରହ କରିଥାଏ ।ଏକ ଶାନ୍ତ, ସୁସଂପନ୍ନ, ସ୍ନେହାସିକ୍ତ ପରିବାରରେ ବଢ଼ିଥିବା ଶିଶୁଟିଏ ଭବିଷ୍ୟତର ସୁନାଗରିକ ଓ ସୁସଂହତ ସମାଜ ସଂଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

ଶିଶୁ ଅନୁକରଣ ପ୍ରିୟ । କେବଳ ଉପଦେଶ ଦେଲେ ବା ବୁଝାଇଲେ ଯାହା ହୋଇପାରେନା ତାକୁ କାର୍ଯ୍ୟରେ କରି ଦେଖାଇଲେ ତାହା ଶିଶୁର ମନକୁ ଛୁଇଁଯାଏ । ତେଣୁ ଶିଶୁ ଉପଯୁକ୍ତ ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇ ଭବିଷ୍ୟତରେ ସମାଜରେ ପ୍ରତିଷ୍ଠିତ ହୋଇଥାଏ । ଶିଶୁଟି ଜାତିର ଭବିଷ୍ୟତ ପାଇଁ ସ୍ନେହ, ଶ୍ରଦ୍ଧା, ସହାନୁଭୂତି ଓ ଉଚ୍ଚନୈତିକ ମୂଲ୍ୟବୋଧ ଶିକ୍ଷା ଦେବାର ଆବଶ୍ୟକତା ପଡ଼େ । ସେମାନଙ୍କ ପ୍ରତି ଏକ ସ୍ୱତନ୍ତ୍ର ଦାୟିତ୍ୱବୋଧ ରହିଲେ ଭବିଷ୍ୟତରେ ସେମାନେ ପରିପୂର୍ଣ୍ଣ ରୂପେ ବିକଶିତ ହୋଇ ସୁନାଗରିକ ହୋଇପାରିବେ । ଶିଶୁ ମାନେ ହେଉଛନ୍ତି ଦେଶର ଶକ୍ତି ଓ ପ୍ରଗତିର ସୂତ୍ରଧର । ଆଜିର ଯିଏ ଶିଶୁ, ଭବିଷ୍ୟତରେ ସେ ଦେଶର ନାଗରିକ ଓ ଦେଶ ଗଠନର କର୍ଣ୍ଣଧାର । ଆଜି ପବିତ୍ର ଶିଶୁ ଦିବସ ଅବସରରେ ସମସ୍ତ ଶିଶୁ ମାନଙ୍କୁ ସ୍ନେହ ଭରା ଶୁଭେଚ୍ଛା ।

ବାଣପୁର, ଖୋର୍ଦ୍ଧା- ୭୫୨୦୩୫
ମୋ: ୬୩୭୦୨୦୮୪୨୮

# ଶିଶୁଙ୍କର ବି ଅଧିକାର ଅଛି



**ସୌର ଚନ୍ଦ୍ର ମହାପାତ୍ର**

ବିଶ୍ୱର ଅନେକ ରାଷ୍ଟ୍ରରେ ବର୍ଷର ଭିନ୍ନ ଭିନ୍ନ ଦିନରେ ଶିଶୁ ଦିବସ ପାଳନ କରାଯାଏ । ୨୩ ଏପ୍ରିଲ ୧୯୨୦ରେ ତୁର୍କିରୁ ପ୍ରଥମ ଥର ପାଇଁ ଶିଶୁ ଦିବସ ପାଳନ ଆରମ୍ଭ ହୋଇଥିଲା । ତାହା ଦେଖି ଅନେକ ରାଷ୍ଟ୍ର ଶିଶୁ ଦିବସ ପାଳନ କରିବା ନିମନ୍ତେ ଆଗ୍ରହୀ ହୋଇ ଦିନ ସ୍ଥିର କରିଥିଲେ । ପ୍ରତି ବର୍ଷ ଜୁନ୍ ୧ ତାରିଖରେ ପାଳନ କରାଯାଏ ଅନ୍ତର୍ଜାତୀୟ ଶିଶୁ ଦିବସ । ସେହିପରି ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଏ ନଭେମ୍ବର ୨୦ରେ । ଭାରତ ବର୍ଷରେ ୧୪ ନଭେମ୍ବରରେ ଶିଶୁ ଦିବସ ପାଳନ କରାଯାଉଛି ।

ଅଧିକାଂଶ କ୍ଷେତ୍ରରେ ଖୋଲାଖୋଲି ଭାବରେ ଶିଶୁ ଅଧିକାର ଉଲ୍ଲଘଂନ କରାଯାଉଛି । କମ୍ ବୟସର ପିଲାମାନଙ୍କ ହାତରେ ମଦ, ସିଗାରେଟ ଓ ଅନ୍ୟ ମାଦକ ଦ୍ରବ୍ୟ ପହଞ୍ଚି ଯାଉଛି । ପିଲାଙ୍କୁ ଶାରୀରିକ ଶୋଷଣ ଓ ଅପହରଣ ପରି ଘଟଣା ପ୍ରତିଦିନ ଘଟୁଛି । ଭାରତରେ ୪ଲକ୍ଷ ଶିଶୁ ବାଳଶ୍ରମିକ ଭାବରେ ସଂଗଠିତ କ୍ଷେତ୍ରମାନଙ୍କରେ କାମ କରୁଛନ୍ତି । ଏମାନଙ୍କୁ ସ୍କୁଲ ଯିବାର କିମ୍ବା ବିକାଶର ସୁଯୋଗ ମିଳିନି । ପିଲାମାନଙ୍କୁ ଅଧିକାରକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ବରଂ ସମସ୍ତେ ପିଲାଙ୍କ ଉପରେ ନିଜର ଅଧିକାର ସାବ୍ୟସ୍ତ କରନ୍ତି । ରେଳଯାତ୍ରା ଠାରୁ ଆରମ୍ଭ କରି ସ୍କୁଲ ମାନଙ୍କ ଭରଣ-ପୋଷଣ ପ୍ରତ୍ୟେକ ସ୍ଥାନରେ ପିଲାଙ୍କ ଅଧିକାରକୁ ଅଣଦେଖା କରାଯାଏ । ପିଲାମାନଙ୍କର ଅଧିକାର କ'ଣ ଏବଂ କେମିତି ଏହାର ସୁରକ୍ଷା କରାଯିବ ଆସନ୍ତୁ ସେ ସମ୍ପର୍କରେ ଜାଣିବ ।

କ'ଣ ଅଛି ଅଧିକାର : ମିଳିତ ଜାତିସଂଘ ଦ୍ୱାରା ଶିଶୁ ଅଧିକାର ବୁଝାମଣାରେ ସବୁ ସଦସ୍ୟ ଦେଶ ହସ୍ତାକ୍ଷର କରିଛନ୍ତି । ଭାରତ ଏହି ଦେଶଗୁଡ଼ିକ ମଧ୍ୟରେ ସାମିଲ । ଏହା ବ୍ୟତୀତ ଭାରତୀୟ ସମ୍ବିଧାନ ଏବଂ ଟାଇଟ-ଟୁ ଏଜୁକେସନ୍ ପରି ଅଧିକାର ପିଲା ମାନଙ୍କ ହିତ ଓ ଅଧିକାର ରକ୍ଷା ପର୍ଯ୍ୟନ୍ତ ଅନେକ ବ୍ୟବସ୍ଥା ରଖିଛନ୍ତି । ଏହା ଅନୁଯାୟୀ -

◆ସବୁ ଶିଶୁଙ୍କ ପାଇଁ ଉନ୍ନତ ଓ ଜରୁରୀ ଚିକିତ୍ସା ସୁବିଧା (ଟୀକା ଆଦି), ବିଶୁଦ୍ଧ ଜଳ, ପୁଷ୍ଟିକର ଖାଦ୍ୟ, ସୁସ୍ଥ ବାତାବରଣ ଆବଶ୍ୟକ । ଏ ସୁବିଧା ଉପଲବ୍ଧ କରାଇବା ସରକାରଙ୍କ ଦାୟିତ୍ୱ ।

◆୧୪ ବର୍ଷ ପର୍ଯ୍ୟନ୍ତ ବୟସର ସବୁ ପିଲାଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥା ।

◆ସ୍କୁଲରେ ପିଲାମାନଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ କରାଯିବା ସହ ଏପରି କିଛି କରାଯିବ ନାହିଁ ଯେଉଁଥିରେ ସେମାନଙ୍କର ସମ୍ମାନ ନଷ୍ଟ ହେବ ।

◆ନିଜ ପରିବାରର ଭାଷା ଓ ଚାଲିଚଳନ ଶିଖିବା ଶିଶୁମାନଙ୍କର ଅଧିକାର । ଯେଉଁ ପରିବାର ନିଜ ପିଲାଙ୍କ ଭରଣପୋଷଣ କରି ନପାରିବେ, ସେମାନଙ୍କୁ ଆର୍ଥିକ ସହାୟତା ଉପଲବ୍ଧ କରାଇବା ସରକାରଙ୍କ ଦାୟିତ୍ୱ ।

◆ଶିଶୁ ମାନଙ୍କୁ ଶାରୀରିକ ଶୋଷଣ ଓ ବିପଦଜନକ ଡ୍ରଗ୍‌ସରୁ ଦୂରରେ ରଖିବା ଓ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ମାତା-ପିତାଙ୍କ ସହ ସରକାରଙ୍କ ବି ଦୟିତ୍ୱ ।

◆ରାଇଟ୍ ଟୁ ଏଜୁକେସନ୍ ଆକ୍ଟ - ୨୦୦୯ ଅନୁଯାୟୀ ଉପଯୁକ୍ତ ରେକର୍ଡ଼ ଅଭାବରୁ କୌଣସି ଶିଶୁର ଆଡ଼ମିଶନ ବନ୍ଦ କରାଯାଇ ପାରିବ ନାହ ।

◆ଆଡ଼ମିଶନ ନାମରେ ପିଲାଙ୍କ ପରୀକ୍ଷା ନିଆଯାଇପାରିବ ନାହିଁ ।

◆ଆଡ଼ମିଶନ ଅବଧି ଶେଷ ହୋଇଯାଇଛି ଦର୍ଶାଇ କୌଣସି ଶିଶୁଙ୍କ ନାମଲେଖା ବନ୍ଦ କରାଯାଇପାରିବ ନାହିଁ ।

◆ସବୁ ପ୍ରାଇଭେଟ୍ ସ୍କୁଲ ନିଜର ସମୁଦାୟ ସିଟ୍‌ର ୨୫ ପ୍ରତିଶତ ଆର୍ଥିକ ଦୁର୍ବଳ ଓ ପଛୁଆ ଶ୍ରେଣୀର ପିଲାଙ୍କ ପାଇଁ ରିଜର୍ଭ ରଖିବେ । ଏହି ଶ୍ରେଣୀର ଗୋଟିଏ ବି ସିଟ୍ ଖାଲି ରହିବ ନାହିଁ । ଏଥିରେ ପ୍ରଥମେ ଆସିବା ଆଧାରରେ ଆଡ଼ମିଶନ ଦିଆଯିବ ।

◆ପିଲାଙ୍କ ସହ ସମ୍ପର୍କିତ କୌଣସି ବିଷୟରେ ନିର୍ଣ୍ଣୟ ନେବା ପୂର୍ବରୁ ସେମାନଙ୍କର ଇଛା ଜାଣିବା ଦରକାର ।

◆ଛୋଟ ପିଲା କୌଣସି ଅପରାଧ କଲେ ସେମାନଙ୍କୁ କଠୋର ଦଣ୍ଡ ଦିଆଯାଇପାରିବ ନାହିଁ ।

◆କୌଣସି ଶିଶୁ ଅପହୃତ ହେଲେ ତା'ର ସୁରକ୍ଷା ସୁନିଶ୍ଚିତ କରାଇବା ସରକାରଙ୍କ ଦାୟିତ ।

◆୧୪ବର୍ଷରୁ କମ୍ ବୟସର କୌଣସି ଶିଶୁକୁ ଫ୍ରାକ୍ଟ୍ରି, ମାଇନ୍ସ ଓ ଅନ୍ୟ କୌଣସି ବିପଜ୍ଜନକ ସେବାରେ ଲଗାଇ ହେବନି ।

ଶିଶୁ ଅଧିକାର ଉଲ୍ଲଘଂନ ହେଉଥିବା ଦେଖିଲେ ପ୍ରଥମେ ସେହି ଅନୁଷ୍ଠାନରେ ଲିଖିତ ବିରୋଧ ଜଣାଇବା ଆବଶ୍ୟକ । ସ୍କୁଲରେ ଅଧିକାର ଉଲ୍ଲଘଂନ ହେଉଥିଲେ ଶିକ୍ଷା ନିର୍ଦ୍ଦେଶକ, ଟ୍ରେନ୍‌ରେ ଟିଟି ଓ ଅନ୍ୟାନ୍ୟ ସ୍ଥାନରେ ସେହି ଅନୁଷ୍ଠାନର ପ୍ରମୁଖଙ୍କୁ ଲିଖିତ ଅଭିଯୋଗ ଜଣାଇ ଦିଆଯିବା ଉଚିତ । ଏହା ବ୍ୟତୀତ ଶିଶୁ ଆୟୋଗଙ୍କ ପାଖରେ ମଧ୍ୟ ଅଭିଯୋଗ କରିହେବ ।

+ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,
ସେକ୍ଟର-୬, କଟକ

## ଚାଚାଜୀ

**ସୁଧାଂଶୁ ଶେଖର ଦ୍ୱିବେଦୀ**

ପରିବାର ମଧ୍ୟେ ଅତି ଗେହ୍ଲା ପୁଅ
ସଭିଙ୍କର ସେ ଆପଣାର,
ଝିଅ ବଦଳରେ ପୁଅଟେ ଜନ୍ମିଲା
ନାଁ ଅଟେ ତା'ର ଜବାହାର ।

ପିଲାଟି ଦିନରୁ ଦେଶ ସେବା ପାଇଁ
ହେଉଥିଲା ସେ ଆଗଭର
କରିଲା ସଭା,ଗଢ଼ିଲା ସମିତି
ସଭିଙ୍କୁ କରିଲା ନିଜର ।

ମହାତ୍ମା ଗାନ୍ଧୀଙ୍କ ଅସହଯୋଗରେ
ଯୋଗଦେଇ ହେଲା ଲିଡ଼ର,
ଅହିଂସା ଲଢେଇ ଚାଲିଲା ତେଣିକି
ବିଦେଶୀଙ୍କୁ ହେଲା କମ୍ପଜ୍ୱର ।

ଶେଷରେ ସେମାନେ ଭାରତ ଛାଡିଲେ
ପାଇଲୁ ଆମେ ସ୍ୱାଧୀକାର,
ପ୍ରଥମ ପ୍ରଧାନମନ୍ତ୍ରୀ ହେଲା ପୁଣି
ଗେହ୍ଲାପୁଅ ଆମ ଜବାହାର ।

ଦେଶ ଜନତାଙ୍କ ଉନ୍ନତି ପଥରେ
ଯୋଜନା କରିଲା ବାରମ୍ବାର,
କଳ, କାରଖାନା, ବନ୍ଧ ଓ ବିଜୁଳି
କରାଇଛି ଦେଶ ପ୍ରଗତିର ।

ପିଲାମାନଙ୍କର ଆପଣାର ସିଏ
ଚାଚାଜୀ ଉପମା ଯାହାର,
ତାଙ୍କରି ଜୟନ୍ତୀ ପାଳନ୍ତି ସଭିଏଁ
ଚଉଦ ତାରିଖ ନଭେମ୍ବର ।

ବିସି-୭୪,ସଲଟ ଲେକ,କଲକାତା-୬୪
ମୋ-୯୬୮୧୩୭୩୫୧୨

# ରାଷ୍ଟ୍ର-ନିର୍ମାତା ନେହରୁ ଓ ଶିଶୁ ଦିବସ



**ଡ଼ଃ.ଅରୁନ୍ଧତୀ ଦେବୀ**

ପଣ୍ଡିତ ଜବାହରଲାଲଙ୍କର ପୂର୍ବଜମାନେ ଥିଲେ କାଶ୍ମୀରର ମୂଳ ବାସିନ୍ଦା । ଜାତିରେ ସାରସ୍ୱତ ବ୍ରାହ୍ମଣ । ସେମାନେ ଥିଲେ କୌଲ ସାଙ୍ଗିଆଧାରୀ । ଉଭୟ ସଂସ୍କୃତ ଓ ପାରସୀ ଭାଷାରେ ସେମାନଙ୍କର ଦକ୍ଷତା ଏବଂ ପାଣ୍ଡିତ୍ୟ ଦେଖି ମୁଗଲ୍ ସମ୍ରାଟ ଫରୁଖ ସିୟର ନେହରୁଙ୍କ ଜନୈକ ପୂର୍ବଜଙ୍କୁ ଦିଲ୍ଲୀ ନିମନ୍ତ୍ରିତ କରି ସ୍ଥାୟୀ ଭାବେ ବସବାସ କରିବା ନିମନ୍ତେ ବାସଗୃହ ଓ ଭୂ-ସଂପତ୍ତି ଯୋଗାଇଦେଇଥିଲେ । ନହର ନାମକ କେନାଲ ପାର୍ଶ୍ୱରେ ଜାଗିରି ସ୍ୱରୂପ କେତେକ ଗ୍ରାମ ପ୍ରଦାନ କରିଥିଲେ । ନହର ଜାଗିରି ପାଇବା ପରେ ସେହି ପୂର୍ବଜ ନାମିତ ହୋଇଥିଲେ ରାଜ କୌଲ ନହର ଭାବେ । ପରେ ସେମାନଙ୍କର ମୂଳ ସାଙ୍ଗିଆ ଲୋପ ପାଇବା ସହ ନହର ଅପଭ୍ରଂଶ ହୋଇ ପରିଣତ ହୋଇଥିଲା । ନେହରୁରେ । ନେହରୁଙ୍କ ଜେଜେବାପା ଗଙ୍ଗାଧର ଦିଲ୍ଲୀରେ ବ୍ରିଟିସ ପୁଲିସ୍ ବିଭାଗୀୟ ଉଚ୍ଚପଦାଧିକାରୀ ଥିଲେ । ସିପାହୀ ବିଦ୍ରୋହ ସମୟରେ ତାଙ୍କ ପରିବାର ଦିଲ୍ଲୀ ପରିତ୍ୟାଗ କରି ପ୍ରଥମେ ଆଗ୍ରା ଏବଂ ତା'ପରେ ଚାଲିଆସିଥିଲେ ଆହ୍ଲାବାଦ । ନେହରୁଙ୍କ ପିତା ମୋତୀଲାଲଙ୍କ ଜନ୍ମ ଆହ୍ଲାବାଦରେ ହୋଇଥିଲା । ନେହରୁଙ୍କ ଶୈଶବର ମୁଖ୍ୟ ଭାଗ ଏହ୍ଲାବାଦ ହିଁ କଟିଥିଲା ଆନନ୍ଦ ଭବନ ପ୍ରାସାଦରେ । ପିତା ଥିଲେ ପ୍ରତିଷ୍ଠିତ ଓକିଲ । ଅର୍ଥ ଓ ପ୍ରତିପତ୍ତି ଉଭୟ ଥିଲା । ନେହରୁଙ୍କ ପିଲା ଦିନ କଟିଥିଲା ଚାକ-ଚକ୍ୟ, ବିଳାସ-ବ୍ୟସନ ମଧ୍ୟରେ । ତାଙ୍କର ବାଲ୍ୟଶିକ୍ଷା ବିଦ୍ୟାଳୟ ଶିକ୍ଷା ପର୍ଯ୍ୟାପ୍ତ ନୁହେଁ ବୋଲି ମୋତୀଲାଲ ମନେକରୁଥିଲେ । ପୁଅକୁ ପଢ଼ାଇବା ପାଇଁ ଏକାଧିକ ଦେଶୀ-ବିଦେଶୀ ଘରୋଇ ଶିକ୍ଷକ ନିଯୁକ୍ତି କରିଥିଲେ । ସେମାନଙ୍କ ଭିତରେ ଥିଲେ ୟୁରୋପୀୟ ଶିକ୍ଷକ ଟି ବ୍ରୁକ୍‌ସ, ଯାହାଙ୍କ ଦ୍ୱାରା ନେହରୁ ସର୍ବାଧିକ ପ୍ରଭାବିତ ହୋଇଥିଲେ । ବ୍ରୁକ୍‌ସଙ୍କ ପ୍ରଚେଷ୍ଟାରେ ସେ ଦର୍ଶନ, ବିଜ୍ଞାନ, ସାହିତ୍ୟ ଓ ଇତିହାସ ପଠନରେ ମନଦେଇଥିଲେ । ଏହା ଦ୍ୱାରା ତାଙ୍କ ଜୀବନଧାରା ମାର୍ଜିତ ହୋଇପାରିଥିଲା । ପରେ ସେ ଲଣ୍ଡନର ହାରୋ ବିଦ୍ୟାଳୟ ଓ କ୍ୟାମ୍ବ୍ରିଜ୍‌ର ଟ୍ରିନିଟି ମହାବିଦ୍ୟାଳୟରେ ପଢ଼ିଥିଲେ । ମହାବିଦ୍ୟାଳୟ ଶିକ୍ଷା ସମାପ୍ତ ହେବା ପରେ ଲଣ୍ଡନରେ ଆଇନ ମଧ୍ୟ ପାଠ କରିଥିଲେ । ପ୍ରଥମେ ଆଇନକୁ ପେସା କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ ହେଁ ପରେ ସେଥିରୁ ଓହରି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅନ୍ୟତମ ପ୍ରିୟ ଶିଷ୍ୟ ଥିଲେ ସେ । ଗାନ୍ଧୀଙ୍କ ଇଚ୍ଛା କ୍ରମେ ତାଙ୍କୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଦ ମିଳିଥିଲା । ଆଉ ସେ ଭାରତୀୟଙ୍କୁ ହତାଶ କରି ନଥିଲେ । ତାଙ୍କ ଉଦ୍ୟମରେ ସ୍ୱାଧୀନତାର ତିନିବର୍ଷ ମଧ୍ୟରେ ଭାରତ ଏକ ଗଣତନ୍ତ୍ରରେ ପରିଣତ ହୋଇଥିଲା । ଭାରତୀୟମାନେ ପାଇଥିଲେ ଏକ ବଳିଷ୍ଠ ସମ୍ବିଧାନ; ଯାହା ଯୋଗୁଁ ଆମେ ସଗର୍ବେ ସ୍ୱାଧୀନ ମତ ପୋଷଣ କରିପାରୁଛେ । କୃଷି ଓ ଶିଳ୍ପ ଉଭୟ ବିକାଶକୁ ସେ ପ୍ରାଥମିକତା ପ୍ରଦାନ କରିଥିଲେ । ପୁଣି ରାଷ୍ଟ୍ରକୁ ଶକ୍ତିଶାଳୀ କରିବା ନିମନ୍ତେ ଆଣବିକ କାର୍ଯ୍ୟକ୍ରମ ମାନ ଆରମ୍ଭ କରିଥିଲେ । ତାଙ୍କ ବୈଦେଶିକ ନୀତି ମଧ୍ୟ ଆଖିଦୃଶିଆ ଥିଲା । ଏକ ସଙ୍ଗେ ଦୁଇ ପରସ୍ପର ବିରୋଧୀ ମହାଶକ୍ତି ଋଷିଆ ଓ ଆମେରିକା ସହ ବନ୍ଧୁତା ସ୍ଥାପନ ହୋଇଥିଲା । ତତ୍‌କାଳୀନ ଶୀତଳ ଯୁଦ୍ଧ ଠାରୁ ଦୂରେଇ ନେହରୁ ଏକ ନିରପେକ୍ଷ ବିଶ୍ୱ ଶକ୍ତିର କଳ୍ପନା କରିଥିଲେ ଏବଂ ଜନ୍ମ ନେଇଥିଲେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ନାମ୍ । ସେ ଥିଲେ ବିଚକ୍ଷଣ ଶାନ୍ତିକାମୀ ରାଜୀନତିଜ୍ଞ ।

ବିଶ୍ୱର ଅନେକ ରାଷ୍ଟ୍ରରେ ବର୍ଷର ଭିନ୍ନ ଭିନ୍ନ ଦିନରେ ଶିଶୁ ଦିବସ ପାଳନ କରାଯାଏ । ୨୩ ଏପ୍ରିଲ ୧୯୨୦ରେ ତୁର୍କିରୁ ପ୍ରଥମ ଥର ପାଇଁ ଶିଶୁ ଦିବସ ପାଳନ ଆରମ୍ଭ ହୋଇଥିଲା । ତାହା ଦେଖି ଅନେକ ରାଷ୍ଟ୍ର ଶିଶୁ ଦିବସ ପାଳନ କରିବା ନିମନ୍ତେ ଆଗ୍ରହୀ ହୋଇ ଦିନ ସ୍ଥିର କରିଥିଲେ । ପ୍ରତି ବର୍ଷ ଜୁନ୍ ୧ ତାରିଖରେ ପାଳନ କରାଯାଏ ଅନ୍ତର୍ଜାତୀୟ ଶିଶୁ ଦିବସ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୧୪ ନଭେମ୍ବର ୨୦୨୩, ମଙ୍ଗଳବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ...

ଯଥାର୍ଥ ଶିକ୍ଷା ଛାତ୍ରକୁ କେବଳ ଜୀବିକା ନିର୍ବାହର ମାର୍ଗ ପ୍ରଦର୍ଶନ କରିବା କିମ୍ବା ପାରିବାରିକ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ। ଛାତ୍ରମାନଙ୍କୁ ଉଚିତ ବା ଅନୁଚିତ ଆଚରଣ ସମ୍ବନ୍ଧୀୟ ଓ ନୀତିସମ୍ମତ କାର୍ଯ୍ୟର ନିୟମ ଅବଗତ କରାଇ ତା'କୁ ପାଳନ କରିବା ପାଇଁ ସମର୍ଥ କରାଇବା ଓ ନିଜର ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ସେମାନଙ୍କୁ ସମ୍ୟକ ଜ୍ଞାନ ପ୍ରଦାନ କରିବା ମଧ୍ୟ ଶିକ୍ଷାର ଦାୟିତ୍ୱ। ସତ୍ୟର ଅନୁସନ୍ଧାନ, ଅନୁଧାବନ ଓ ପରିପାଳନ କରିବା ଏବଂ ସାଧୁତା, ସଚ୍ଚୋଟତା, ନୈତିକ ଉତ୍କୃଷ୍ଟତା ଓ ନିପୁଣତାର ଉତ୍କର୍ଷ ପାଇଁ ଅଭ୍ୟାସ କରିବା ଭାରତୀୟ ସଂସ୍କୃତିରେ ଶିକ୍ଷାର ଭୂମିକା ଭାବେ ଆବହମାନ ଯୁଗରୁ ଗୃହୀତ ହୋଇଛି। ଛାତ୍ର ଜୀବନରୁ ଯଦି କାହା ପାଇଁ ଉତ୍ତମ ଆଚରଣ ଓ ଚରିତ୍ର ଗଠନ ଦିଗରେ କୌଣସି ଉଦ୍ୟମ ହୋଇନାହିଁ କିମ୍ବା ପିତା, ମାତା, ସମାଜ, ଗୁରୁ ଓ ଗୁରୁଜନମାନଙ୍କ ଦ୍ୱାରା ଏ କ୍ଷେତ୍ରରେ ଆଦର୍ଶ ଦେଖାଯାଇ ନାହିଁ ତେବେ ମନକୁ ମନ ଆଦର୍ଶ ଚରିତ୍ର ଗଠନ ହୋଇଯିବା ସହଜ ନୁହେଁ। ମୁନିଋଷିମାନେ ନିଜ ନିଜ ଆଶ୍ରମରେ ଶିଷ୍ୟମାନଙ୍କୁ ଯେଉଁ ବିଦ୍ୟା ପ୍ରଦାନ କରୁଥିଲେ ଏବଂ ଯେଉଁ ଆଦର୍ଶ ଦେଖାଉଥିଲେ ସେଥିରେ ଚରିତ୍ର ଗଠନ ପାଇଁ ସବୁଠାରୁ ଅଧିକ ଉପାଦାନ ରହୁଥିଲା। ପରିବାର ଥିଲା ଚରିତ୍ର ଗଠନର ପ୍ରଥମ ପାଠଶାଳା ଏବଂ ଗୁରୁଙ୍କର ଆଶ୍ରମ ଥିଲା ଦ୍ୱିତୀୟ ପାଠଶାଳା। ଛାତ୍ରମାନଙ୍କୁ ଦେଶୀୟ ସୀମାବଦ୍ଧତା ଓ ମତାନ୍ଧତାରୁ ମୁକ୍ତ ଏବଂ ସବୁ ଦେଶ ଓ ଜାତିକୁ ନିଜର ବୋଲି ମନେ କରୁଥିବା ବ୍ୟକ୍ତି ଭାବେ ଗଢ଼ି ତୋଳିବା ହେଉଛି ଜାତି ଓ ଦେଶର ଦାୟିତ୍ୱ। ସାର୍ବଜନୀନବାଦ ଓ ବିଶ୍ୱୈକ ଭାବ ଯାହାର ଥାଏ ସେ ବିଶ୍ୱକୁ ଏକ ସୁବ୍ୟବସ୍ଥିତ ବ୍ରହ୍ମାଣ୍ଡ ଭାବେ ଦେଖେ ଏବଂ ନିଜକୁ ମହାଜାଗତିକ ଚେତନାର ଅଂଶ ଭାବେ ବିବେଚନା କରେ। ତାହାର ମାନବ ପ୍ରେମ ବିଶୁଦ୍ଧ ଓ ନିର୍ମଳ। ଯେଉଁ ଶିକ୍ଷା ମାନବ ପ୍ରେମର ଶିକ୍ଷା ନ ଦିଏ ତାହା ଅସମ୍ପୂର୍ଣ୍ଣ। ଯାହା ଦୂଷିତ, ସଂକୀର୍ଣ୍ଣ ଏବଂ କଳଙ୍କିତ ତାହା କୁଶିକ୍ଷା। ସହନଶୀଳତା ଓ ସହିଷ୍ଣୁତା ଏକ ଏପରି ଦୈବୀଗୁଣ ଯାହାକି ଆମକୁ ଆମ ବିବେକ ଶିକ୍ଷା ଦିଏ। ଯନ୍ତ୍ରଣା ଓ ଅପମାନ ଆଦି ସହ୍ୟ କରିବା ଓ ସେଭଳି ମାନସିକ ଯନ୍ତ୍ରଣା ଓ ଅପମାନ ଦେଉଥିବା ଲୋକଙ୍କୁ ମଧ୍ୟ ସହ୍ୟ କରିବା, ପ୍ରଶ୍ରୟ ଦେବା ଓ ତା' ପ୍ରତି ସହନଶୀଳ ବ୍ୟବହାର ଦେଖାଇବା ଏସବୁ ଏତେ ସହଜ ନୁହେଁ। ବୁଦ୍ଧ, ଯୀଶୁ ଓ ମହାତ୍ମା ଗାନ୍ଧୀଙ୍କ ଭଳି ଅବତାରୀ ପୁରୁଷମାନଙ୍କ ପକ୍ଷେ ହୁଏତ ଏହା ସମ୍ଭବ। ଆମେ କିନ୍ତୁ ସାହସର ସହିତ ଧୈର୍ଯ୍ୟବାନ ହୋଇ ଆତ୍ମନିୟନ୍ତ୍ରଣର ଅଭ୍ୟାସ କରିପାରିବା। ଏଭଳି ଆତ୍ମନିୟନ୍ତ୍ରଣ ଆନ୍ତରିକତା ଓ ଅକପଟତା ସହଜ ହେବା ଆବଶ୍ୟକ। ଛଳନାରୁ ମୁକ୍ତ ଓ ସଚ୍ଚୋଟ ହୋଇଥିଲେ ଆମେ ସାହସର ସହିତ ଅକୃତ୍ରିମ ଭାବେ ଧୈର୍ଯ୍ୟର ସହ ଦୁନିଆର ସାମନା କରିପାରିବା। ସମସ୍ତ ସାହସିକ ଲୋକ ଧୈର୍ଯ୍ୟବାନ ହୋଇଥା'ନ୍ତି ଏବଂ ଦୁର୍ବଳମନା ଭୟାଳୁ ଲୋକ ଅଧୈର୍ଯ୍ୟ ହୋଇଥା'ନ୍ତି। ସତ୍ୟପ୍ରିୟ ଓ ବିଶ୍ୱାସଯୋଗ୍ୟ ବ୍ୟକ୍ତି ନିଷ୍ପାପର ଓ ଅକପଟ ହୋଇଥା'ନ୍ତି। ସେମାନେ ପ୍ରତାରଣାରୁ ମୁକ୍ତ ହୋଇଥା'ନ୍ତି। ସେମାନେ ସଚ୍ଚୋଟ ଭାବରେ ଓ ନ୍ୟାୟରେ ଅର୍ଜିତ ଆୟରେ ଚଳନ୍ତି। ସେମାନେ ସତ୍ୟବାଦୀ ଓ ସତ୍ୟନିଷ୍ଠ ଜୀବନ ଯାପନ କରନ୍ତି। ସେମାନେ ଆତ୍ମସଂଯମୀ ମଧ୍ୟ ହୋଇଥା'ନ୍ତି। ସେମାନଙ୍କର ଗମ୍ଭୀର ଆଚରଣ ଓ ସଂଯତ ପ୍ରଭାବ ସଂସାର ପାଇଁ ଅତ୍ୟନ୍ତ ଶିକ୍ଷାପ୍ରଦ ହୋଇଥାଏ। ସେମାନଙ୍କର ସେବା ସ୍ୱାର୍ଥହୀନ ହୋଇଥାଏ ଏବଂ ସମାଜର ମଙ୍ଗଳ ପାଇଁ ସ୍ୱାର୍ଥତ୍ୟାଗ କରିବା ତାଙ୍କର ଅଭ୍ୟାସରେ ପଡ଼ିଯାଏ। ଶିକ୍ଷା ହିଁ ମାନବକୁ ଜ୍ଞାନଦାନ କରି ଓ ଜ୍ଞାନାଲୋକ ପ୍ରଦାନ କରି ଉନ୍ନତ ସ୍ତରକୁ ନେଇଥାଏ। ଶିକ୍ଷା ମଣିଷକୁ ଅଜ୍ଞତା, ମତାନ୍ଧତା ଓ କୁସଂସ୍କାରରୁ ମୁକ୍ତ କରିଥାଏ ତଥା ବିଜ୍ଞତା ପ୍ରାପ୍ତି କରାଇଥାଏ। ଶିକ୍ଷା ମାନସିକ ଜ୍ଞାନାଲୋକ ପ୍ରଦାନ କରି ଆମକୁ ଦୀପ୍ତିମାନ କରିଥାଏ। ଏ ଦିଗରେ ଶିକ୍ଷକମାନଙ୍କର କର୍ତ୍ତବ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କେତେକ ବ୍ୟକ୍ତିଙ୍କର ପ୍ରକୃତିରେ ନିଷ୍ଠୁରତା ଓ ନୃଶଂସତା ଦେଖାଯାଏ। ସେମାନେ ନିର୍ଦ୍ଦୟ ହୋଇଥା'ନ୍ତି। କେତେକଙ୍କର ଏହା ସହଜାତ ଓ ଜନ୍ମଗତ ପ୍ରବୃତ୍ତି ଓ ଆଚରଣ ହୋଇଥିଲା ବେଳେ ଅନ୍ୟ କେତେଜଣ ଏହା ସମାଜ ଓ ପରିବେଶରୁ ଶିକ୍ଷା କରନ୍ତି। ଅନ୍ୟ ପକ୍ଷରେ ଆଉ କେତେଜଣ ପ୍ରକୃତିଗତ ଓ ପ୍ରବୃତ୍ତିଗତ ଭାବରେ କ୍ରୋଧ କରନ୍ତି ନାହିଁ। ସମସ୍ତଙ୍କୁ ଭଲପାଇବା ଏମାନଙ୍କର ସ୍ୱଭାବଗତ ପ୍ରକୃତି ଓ ସାମର୍ଥ୍ୟ ହୋଇଥାଏ। କ୍ରୋଧ ଏପରି ଏକ ଦୁର୍ଗୁଣ ନୁହେଁ, ଯାହାକୁ ଶିକ୍ଷା ଦ୍ୱାରା ସଂଶୋଧିତ କରିହେବ ନାହିଁ। ଅଧ୍ୟବସାୟ, ଅନୁଶାସନ, ପ୍ରେମ, ପରିଶ୍ରମ, ଧୈର୍ଯ୍ୟ ଓ ଦୃଢ଼ ବିନିଯୋଗ ଦ୍ୱାରା ଶିକ୍ଷା ମନୁଷ୍ୟର ଆଭ୍ୟନ୍ତରୀଣ ପ୍ରକୃତିର ସଂଶୋଧନ କରିବା ପାଇଁ ସମର୍ଥ। ଧର୍ମ ହେଉ, ସମ୍ପ୍ରଦାୟ ହେଉ ବା କୌଣସି ରାଜନୈତିକ ଦଳ ହେଉ, ତା'ର ସ୍ଥିରୀକୃତ ମତବାଦ, ନୀତି ବା ସିଦ୍ଧାନ୍ତ ଓ ଉଦ୍ଧତ ଘୋଷଣା ସମାଜକୁ ବିଭକ୍ତ ଓ ବିଭାଜିତ କରିଦିଏ। କୌଣସି ଅପରିବର୍ତ୍ତନୀୟ ସିଦ୍ଧାନ୍ତ ଓ ତା' ଉପରେ ଆଧାରିତ ଆଚରଣବିଧି ସାମାଜିକ ଏକତା ଓ ସଂହତିର ବିରୋଧୀ। ଏଭଳି ନୀତି ବା ସିଦ୍ଧାନ୍ତକୁ ସ୍ୱତଃସିଦ୍ଧ ଭାବେ ଧରି ନେଇ, ଔଦ୍ଧତ୍ୟ ସହ ପୁରୁଣା ନୀତିବାକ୍ୟକୁ ଯେଉଁମାନେ ଏକମାତ୍ର ସତ୍ୟ ବୋଲି କହନ୍ତି ଓ ବିଶ୍ୱାସ କରନ୍ତି ସେମାନେ ରାଷ୍ଟ୍ର ଓ ସମାଜର ଶତ୍ରୁ। କୌଣସି ମତ, ନୀତି ବା ସିଦ୍ଧାନ୍ତ ଯେତେବେଳେ ଅନ୍ୟ ମତ ବା ପ୍ରମାଣ ଅନୁଧ୍ୟାନ ନକରି ନିଜକୁ ଠିକ୍ ଓ ଅକାଟ୍ୟ ବୋଲି କହେ ସେ ଅନ୍ୟ କିଛି ଶୁଣିବାକୁ ପ୍ରସ୍ତୁତ ନଥାଏ। ଏଥିରୁ ଅସହିଷ୍ଣୁତା ଓ ହିଂସାର ଉତ୍ପତ୍ତି ହୁଏ। ତେଣୁ ଏଭଳି ଔଦ୍ଧତ୍ୟ କିଭଳି ଛାତ୍ରମାନଙ୍କ ମଧ୍ୟରେ ପ୍ରବେଶ ନ କରିବ ଏବଂ ଏକ ଅକଠୋର ମନୋଭାବର ଶିକ୍ଷା, ଯାହା ସଂସ୍କାରର ପକ୍ଷପାତୀ ଓ ଉଦାରବାଦୀ ତା'ର ପ୍ରଚଳନ ଓ ପ୍ରସାର ହେବ ତା'କୁ ଦେଖିବା ସମାଜର ଏବଂ ଗଣତନ୍ତ୍ର ରାଷ୍ଟ୍ରର କର୍ତ୍ତବ୍ୟ। ଯେଉଁ ଦେଶରେ ରାଷ୍ଟ୍ରନୀତି ନିଜେ ଉଦାର ନୁହେଁ ତା'କୁ ସଭ୍ୟରାଷ୍ଟ୍ର କୁହାଯାଇ ପାରିବ ନାହିଁ। ଅନ୍ୟର ମତ ପ୍ରତି ସମ୍ମାନ ଓ ଭିନ୍ନ ମତ ପ୍ରକାଶର ସ୍ୱାଧୀନତା ଯେଉଁଠି ନଥାଏ, ତାହା ଗଣତନ୍ତ୍ର ହୋଇପାରିବ ନାହିଁ। ଗଣତନ୍ତ୍ରର ସାଫଲ୍ୟ ନିମନ୍ତେ ଉତ୍ତମ ଶିକ୍ଷାର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

# ଚାଚା ନେହେରୁ


ଅକ୍ଷୟ କୁମାର ରାଉତ



ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାର ଲାଲାଙ୍କର। ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରୂପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।

'ଆନନ୍ଦ ଭବନ'ରେ ଜବାହାରଲାଲ ଖୁସୀରେ ବଢ଼ିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢ଼ା ପଢ଼ିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢ଼ା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢ଼ିଲେ, କେମେଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ 'ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ' ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡଶ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳାଙ୍କୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହେରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟୁ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି



ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷ୍‌ରେ ଚାରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ।

ପାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚାରି ଆଡେ ପ୍ରଚାରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୂତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ।


ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖକୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା।

ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା।

ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢ଼ାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।


+ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତସିଂହପୁର
ମୋ: ୯୯୩୭୬୯୧୪୭୫


# ସତରେ ଆମ ରାଜ୍ୟ କ'ଣ ଗରିବ ?



ସୁବ୍ରତ କର

ମୋର ମନେ ହେଉନାହିଁ ଏବଂ କାହାରି ମଧ୍ୟ ମନେ ହେବା ଉଚିତ୍ ନୁହେଁ। ଗତକାଲି ଗଲା ଦେବ ଚିକିତ୍ସିକ ଧନନ୍ତ୍ୱରୀଙ୍କ ଜୟନ୍ତୀ। ଏହି ଦିନ ଆମ ଲୋକମାନେ ସୁନା, ରୂପା ଏବଂ ହୀରାର ତିଆରି ହୋଇଥିବା ଗହଣା ନିଶ୍ଚୟ କିଣିବେ। ଆମେ ବିଶ୍ୱାସ କରୁ ଏହିଭଳି ଧାତୁରେ ତିଆରି ହୋଇଥିବା କିଛି ଗହଣା କିଣିଲେ ମା' ଲକ୍ଷ୍ମୀଙ୍କ କୃପା ମିଳିଥାଏ। ଗହଣା କିଣିବା ପାଇଁ ସମସ୍ତେ ଏହି ଦିନଟିକୁ ଅନେଇ ବସିଥାଆନ୍ତି। ଏ ବର୍ଷ ଗତକାଲି ସାରା ରାଜ୍ୟରେ ପ୍ରାୟ ୨୦୦ କୋଟି ଟଙ୍କାର କାରବାର ହୋଇଛି। ଏହି ତୁଳନାରେ ଗତବର୍ଷ ୧୪୦କୋଟି ଟଙ୍କାର ବ୍ୟବସାୟ ହୋଇଥିଲା। ପ୍ରାୟ ୩୦ରୁ ୩୫ ପ୍ରତିଶତ ବ୍ୟବସାୟ ବୃଦ୍ଧି ପାଇଛି। ଏହା ଖାଲି ଆମ ରାଜ୍ୟରେ ନୁହ ସାରା ଦେଶରେ ଏକା ଅବସ୍ଥା। ଏବେ ପ୍ରଶ୍ନ ଉଠୁଛି ଗୋଟାଏ ଦିନରେ ଯଦି ରାଜ୍ୟବାସୀଙ୍କ ପାଖରୁ ୨୦୦ କୋଟି ଟଙ୍କା ନଗଦ୍ ବାହାରିପାରିଲା ତେବେ ଆମେ କ'ଣ ଗରିବ ? ସବୁଠୁ ବଡ଼ କଥା ହେଲା ଏହି ଟଙ୍କା କୌଣସି କାମରେ ଆସିବ ନାହିଁ ବା ଏହାଦ୍ୱାରା ରାଜ୍ୟର କିଛି ଲାଭ ହେବନାହିଁ। ଯେଉଁମାନେ ଏହି ଟଙ୍କା ନେଇ ଗହଣା କିଣିଲେ ସେହି ମାନଙ୍କର ହିଁ ଲାଭ କାରଣ କେସ୍ ବଦଳରେ ଗହଣାକୁ ଗଚ୍ଛିତ ରଖିହେବ ଏବଂ ସମସ୍ତେ ଜାଣନ୍ତି ସୁନା ଟଙ୍କା ସହିତ ସମାନ। ଟଙ୍କା ରଖିବା ଯାହା ସୁନା ରଖିବା ସହିତ ସମାନ। ସ୍ତ୍ରୀ ଲୋକଙ୍କ ସବୁଠୁ ଲୋଭନୀୟ ବସ୍ତୁ ହେଉଛି ଗହଣା। ଯାହା ପାଖରେ ଯେତେ ସୁନା ଅଛି ସେ ସବୁଠୁ ଖୁସୀ। ଏଇଟା ମଧ୍ୟ ଠିକ୍ କଥା ଭବିଷ୍ୟତରେ ସୁନା ଭଳି କେହି ଆମକୁ ସାହାଯ୍ୟ କରନ୍ତି ନାହିଁ। ଏହି ବସ୍ତୁର ସାରା ଦୁନିଆରେ ଚାହିଦା ଅଛି ଏବଂ ସମସ୍ତଙ୍କ ପାଖରେ। ଆମ ରାଜ୍ୟରେ ଭୁବନେଶ୍ୱର, ରାଉରକେଲା, କଟକ, ସମ୍ବଲପୁର ଏବଂ ବରହମପୁର ସହରମାନଙ୍କରେ ସବୁଠୁ ବେଶି ଚାହିଦା ଏବଂ ବ୍ୟବସାୟୀମାନେ ମଧ୍ୟ ଏହି ଦିନଟି ପାଇଁ ସବୁ ପ୍ରକାରର ଲୋଭନୀୟ ଅଫର ଦେଉଛନ୍ତି। ମୋର ଏଇଠି କହିବାର କଥା ହେଲା ଆମ ଲୋକମାନେ ମୋଟେ ଗରିବ ନୁହନ୍ତି ବା ଆମ ରାଜ୍ୟ। ସରକାର କିନ୍ତୁ ତାଙ୍କଆଡ଼ୁ ଜନତାଙ୍କୁ ଆକୃଷ୍ଟ କରିବାପାଇଁ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ଦେଇ ଚାଲିଛନ୍ତି। ୫ ଟଙ୍କିଆ ଚାଉଳଠୁ ଆରମ୍ଭ କରି ୫ ଟଙ୍କିଆ ଖାଦ୍ୟ ଏବଂ ଘରଠୁ ଆରମ୍ଭ କରି ଭତ୍ତା ପର୍ଯ୍ୟନ୍ତ। ଏହି ୨୦୦ ଶହ କୋଟି ଟଙ୍କାକୁ ଲୋକଙ୍କ ପାଖରେ ଜମା ନରଖି ଏହାକୁ କେଉଁ କାମରେ ଲଗାଇ ପାରିଲେ ବହୁତ ଗରିବ ଶ୍ରେଣୀର ଲୋକ ଲାଭବାନ ହୋଇପାରନ୍ତେ ଏବଂ ଓଡ଼ିଶାକୁ କେହି ଗରିବ ରାଜ୍ୟ କହନ୍ତେ ନାହିଁ।

## କବିତା କୋଣାର୍କ

### ଶିଶୁ

ସଞ୍ଜୟ ଖେମୁଣ୍ଡୁ

ଆଜିର ଯେ କୋମଳମତି ଶିଶୁ
ଆଜିର ଯେ କଅଁଳ ବୀଜପତ୍ର
କାଲିର ସେ ବିରାଟ ବଡ଼ ମହାଦ୍ରୁମ
ଯିଏ ସଭିଙ୍କୁ ଛାଇ ପ୍ରଦାନ କରିବାର
ସାମର୍ଥ୍ୟ ରଖେ ।
ସେ ବର୍ତ୍ତମାନର ଫୁଲକଢ଼ି
ଆଉ ଭବିଷ୍ୟତର ଅନେକ
ସମ୍ଭାବନାର
ପ୍ରସ୍ଫୁଟିତ ସୁବାସିତ ଫୁଲର ପସରା
ଯିଏ ସଭିଙ୍କ ହୃଦୟକୁ
ମହକରେ ଭରିଦିଏ
ଯିଏ ସଭିଙ୍କର ମନକୁ କିଣେ ।
ସେ ଆଜିର କଞ୍ଚା ମାଟିପିଣ୍ଡୁଳା
ଆଉ କାଲିର ଏକ କାରୁକାର୍ଯ୍ୟପୂର୍ଣ୍ଣ
ସୁନ୍ଦର ମୂର୍ତ୍ତି
କାଲିର ସେ ରମ୍ୟକଳାର
ବିଶ୍ୱବିଦିତ କୋଣାର୍କ
ଯିଏ ସଭିଙ୍କୁ ଆକର୍ଷିତ କରିବାର
ବିଶେଷ ଗୁଣଟି ରଖେ ।
ସେ ସରଳ,ନିରୀହ ଓ ନିରିମଳ
ସେ ନିଷ୍ପାପ ଓ ସୁକୁମାର
ନା ସେ ଜାଣେ ଛନ୍ଦ ନା କପଟ
ନା ସେ କରେ ହିଂସା ନା ଇର୍ଷା
ସେ ଆଖିର ତାରା
ସେ ଦେଶର ଅମୂଲ୍ୟ
ମୋତି,ମାଣିକ୍ୟ,ହୀରା ।
ସେ ଉଜ୍ଜ୍ୱଳ ସମ୍ଭାବନାର
ମୂର୍ତ୍ତିମନ୍ତ ପ୍ରତୀକ
ଆଜିର ଯେ ଶିଶୁ କାଲିର ସେ
ଦେଶର ଉତ୍ତମ ନାଗରିକ
ଦେଶର ସେ ମାନ ମର୍ଯ୍ୟାଦା ରକ୍ଷକ
ନିଜ ଜୀବନକୁ ବାଜି ଲଗାଇ
ସେ ନିଜ ଜନ୍ମଭୂମିର ରଖେ ଟେକ।


+ସ୍ନାତକୋତ୍ତର ଛାତ୍ର
ବିକ୍ରମଦେବ ବିଶ୍ୱବିଦ୍ୟାଳୟ
ଜୟପୁର, କୋରାପୁଟ
ଫୋନ -୭୮୫୪୦୧୦୫୧୯


### ଶିଶୁ ହସିଲେ

ପୁଷ୍ପଲତା ମିଶ୍ର

ଶିଶୁର ଦରୋଟି ହସକୁ ଦେଖିଲେ
ସୂରୁଜ ମୁରୁକି ହସେ,
ଚନ୍ଦ୍ରମା ହସିବ ସେ ହସ ଦେଖିଣ
ଧରା ଆଲୋକିତ ଦିଶେ।
ଅନାଇଲେ ଶିଶୁ ଭାଷା ଭାସି ଆସେ
ଶିଶୁ ସଜ ଫୁଟା କଳି,
ଫୁଲ ପରି ବାସ ମହକି ଆସଇ
ବାସନା ତ ଭଳି ଭଳି।
ଶିଶୁ ସୁ କୋମଳ ଦରଦୀ ଓଠର
ହସ ତାର ଖିଲି ଖିଲି,
ଏହି ହସ ଦେଖି ଏ ଜଡ ପୃଥିବୀ
ଫୁଲ ଦିଏ ହାତେ ତୋଳି।
ସେ ହସରୁ ଝରେ ମଧୁର ମଧୂପ
ସୁନ୍ଦର କି ଅନୁପମ,
ଶିଶୁର ହସରେ ଝରଇ କବିତା
କିଣି ନିଏ ମନ ପ୍ରାଣ।
ଶିଶୁ ହସି ଦେଲେ ଦୁନିଆ ହସିବ
ହସେ ବୃକ୍ଷ ତରୁ ଲତା,
ଶିଶୁର ହସରେ ପୃଥିବୀ ଝଲସେ
ମନେ ବଢେ ଆତ୍ମୀୟତା।
ଆହା କି ସୁନ୍ଦର ପ୍ରାଚୁର୍ଯ୍ୟ ପ୍ରାଣର
ମନୋରମ ପରିବେଶ,
ପୁରି ଉଠେ ଘର ସ୍ୱଚ୍ଛନ୍ଦ ମଧୁର
ସୁନ୍ଦରତା ତାର ବେଶ।
ଆଜିର ଶିଶୁ ତ ଭବିଷ୍ୟତ ଆମ
କର ତାକୁ ସୁ କଲ୍ୟାଣ,
ଶିଶୁର ହସରେ ହସକୁ ମିଶାଅ
ମନରେ ରଖ ହେ ଧ୍ୟାନ।


+ଭୁବନେଶ୍ୱର
ମୋ:୯୩୩୮୨୯୪୬୫୭


### ମୁଁ ଶିଶୁ କହୁଛି

ସତ୍ୟଜିତ୍ ମହାପାତ୍ର

ଶିଶୁ ଦିବସରେ ମୋ ମନ କହେ
ଚାଚାର କଥାଟି କାଳକାଳକୁ ରହେ
ବୁହାଇ ଥିଲେସେ ଶିଶୁର ପ୍ରେମ
ମଞ୍ଜିଟି ତାଙ୍କର ହୋଇଛି ଦ୍ରୁମ
କୋହୁଥିଲେ ସିଏ ଆମେ ନିଷ୍ପାପ
ପାଖେ ରଖୁଥିଲେ ସଦା ଗୋଲାପ
ମନଟି ଆମର ନିର୍ମଳ ଜହ୍ନ
ହୃଦୟ କୋମଳ ପଦ୍ମ ବନ
ପିତାମାତା ମତେ ପାଳିଲେ ଗଢ଼ି
ନେହେରୁ ଫୁଟାଇଲେ କୁସୁମ କଢ଼ି
ଝରାଇଲେ ସିଏ ସ୍ନେହର ବର୍ଷା
ମନେ ଭରିଦେଇ ଅନେକ ଆଶା
ଆଜିର ଦିନଟି ଖୁସି ଦେଇଛି ଆଣି
ତୁମ ପାଇଁ ଶିଶୁ ମଉଡ଼ ମଣି
ଅନ୍ଧାର ପଥରେ ଆଲୋକ ତୁମେ
ଧନ୍ୟ ହେଲା ଶିଶୁ ତୁମରି ମର୍ମେ
ଯେବେଠୁ ପାଇଲି ତୁମ୍ଭର ସ୍ୱର୍ଶ
ସେବେଠୁ ଖେଳୁଛି ମୋ ମୁହେଁ ହସ
ଧରିବନି ଭୁଲ୍ ମୋରି ଜମା
ଶିଶୁଟିଏ ଭାବି କରିବ କ୍ଷମା।


+ମାଣିକଡିହା, ଖୋସାଲପୁର,
ଦଶରଥପୁର,ଯାଜପୁର
ମୋ: ୯୮୬୧୪୦୦୦୨୯


### ଶିଶୁ ଦିବସରେ ଏହି କାମନା....

ରାମଚନ୍ଦ୍ର ବେହେରା

ଚାଚା ନେହେରୁଂକ ଜନମ ଦିବସ
ଶିଶୁ ଦିବସରେ ନାମିତ
ନଭେମ୍ବର ମାସ ଚଉଦ ତାରିଖେ
ଦେଶରେ ହେଉଛି ପାଳିତ।
ଶିଶୁଂକର ସିଏ ଅତି ପ୍ରିୟ ଥିଲେ
ବାଣ୍ଟୁଥିଲେ ସ୍ନେହ ଶରଧା
ଶିଶୁଂକ ଉନ୍ନତି ଦେଶର ପ୍ରଗତୀ
ଭାବୁଥିଲେ ସିଏ ସର୍ବଦା।
ଶିଶୁଂକ ହିତରେ ଦେଇଥିଲେ ସିଏ
ମୁକ୍ତ ଶିକ୍ଷା ପାଇଁ ପ୍ରେରଣା
ପ୍ରତି ବିଦ୍ୟାଳୟେ ସୁସ୍ୱାଦୁ ଭୋଜନ
ଥିଲା ତାଂକ ଉଚ୍ଚ ଭାବନା।
ବିଜ୍ଞାନ ଭିତ୍ତିକ ଶିକ୍ଷା ଦେବା ପାଇଁ
କରିଥିଲେ ସିଏ ପ୍ରୟାସ
ତାଂକ ଚିନ୍ତାଧାରା ଚମକୁଛି ଆଜି
ଶିକ୍ଷାର ହେଉଛି ବିକାଶ।
ଗୋରା ସରକାର ହଟାଇବା ପାଇଁ
ଦେଇଥିଲେ ସିଏ ଆହ୍ୱାନ
ବାପୁଂକ ଅହିଂସା ନୀତି ଆପଣାଇ
କରିଥିଲେ ଦେଶ ସ୍ୱାଧୀନ।
ଆସ ମିଳିମିଶି ତାଂକ ଜନ୍ମଦିନେ
ପୂଜିବା ତାଂକରି ପୟର
ପ୍ରଭୁଂକ ଚରଣେ କରିବା ବିନତୀ
ରହୁ ତାଂକ ଆତ୍ମା ଅମର।
ଶିଶୁ ଦିବସର ପୁଣ୍ୟ ଅବସରେ
କରିବା ଏତିକି କାମନା
ଶିଶୁ ଭବିଷ୍ୟତ ଯତନେ ଗଢିବା
ହୃଦେ ରଖି ଉଚ୍ଚ ଭାବନା।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


### ମୁଁ ଯେ ଶିଶୁ ଦିବସର ଶିଶୁ

ସୁମନ ଲେଙ୍କା

ଶିଶୁଟିଏ ମୁଁ ଶିଶୁଟିଏ ଶିଶୁ ଦିବସର ଶିଶୁଟିଏ
ମନଟା ମୋହର ଚଞ୍ଚଳ ନଈର ଘାଟଟିଏ।

ଶିଶୁଟିଏ ମୁଁ ଶିଶୁଟିଏ ଶିଶୁ ଦିବସର ଶିଶୁଟିଏ
ହାତଧରି ମୋର ଟାଣି ନେଇଯାଅ ଦେଖାଅ ଉତ୍ତମ ବାଟଟିଏ।

ଶିଶୁଟିଏ ମୁଁ ଶିଶୁଟିଏ ଶିଶୁ ଦିବସର ଶିଶୁଟିଏ
କର୍ତ୍ତବ୍ୟ ପଥରେ ବଢିବା ପାଇଁକି ଶିଖାଅ ନୂତନ ରାହାଟିଏ।

ଶିଶୁଟିଏ ମୁଁ ଶିଶୁଟିଏ ଶିଶୁ ଦିବସର ଶିଶୁ ଟିଏ
ମନରେ ମୋହର ପୋତିଦିଅ ନାହିଁ
ଅହଂକାର ରୂପୀ ମଞ୍ଜିଟିଏ।

ଶିଶୁଟିଏ ମୁଁ ଶିଶୁଟିଏ ଶିଶୁ ଦିବସର ଶିଶୁ ଟିଏ
ମନରେ ମୋହର ଭରିଦିଅ ତୁମେ ସତ୍ୟ ଓ ଶାନ୍ତିର
ଭାବଟିଏ।


+ଅଲଣା,ବଛାଲୋ, ନାଉଗାଁ,
ଜଗତସିଂହପୁର
ମୋ-୭୮୪୮୦୬୨୫୧୦

## ଚହଲା ପାଣିର ଭାଗ୍ୟ

### ଶରତ କୁମାର ଦାସ



ପୁଳାଏ ପଥର ଖଣ୍ଡକୁ ମୁଣ୍ଡରେ ମୁଣ୍ଡେଇ
ଅନ୍ଧାରର ଅର୍ଗଳିରେ ବାଟ ଚାଲିବା
କ'ଣ ଏତେ ସହଜ କଥା ?

ଜମା ବି ସମ୍ଭବ ନୁହେଁ ଭୂଇଁରେ ଛିଡାହୋଇ
ଶୂନ୍ୟରେ ଚିତ୍ର ଆଙ୍କିବା।

ଯାହା ଖାଲି ଅବସୋସର ନୀଳ ନିମନ୍ତ୍ରଣ,
ଅବସାଦର ନଦୀ ଘାଟେ
ଉଆଁସ ଅନ୍ଧାରର ଆଦିମ ସଂଗୀତ,
ମୋହଯୁକ୍ତ ଜୀବନର ନିସର୍ତ୍ତ ଆତ୍ମସମର୍ପଣ ଓ
ବୈଶାଖର ଡହଡହ ତାତିରେ
ପାହାନ୍ତିଆ ମେଘମାନଙ୍କର ଘର୍ମାକ୍ତ
ଚିତ୍କାର ବିନା
ଅନ୍ୟ କିଛି ନୁହେଁ ।

ମୁଠାଏ ସ୍ୱପ୍ନକୁ ହୃଦରେ ଈଶ୍ୱର ରୂପେ
ସଜେଇଦେଇ
ଅଇଁଠା ଥାଳିରୁ କୈବଲ୍ୟ ସାଉଁଟିବା
ଅବା, ଚିମୁଟାଏ ବିଶ୍ୱାସକୁ
ପିଠିରେ ଲଦି ସମୁଦ୍ରର ଫୁଙ୍ଗୁଳା ଗର୍ଭକୁ
ଡେଇଁପଡିବା ସତରେ କ'ଣ ଏତେ ସହଜ ?

ଗୋଟେ ଧୂଳିଧୂସର ବିଡମ୍ବିତ ଭାଗ୍ୟକୁ
ଦେହର ଦେଉଳରେ ଆବଦ୍ଧ କରି
ନିତି ନିତି ଶୁଖିଲା ହସଟିଏ ଫିଙ୍ଗିଦେବା
ବୋକାମି ଛଡା ବୋଧେ ଆଉ କିଛି ନୁହେଁ ।

ଭାଗ୍ୟର କ'ଣ ପୁନର୍ଜନ୍ମ ଅଛି କି
ନା ଏହା ପୂର୍ବ ନିର୍ଦ୍ଧାରିତ ?

ଢଳ ଢଳ ଜହ୍ନ ଆଲୁଅର ସାମିଆନା ତଳେ
ଭାଗ୍ୟ କ'ଣ ଲେଖେ କେବେ
କାହା ଜୀବନଯାତ୍ରାର କିଛି ନୂଆ ଇସ୍ତାହାର ?
ନା ଛଳଛଳ ଆଖି ହଳକର ସିକ୍ତ ନିବେଦନରେ
ଭାଗ୍ୟ ବଦଳେଇଦିଏ କି ତା ନିଜ ରୂପ ଆଉ
ରଙ୍ଗ ?

ଖାଲଢିପ ପଥୁରିଆ ରାସ୍ତା ଦେଇ ନିର୍ଜନରେ
ଗତିକରୁଥାଏ ଗୋଟେ ନିଛାଟିଆ ଭାଗ୍ୟର
ପ୍ରଲମ୍ବିତ ଛାଇ ଏନ୍ତୁଡିରୁ ଅନ୍ତରୀକ୍ଷ,
ବନ୍ଧାପଡିଯାଏ କେବେ ପୁଣି ପାପ ଓ ପୁଣ୍ୟର
କେରାଏ ଅଡୁଆ ସୂତାରେ ।

ତାଳୁରୁ ତଳିପା' ଯାଏ
ଅସୁମାରି ଲଗାମହୀନ ଇଚ୍ଛାମାନଙ୍କର ଭିଡ
ଦିଗବଳୟ, ନଦୀ,ପାହାଡ, ଆକାଶ
ସବୁଯେମିତି ଲାଗନ୍ତି ଅସ୍ଥିର ଓ କାକୁସ୍ଥ ।

ସବୁରି ଛାତି ଭିତରେ ନିସ୍ତେଜ ହୋଇ
ପଡିରହିଥାଏ ଆଂଜୁଳାଏ କ୍ଷୟିଷ୍ଣୁ ଆୟୁଷ ।

ନିଜ ଅସ୍ତିତ୍ୱକୁ ଖୋଜି ପାଇବାର
ଅପଚେଷ୍ଟାରେ
ଚହଲା ପାଣି ସେମିତି ସୁଁ ସୁଁ କାନ୍ଦୁଥାଏ
ତୁଠ ପଥରର ବନ୍ଧୁର ଛାତିରେ
ଗୋଡକୁ କଚାଡି କଚାଡି ସକାଳରୁ ସଂଜ।

ଯେମିତି ସୃଷ୍ଟିର ପ୍ରଥମ ଦିନରୁ ସେ
ନିଜ ଅଲୋଡା ଭାଗ୍ୟକୁ ନିନ୍ଦା କରି
ଧାଡ଼ିଥାଲା ଏକୁଟିଆ ନୀରବରେ
ମୁହଁକୁ ପଖାଳି
କାହିଁ କେଉଁ କାଳର ଜମାଟବନ୍ଧା
ବୁନ୍ଦା ବୁନ୍ଦା ତତଲା ଲୁହ ଓ ଲହୁରେ।

♥ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଘୁମୁରି ହେଉଛି ପାରା

### କାଳିକିଙ୍କର



ଡେଣା ଦୁଇଟି ସମ୍ବଳ
ପୃଥିବୀର ପରିକ୍ରମା
ଯେତେ କ୍ଷେତ୍ରଫଳ
ମାପିବାର ଅଦମ୍ୟ ଇଚ୍ଛାନେଇ
ମଠ ମନ୍ଦିର ଗୀର୍ଜା ମସଜିଦ, ଗୁରୁଦ୍ୱାର
କୁଡ଼ିଆ କି ଘର
ଯାତ୍ରାରମ୍ଭ ହୋଇଥିଲା ଯେଉଁ ଶୁଭବେଳ
ଖୁବ କୋଳାହଳ ଭିତରେ
ଥକି ପଡିଛି ସେ
ଥକି ପଡିଛି ଦେଶ
ନଇଁ ପଡ଼ିଛି ଆକାଶ
ସେଥିପାଇଁ ଏକାନ୍ତରେ ବସି
ଘୁମୁରି ହେଉଛି ପାରା ।

ଅନ୍ୟମନସ୍କ ଭାବନେଇ
ବେଖାତିର କୁକୁରଟି
ଏଇବାଟେ ଚାଲିଗଲା
ତାକୁ ଡର ନ ଥିଲା
ତେବେ ପଛରୁ ଛପି ଛପି ଆସି ଛୋଟ
ବିଲେଇଟା ଝାମ୍ପିବା ଆଗରୁ ମନ୍ଦିର ମଠରୁ
ଘଣ୍ଟିବାଜିଲା, ମସଜିଦରୁ ଆଜାନ ଶୁଣାଗଲା,
ଗୁରୁଦ୍ୱାରରୁ ଗୁରୁବାଣୀ ଭାସିଆସି
ତାକୁ ସାବଧାନ କଲା
କୁଡ଼ିଆ ଘରେ ଶଙ୍ଖ ବାଜିଲା
ବିଚରା ପାରାଟି ବଂଚିଗଲା ।

କେତେ ଗହଳି
ସ୍ଥଳ ଜଳ ଆକାଶରେ

ପିମ୍ପୁଡିର ମଧ ବିକଳ ଆର୍ତ୍ତନାଦ
ଟିକିଏ ଜାଗା ଦରକାର
ଶାନ୍ତିରେ ନିଃଶ୍ୱାସ ନେବାର ଅଭିଳାଷାରେ
ମଣିଷର ଜୀବନ
ତେବେ ବ୍ରହ୍ମାଙ୍କର ପାଞ୍ଜି ନ ଥିବାରୁ
ଚିତ୍ରଗୁପ୍ତର ପାଞ୍ଜିରୁ ଧାର- ଉଧାର
ନିଃଶବ୍ଦରେ ଗୁମୁରି ହେଉଛି ପାରା
ଛିଡିପଡୁଛି ଖଣ୍ଡ ଖଣ୍ଡ ମେଘ
ପିଠିରେ ପେଟରେ
ମନରେ ହୃଦୟରେ ।

ପାରାରେ ଆ...ତୁ ଆ....
ବଡ଼ ନିଃସଙ୍ଗ ଲାଗୁଛି ଜୀବନ
ଏ ଦୁନିଆରେ
କାଲି ଯିଏ ଆପଣାର ବୋଲାଉଥିଲା
ସେ ସାତପର
ପୁଅଝିଅ ସ୍ତ୍ରୀ ଜ୍ଞାତି କୁଟୁମ୍ବ ଭାଇବନ୍ଧୁ ସବୁ
ପଲା ବଦଳେଇବାରେ ଲାଗିଛନ୍ତି
ସୁଖରେ ସାଥି ଦୁଃଖରେ ଦୂର ବହୁଦୂର...

ଯା ଯା ରେ ପକ୍ଷୀ
ମାଣ ପୂରିଲେ ନଈରେ ଜୁଆର
ଘୁମୁରି ହେଉଛି ପାରା
ଆଜିର ସମୟର ।

♥ସୌଭାଗିନୀ, ରେଂଚ, ପୁରୀ

## ସ୍ମୃତିର ମୂକ ଭାଷା

### ସୁଧାକର ରାଉତ



ଜୀବନ ବନ୍ଧୁର ପଥରେ ସହାୟ
ହୋଇବଟି ବୋଲି ମୋର
କଥାର ଭରସା ସରଳ ବିଶ୍ୱାସେ
ଛିନ୍ନ କରି ହେଲ ଦୂର ।
ପ୍ରୀତିର ପଞ୍ଜୁରୀ ଖୋଲିଦେଇ ତୁମ
ମୋ ମନ ବିହଙ୍ଗ ପାଇଁ
ପ୍ରତିଶ୍ରୁତି ମିଠା ଫଳ ଖୁଆଇଲ
ବଞ୍ଚିବାର ନିଶା ଦେଇ ।
ନିଦାଘ କାରୁଣ୍ୟ ବର୍ଷା ଭିଜା ପ୍ରେମ
ପ୍ରାବଲ୍ୟ ଶୀତର ମୋହେ
ହୃଦ ପାଦପକୁ ଅଙ୍କୁରିତ କଲ
ସବୁଜିମା ଭରା ଦେହେ ।
ରିକ୍ତ ଜୀବନକୁ ପୂର୍ଣ୍ଣତାରେ ଭରି
ଜୀବନ ଜିଇବା ନିଶା
ରଙ୍ଗୀନ ସୁନାରୀ ଫୁଲ ଖଞ୍ଜିଥିଲ
ଦେଖାଇ ନୂତନ ଦିଶା ।
ପ୍ରବେଶ ଦ୍ୱାର ଉନ୍ମୁକ୍ତ ରଖିବାରେ
କରିଥିଲି ଯେଉଁ ତ୍ରୁଟି
ପ୍ରସ୍ଥାନ ପ୍ରହସନେ ତା ଇତି କରିଣ
ଦେଲ ପ୍ରତାରଣା ଭେଟି ।
ବିଗତ ଦିନର ସ୍ମୃତି ମାନେ ଏବେ
ଅଲିଭା ସପନ ଆଙ୍କି
ରସହୀନ ଜୀବନର ଆକାଶରେ
ଶୂନ୍ୟତା ଦିଅନ୍ତି ଢାଙ୍କି ।
ଜ୍ୱଳନର ସେହି ନିଷ୍ଠୁର ସତ୍ୟକୁ
ସତତ ଗୋପନେ ରଖି
ସାନ୍ତ୍ୱନାର ମୂକ ଭାଷା ବୁଝିପାରି
ପ୍ରତୀକ୍ଷା ନକରେ ଆଖି ।

+ ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ଦିବ୍ୟାଂଶୀ କାଶତଣ୍ଡି

### ଅନସୂୟା ପଣ୍ଡା



ମଖମଲି କୁହୁକ ଫୁଲଟିଏ କାଶତଣ୍ଡି
ବତୁରା ମାଟିର ମହକରେ
ଉତୁରି ଉଠେ ମୁଠାଏ
ଦିବ୍ୟାଂଶୀ ଭାବଧାରାରେ।

ଶୁଭ୍ରତାରେ ଛଳ ଛଳ ଛବିଳ
ତାମସିକ ଚେତନାର ପଂକ୍ତି
ଓଠରେ ଖିଲି ଖିଲି ହସ
ନିଷ୍କାମ ନିବେଦନର ଭାକ୍ତିକ ଅନୁରାଗ।

ଥିରି ଥିରି ଶୀତଳ ସମୀର ସ୍ୱରେ
ବିଶୋକ ହିଲ୍ଲୋଳେ
ମଧୁର ମୂର୍ଚ୍ଛନା ତୋଳେ
ପାର୍ବଣର ଆଗମନୀ ପୁଲକରେ
ପ୍ରକୃତିର ପ୍ରାଣେ ପ୍ରାଣେ।

ପବିତ୍ର ପାବନ ଧ୍ୱନି ଦିବ୍ୟତାରେ
ନୈସର୍ଗିକ ସୁଖକୁ ଭରେ
ବିନ୍ଦୁ ବିନ୍ଦୁ ଭାବର ପ୍ରସାରଣ କରେ
ତରୁ ଲତା ଅମ୍ବର ପୃଥିବୀ ସବୁଥିରେ
ଦେବୀଙ୍କର ଆବାହନୀରେ
ଟିପି ଟିପି ନୀହାର ମୁକ୍ତାରେ
ସୁଶୋଭିତ ପ୍ରକୃତିର ଚିତ୍ରପଟ୍ଟରେ।

ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

## ଏ କେଉଁ ପୃଥିବୀ

### ସୁବ୍ରତ କୁମାର ଜେନା



ସୁଖର ପସରା ହାତେ ଆସୁ ଆସୁ
ଫଗୁଣ ଟା ଗଲା ଚାଲି
ହାତର ମେହେନ୍ଦୀ ଲିଭିବା ଆଗରୁ
ମନୁ ତୁମେ ଗଲ ଭୁଲି ।

ଭଲ ପାଇବାର ଋତୁଟା ଏମିତି
କେମିତି ଜାଳିଲା ନିଆଁ
ତୁମ ଦିଆ କଥା ରହିଗଲା ଅଧା
ପ୍ରେମରେ ହେଲି ମୁଁ ଅଛୁଆଁ ।

ରାତି ଅନ୍ଧାରରେ ନିର୍ଜନ ବେଳାରେ
ପଚାରେ ପ୍ରଶ୍ନ ମତେ
ଏତେ ସହଜରେ କାହିଁକି କେଜାଣି
ଭଲ ପାଇଥିଲି ତତେ ।

ସମୟ ବଦଳେ ଋତୁ ବି ବଦଳେ
ହେଲେ ବଦଳେନି କେବେ ପ୍ରେମ
ତୁ କିନ୍ତୁ ଏଇଠି ପ୍ରତୀକ ସାଜିଲୁ
ସତ ପ୍ରେମକୁ କରି ବଦନାମ ।

ରକ୍ତିମ ପଳାସ ଚାହିଁଛି ଆବେଗେ
କାଳେ ତୁମେ ଫେରି ଆସିବ
ରଙ୍ଗ ହୀନ ଏଇ ପ୍ରେମ ଫଗୁଣଟା
ଆଉଥରେ ପୁଣି ବାସିବ ।

ଗଙ୍ଗ ଶିଉଳି ତ ନୀରବରେ ହସେ
ପାରେନି କହିତା ଦୁଃଖ
ସେ ପରା ବୁଝିଛି ଏ ପ୍ରେମ ଅଟେ ମିଛ
ଖାଲି ଦୁଇ ଚାରିଦିନ ସୁଖ ।

ଅନୁତାପ ଅଶ୍ରୁ ଝରି ଝରି ଯାଏ
ଛୁଇଁ ଛୁଇଁ ଯାଏ ଶୁଷ୍କ ଭୂମି
ତଥାପି ପାଗଳ ପ୍ରେମିକ ପ୍ରବର
ପ୍ରେମରେ ନାଚେ ଝୁମି ଝୁମି ।

ଦିବା ସ୍ୱପ୍ନ କିବା ହୁଅଇ ଯେ ସତ
ତଥାପି ଆଖି ଦେଖେ କେତେ ସ୍ୱପ୍ନ
ସବୁଠି ପ୍ରେମିକ ଜାତିଙ୍କ ମନରେ
ବିରହେ ଥାଏ ପ୍ରେମର ଚନ୍ଦନ ବନ ।

♥ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

## ଭାବନାର ଚିତ୍ର

### ଜଗଦୀଶ ପଣ୍ଡା



ସ୍ୱପ୍ନ ସବୁକୁ ଆଙ୍କିବାର ପ୍ରଚେଷ୍ଟା
ଅସ୍ତବ୍ୟସ୍ତ କରୁଥିବା କିଛି ଭାବନା
ଅଚାନକ ଆଖି ଆଗକୁ ଆସୁଥିବା
ସେହି ଦୃଶ୍ୟପଟ୍ଟ ସବୁ
ସତରେ, କେତେ ସୁନ୍ଦର।
ସେହି ସୌନ୍ଦର୍ଯ୍ୟ ଭିତରେ ହଜିଗଲା ପରେ
ହଠାତ ଅଜାଣତରେ,
ସମୟର ସଡ଼କରେ ବୟସର ମୋଡରେ
ନୂତନ ଯାତ୍ରାର ଆରମ୍ଭ
ନବଦିଗନ୍ତର ସନ୍ଧାନରେ,
କିନ୍ତୁ କାହିଁକି କେଜାଣି
ସେ ରାସ୍ତାର ଏକାକିତ୍ୱର ରାଜତ୍ୱ
କଳ୍ପନାର ମୌନବ୍ରତ

ବୋଧହୁଏ କିଛି ରହିଯାଇଛି ଅଧୁରା
ପୁଣି ଫେରିବାକୁ ହେବ
ସେଇ ପୁରୁଣା ରାସ୍ତାକୁ
ଆଙ୍କିଦେବାକୁ ହେବ କଳ୍ପନାର
କାନଭାସରେ
ଅନେକ ଅନାବନା ଭାବନା ସବୁ
କିନ୍ତୁ ହାୟ !

ପଛକୁ ଫେରି ଦେଖେ ତ,
ମୁଁ ରଙ୍ଗ ଆଉ ତୂଳୀ ହଜେଇ ଦେଇଛି।

ବେଳେବେଳେ ଭାବେ
ପଛକୁ ଫେରି ଦେଖନ୍ତି
ସ୍ମୃତିର ପଛପଟ୍ଟରେ ସାଇତିଥିବା
ଭାବନାର ଗନ୍ତାଘର ସବୁ

କିନ୍ତୁ ବାସ୍ତବରେ ଲାଗେ
ହଜାଇ ଦେଇଛି ସେଇ ଭାବନା ସବୁ
ନୂତନତ୍ୱରେ ଆଜି ମୁଁ।

ଇଚ୍ଛା ହୁଏ ପୁଣି ଭାବନାର
ସେଇ ଫୁଲକୁ ଗୁନ୍ଥିବାକୁ ଶବ୍ଦର
ବ୍ୟବହାରରେ
କିନ୍ତୁ ଏବେ ଏମିତି ଲାଗୁଛି
ସତରେ ସେ ଶବ୍ଦ କିଛି
ହଜିଯାଇଛି ନିରବତାରେ...

♥ ଅଲାଡିଗାଁ, ଗଂଜାମ

## ଶିଶୁ

### ନୀଳମଣି ଚାନ୍ଦ



ଶିଶୁ ଅଟେ ମାନବର ପ୍ରଥମ ଅବସ୍ଥା
ଶିଶୁଟି ତ ଅସହାୟ ଲୋଡଇ ବ୍ୟବସ୍ଥା।
ଶିଶୁ କରେ ପ୍ରଥମରୁ ମାତା ସ୍ତନ୍ୟ ପାନ
ଶିଶୁଟିକୁ ମଣିବାରେ ଈଶ୍ୱରଙ୍କ ଦାନ।
ଶିଶୁ କହୁଥାଏ ସିନା ଯେ ଦରୋଟି କଥା
ଶିଶୁ ହସେ, କାନ୍ଦେ ଖେଳେ ଝୁଲାଏରେ
ମଥା।
ଶିଶୁର ମନଟି ସଫା ସିଲଟଟି ପରି
ଶିଶୁ ହସଟିରୁ ମହୁ ପଡ଼ଇ ଯେ ଝରି।
ଶିଶୁ ଥିଲେ ବିଶୁ, ଯୀଶୁ, ବାପୁ,
ଗୋପ ଦିନେ
ଶିଶୁ ରତ୍ନଟିକୁ ଠିକ୍ ଜହୁରୀ ଯେ ଚିହ୍ନେ।
ଶିଶୁ ବଡ଼ ହୋଇ ଦିନେ ହୁଏ ନାଗରିକ
ଶିଶୁ ବୁଝେନାହିଁ ମାସ, ବାର କି ତାରିଖ।

ଶିଶୁ ହସିଦେଲେ ସାରା ଦୁନିଆ ଯେ ହସେ
ଶିଶୁ ଥିଲେ ଘରେ ସତେ ଖୁସି ହାଟ ବସେ।
ଶିଶୁ ପ୍ରିୟ ଥିଲେ ଚାଚା ଆମ ଜବାହର
ଶିଶୁ ଦିବସଟି ପାଳୁ ଜନ୍ମଦିନ ଯାର।
ଶିଶୁ ବିନା ପରିବାର ଲାଗେ ଶୂନ୍ୟ ଶୂନ୍ୟ
ଶିଶୁ ଥିଲେ ଘର ହୁଏ ସ୍ୱୟଂ ସମ୍ପୂର୍ଣ୍ଣ।

♥ ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ସୁନୟନା ପାଇଁ ଦି'ପଦ...

### ଡାଃ ମନୋରଞ୍ଜନ ଦାଶ



ମୁଁ ଜାଣେ, ତୁମେ ମୋ ସୃଷ୍ଟିର ସମ୍ଭାରରୁ
ଧୂଳିକଣା ଚୋରେଇ ବେଶ୍ ଆନନ୍ଦିତ।
ତୁମେ ମୋ ମନର ଅଗଣାରେ
ବେଳେବେଳେ
ପଶିଆସି, ମୋ ହୃଦୟର ଭାବାବେଗକୁ
ଚୋରି କରିନିଅ....
ମୁଁ ତୁମକୁ ଚୋରଣୀର ଆଖ୍ୟା ଦେବିନି,
ସୁନୟନା !
ବରଂ ତୁମ ଖୁସି ମୋ ପାଇଁ ବି ଖୁସିଟିଏ।
ମୁଁ ବହୁବାର ତୁମକୁ ଆମନ୍ତ୍ରଣ କରିଚି,
ଶବ୍ଦର ଲୁଚକାଳି ଖେଳ ଖେଳିବା ଆସ ।
ତମେ କିନ୍ତୁ ମିଛିମିଛିକା ସୃଜନର
ବାଃ ବାଃ ରେ ମସଗୁଲ୍ ।

ତୁମେ କ'ଣ ଜୀବନକୁ ରଙ୍ଗେଇବ,
ମିଥ୍ୟା ଦମ୍ଭୋକ୍ତିରେ ?
ନାଁ ନାଁ ....ଭାବରେ ବୁଡ଼ିଲେ,
ଭାବରେ ହଜିଲେ,
ଜୀବନଟା ମଧୁମୟ !

♥ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ,ଜି -କେନ୍ଦ୍ରାପଡା
ମୋ: ୯୪୩୭୩୧୭୭୨

## ଜୀବନ ଏକ ନଈ

### ସତ୍ୟଜିତ୍ ମହାପାତ୍ର



ଜୀବନର ନଈ ଯାଏ ବହିବହି
ଅଙ୍କାବଙ୍କା ପଥ ଦେଇ
କେବେ ଖାଲଢିପ ଛୋଟବଡ ଦ୍ୱିପ
ନିତି ସଦା ଭେଟୁଥାଇ

ଜୀବନର ନଈ ପାରି ହେବା ପାଇଁ
ଆଶାର ଆହୁଲା ମାରେ
କେବେ ଉଠେ ପୁଣି ଜୁଆର ଉଜାଣି
ଖୁସି ଅସୁମାରୀ ତୀରେ

ଜୀବନର ନଈ ଆସେ କେବେ ନେଇ
ସୁଖଭରା ଦିନଟିଏ
କେବେ ଖଟାମିଠା ମନ ନଦୀପଠା
ଦୋଛକିର ଘାଟ ସିଏ

ଜୀବନର ନଈ ଶାଖା ମେଲିଥାଇ
ନିଜର ନିଜର କହି
ମିଛ ମିଛିକାରେ ଅଭିନୟ କରେ
ପ୍ରତାରଣା ପ୍ରେମ ସହି

ଜୀବନର ନଈ ଚୋରା ବାଲି ହେଇ
ପାଦ ଟଳମଳ କରେ
ଦୁଃଖ ମୁହାଣରେ ନିର୍ଜନ ବେଳାରେ
ପ୍ରତି ମୁହୂର୍ତ୍ତରେ ମରେ

ଜୀବନର ନଈ ଲକ୍ଷ୍ୟ ରଖେ କାଇଁ
ସାଗରେ ମିଶିବା ପାଇଁ
ନୁହେଁ ସେ ନଦୀଟେ ନୁହେଁ ସାଗରଟେ
ଆତ୍ମା ପରମାତ୍ମା ସେହି ।

♥ ମାଣିକଡିହା,ଖୋସାଲପୁର,
ଦଶରଥପୁର,ଯାଜପୁର
ମୋ: ୯୮୬୧୪୦୦୦୨୯

## ବ୍ୟଥିତ ମନ

### ପ୍ରଶ୍ନ କୁମାର ଶତପଥୀ



ଦୀପପୁଞ୍ଜଭରା ବ୍ୟଥିତ ମନେ
ଜଳୁଛି ଆଲୋକ ଦେଇ,
ଅନ୍ଧକାରଭରା ଅଜ୍ଞାନ ମନେ
ଯନ୍ତ୍ରଣା ହୁଏ ଖଦେଇ ।

ନଗଣ୍ୟ ପରିକା ଜଳି ଜଳିବାର
ଶିହରଣେ ଜଳୁଛି,
ଶୂନ୍ୟତାର ଅନ୍ଧାରେ
ଦୀପପୁଞ୍ଜ ଅମାବସୀରେ ଡିନ୍ତୁଛି ।

ମାଡ଼ି ଆସୁଥିବା ବିପଦ ସୁଖକୁ
ମନେ ଆଶ୍ରୟ ଦେଇ,
ମନର ଦୀପରେ ସପନ ଭରି
ନିଜେ ନିଜକୁ ଠକାଇ ।

ଜଳିବା ଦୁଃଖ ଧରି
ପ୍ରିୟତମା ଆସିବା ପଥ ଅନାଇ,
ଅବୁଝା ମନେ ଦୀପ ଆଲୋକେ
ପ୍ରିୟତମା ମୁଖ ଦେଖଇ ।

♥ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ

## ଲଜ୍ଜା ଲଜ୍ଜା

### ଅଳକା ରାୟ



ଦୁଃଖିନୀ କନ୍ୟା, ଦୁଃଖର ରଜନୀ
ପାଉନାହିଁ କାହିଁ ପାଇଁ
ହିଂସ୍ର ସମାଜରେ
ହିଂସ୍ର ଦାନବର
ହିଂସ୍ର ଆଚରଣ ପାଇଁ
ଶବ୍ଦ ପାଉନାହିଁ ଲେଖିବାକୁ ଆଜି
ଶବ୍ଦ ଯେ ବିମୁଖ ହେଲେଣି
ମାନବର ଆଜି ଅମାନୁଷିକ ପଣରେ
ହୃଦୟରୁ ଲହୁ ଝରଇ।

ଶୁଣିଛି ଶ୍ରୀକୃଷ୍ଣ ଦ୍ରୋପଦୀଙ୍କ ବସ୍ତ୍ର
ହରଣ ହେବା ଜାଣି
ମଉନ ରହି ବସ୍ତ୍ର ହରଣ ଦିନ
କୋଟି ବସ୍ତ୍ର ଦାନ କରି
ଲଜ୍ଜା ନିବାରିଲେ ଯାଜ୍ଞସେନୀଙ୍କର
କଣ ଯଶ ପାଇବା ପାଇଁ
ହେଲେ ତାହା ନାରିମାନଙ୍କ
ଭାଗ୍ୟ ଭବିତବ୍ୟ ବନିଗଲା
କାଳ କାଳ ପାଇଁ !

ଆଜି ବସ୍ତ୍ରହରଣ ହୋଇସାରିଛି
ନାରୀଟି ସମ୍ମାନ ହରାଇ ସାରିଛି
ହେ ପାଞ୍ଚାଳୀ ସଖା
ହେ ରାଧା ମୋହନ
କି ଦୋଷ କଳିଯୁଗ ନାରୀ ଙ୍କର
ନା କିଛି ଜାଣିପାରିଲ !
ନା ଧରାବତରଣ କଲ !
ନାରୀମାନେ ଆଜି ଆହ୍ୱାନ କରୁଛନ୍ତି
ମା ଦଶଭୁଜା ଦୁର୍ଗାଙ୍କୁ
ତ୍ରୀଶୁଳରେ ବଦ୍ଧ କରିବାପାଇଁ
ଆଜିର ରାବଣ ଓ ଦୁଃଶାସନ ମାନଙ୍କୁ।

♥ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

# ବିପଦରେ ପୁରୀ ସହରର ଜଳଉତ୍ସ: ଶ୍ରୀଜଗନ୍ନାଥ ବଲ୍ଲଭ ଜଳାଶୟକୁ ସମାଧି



ପୁରୀ, ୧୩/୧୧ (ନି.ପ୍ର): ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଭୂତଳ ଜଳର ସୁରକ୍ଷା ଚିନ୍ତା ଚାଲିଛି। ଭୂଜଳ ଜଳ ରିଚାର୍ଜ ପାଇଁ ଅମୃତ ସରୋବର ଯୋଜନାଠାରୁ ଆରମ୍ଭ କରି ରାସ୍ତାଘାଟ ସବୁ ପେଭର ବ୍ଲକ କରାଯାଉଛି। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ବର୍ଷା ଜଳ ଅମଳ ବ୍ୟବସ୍ଥା କରାଯାଉଛି। ଗୋଟିଏ ପଟେ ସରକାର ଭୂତଳ ଜଳ ସୁରକ୍ଷା, ବର୍ଷା ଜଳ ଅମଳକୁ ଗୁରୁତ୍ୱ ଦେଉଥିବା ବେଳେ ଅପରପକ୍ଷେ ବିକାଶ ଆଳରେ ଜଳଉତ୍ସ ସବୁକୁ ସମାଧି ଦେବାରେ ଲାଗିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଶ୍ରୀଜଗନ୍ନାଥ ବଲ୍ଲଭ ମଠ। ପୂର୍ବରୁ ଏହା ପରିସରରେ ଥିବା ୨୩ଟି ଜଳାଶୟ (ପୋଖରୀ)ରୁ ବିକାଶ ଆଳରେ ୧୫ଟିକୁ ପୋତିଦିଆଯାଇଥିଲା। ବାକି ଯେଉଁ ୮ ଜଳାଶୟ ବଳିଥିଲା, ସେଥିରୁ ବି ୪ଟିକୁ ନୂଆ ରାସ୍ତା କାମ ପାଇଁ ପୋତି ଦିଆଗଲାଣି। ଯାହାକୁ ନେଇ ମଠ ଅନ୍ତେବାସୀଙ୍କ ସହ ଆଖପାଖ ବାସିନ୍ଦାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଯଦି ଏହି ଜଳାଶୟକୁ ପୋତି ଦିଆଯାଏ, ନୂଆ ରାସ୍ତାରେ ଅଣ୍ଟାଏ ଉଚ୍ଚରେ ପାଣି ଜମିବ ବୋଲି ମତ ଦେଇଛନ୍ତି।

ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଷୋଡ଼ଶ ଶତାବ୍ଦୀର। ଶ୍ରୀମନ୍ଦିର ନୀତିକାନ୍ତି ସହ ଶ୍ରୀଜଗନ୍ନାଥ ବଲ୍ଲଭ ନୀତିକାନ୍ତି ଜଡ଼ିତ। ବର୍ଷକ ୧୨ ମାସ ଏଠାରେ ମହାପ୍ରଭୁଙ୍କ ନୀତିକାନ୍ତି ରହିଛି। ଏହା ପରିସରରେ ଥିବା ପୋଖରୀ ବି ନୀତିକାନ୍ତି ସହ ଜଡ଼ିତ। ସେ ବେଣ୍ଟ ଶିକାର ହେଉ କି ବଳଭଦ୍ରଙ୍କ ଜନ୍ମନୀତି ଅବା ଦୁଧମେଲାଣ ନୀତି, ସବୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଓ ଏହା ପରିସରରେ ପୋଖରୀ କୂଳରେ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ସହ ଅନ୍ୟ ଦେବଦେବୀ ଏଠାକୁ ନୀତିକାନ୍ତି ପାଇଁ ବିମାନ, ପାଲିଙ୍କିରେ ଆସିଥାନ୍ତି। ରାଜରାଜୁଡ଼ାଙ୍କ କାଳରୁ ଏହି ମଠର ଖ୍ୟାତି ରହିଛି। ଏହା ରାୟ ରାମାନନ୍ଦଙ୍କ ସାଧନା ପୀଠ ଥିଲା। ମଠ ପରିସରରେ ୫୦ ଏକରରୁ ଅଧିକ, ଯେଉଁ ବିସ୍ତୃତ ଜାଗା ରହିଥିଲା, ସେଥିରେ ରାଜରାଜୁଡ଼ା କାଳରୁ ୨୩ଟି ପୋଖରୀ ରହିଥିଲା। ଏହି ପୋଖରୀର ଗଭୀରତା ଓ ଆକାର ବି ବଡ଼ ଥିଲା। ଯେଉଁ ଭକ୍ତମାନେ ମଠ ଅବା ଶ୍ରୀମନ୍ଦିର ଦର୍ଶନ ପାଇଁ ଆସୁଥିଲେ, ସେମାନେ ଏଠାରେ ସ୍ନାନାଦି କାର୍ଯ୍ୟ କରୁଥିଲେ। ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଲାଗି ଘର କରି ରହୁଥିବା ହରିହର ଭୋଇ କହିଛନ୍ତି, ବର୍ଷା ସମୟରେ ଆଖପାଖ ଅଞ୍ଚଳର ପାଣି ଆସି ମଠ ପରିସରରେ ଜମା ହୁଏ। ଏହି ବର୍ଷା ପାଣି ନିଷ୍କାସନ କରିବାରେ ମଠ ପରିସର ପୋଖରୀ ପ୍ରମୁଖ ଭୂମିକା ତୁଲାଇଥାଏ। ମଠ ପରିସରରେ ଥିବା ଯୋର ଦେଇ ଏହି ପାଣି ବିଭିନ୍ନ ପୋଖରୀ ମାଧ୍ୟମରେ ମିଟିଆଣି ବାଟ ଦେଇ ନିଷ୍କାସିତ ହୋଇଯାଇଥାଏ। କିନ୍ତୁ ଏହି ଜଳାଶୟ, ଯୋର ସବୁକୁ ପୋତି ଦିଆଯାଉଥିବାରୁ ମଠ ପରିସରକୁ ଯେଉଁ ପାଣି ଆସିବ, ତାହା ସେହିଭଳି ଜମା ହୋଇ ରହିବା ସହ ଆଖପାଖ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି କରିବ। ଯେଉଁ ନୂଆ ରାସ୍ତା ହେଉଛି, ତାହା ଉପରେ ବି ପାଣି ଜମି ରହିବ। ରାସ୍ତା କାମକୁ ଆମେ ସ୍ୱାଗତ କରୁଛୁ, କିନ୍ତୁ ଜଳାଶୟ ନ ପୋତି ଓ ସବୁଜିମା ନଷ୍ଟ ନ କରି ହେଉ ବୋଲି ଶ୍ରୀ ଭୋଇ କହିଛନ୍ତି।

# ବିପଦରେ ଶତାୟୁ ଝଞ୍ଜାବତୀ ପୋଲ: ବାରମ୍ବାର ବଦଳୁଛି ନୂଆ ପୋଲ ଡିଜାଇନ୍



ରାୟଗଡ଼ା, ୧୩/୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲାକୁ ଦକ୍ଷିଣ ଭାରତ ସହ ଯୋଡୁଛି ଝଞ୍ଜାବତୀ ପୋଲ। ସହର ଉପକଣ୍ଠରେ ରହିଥିବା ଏହି ପୋଲକୁ ପ୍ରାୟ ଶହେ ବର୍ଷ ତଳେ ବ୍ରିଟିଶ୍ ସରକାର ନିର୍ମାଣ କରିଥିଲେ। ସମୟକ୍ରମେ ଏହି ପୋଲ ଦୁର୍ବଳ ହେବାରେ ଲାଗିଛି। ଅନ୍ୟପଟେ ଗାଡ଼ି ଚଳାଚଳ ବୃଦ୍ଧି ପାଇବାରେ ଲାଗିଛି। ଏମିତି ସ୍ଥିତିରେ ବଡ଼ ଅଘଟଣକୁ ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ରାୟଗଡ଼ା-କେରଡ଼ା ମୁଖ୍ୟରାସ୍ତାରେ ଝଞ୍ଜାବତୀ ନାଳରେ ଉଚ୍ଚା ପୋଲ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇ କାମ ଠିକାସଂସ୍ଥାକୁ ଦେଇଥିଲା। କିନ୍ତୁ ବିଭିନ୍ନ ପ୍ରତିବନ୍ଧକ ସାଙ୍ଗକୁ ଉଦାସୀନତା ଯୋଗୁଁ ନୂଆ ପୋଲ ନିର୍ମାଣ ହୋଇପାରୁନି। ଯାହାଫଳରେ ଅସୁରକ୍ଷିତ ଶତାୟୁ ପୋଲରେ ଯାତାୟାତ ଜାରି ରହିଛି।

୨୦୧୭ ମସିହାରେ ରାୟଗଡା ଜିଲ୍ଲା ରାସ୍ତା ଓ କୋଠାବାଡି ବିଭାଗ ବିଭାଜନ-୧ ପକ୍ଷରୁ ଝଞ୍ଜାବତୀ ପୋଲ ନିମନ୍ତେ ଟେଣ୍ଡର ଆହ୍ୱାନ ହୋଇଥିଲା। ବିଶାଖାପାଟଣାର ଏସ୍‌ଭିଏସ୍ ମୋକାମ୍ବିକା କନଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ ଠିକାସଂସ୍ଥା ଏପ୍ରିଲ ୧୫ତାରିଖରେ ୧୦କୋଟି ୩୪ଲକ୍ଷ ୪୫୩୧୮ ଟଙ୍କାରେ ପୋଲ କରିବାକୁ କାର୍ଯ୍ୟାଦେଶ ପାଇଥିଲା। ବର୍ଷକ ମଧ୍ୟରେ ପୋଲ ନିର୍ମାଣ ଶେଷ କରିବାକୁ ଚୁକ୍ତି ହୋଇଥିଲା। କିନ୍ତୁ ଏହାରି ମଧ୍ୟରେ ଧାର୍ଯ୍ୟ ଅବଧି ପରେ ସାଢ଼େ ୫ବର୍ଷ ବିତି ଯାଇଥିଲେ ସୁଦ୍ଧା ପୋଲ କାମ ବିଶେଷ ଅଗ୍ରଗତି ହୋଇନାହିଁ। ପାରିପାର୍ଶ୍ୱିକ ସ୍ଥିତ ସହ ବୈଷୟିକ ସମସ୍ୟା ଯୋଗୁଁ ବିଳମ୍ବ ହୋଇଥିବା କୁହାଯାଉଛି। ଅନ୍ୟପଟେ ସାଢ଼େ ୬ବର୍ଷ ମଧ୍ୟରେ ପୋଲ ଡିଜାଇନ୍ ୩ଥର ବଦଳିଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଛନ୍ତି। ପୋଲ ନିମନ୍ତେ ଝଞ୍ଜାବତୀ ନାଳର ଉଭୟପାର୍ଶ୍ୱରେ ପିଲର କେବଳ ଶେଷ ହୋଇଛି। ଉଭୟ ପାର୍ଶ୍ୱକୁ ଯୋଡ଼ିବା ପାଇଁ ୬୧ମିଟର ଲମ୍ବା ଲୁହା ବୁଷ୍ଟ ଗାର୍ଡର ରଖିବା ବ୍ୟବସ୍ଥା ହୋଇପାରିନି। ବୁଷ୍ଟ ଗାର୍ଡର ରଖିବାକୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏଥିପାଇଁ ହାଇଦ୍ରାବାଦର ଗୋଟିଏ ସଂସ୍ଥା ସହ ଯୋଗାଯୋଗ କରାଯାଇଛି। ଏହି କାରଣରୁ ନିର୍ମାଣ ବିଳମ୍ବ ହେଉଥିବା ବେଳେ ଆସନ୍ତାବର୍ଷ ଜାନୁଆରି ୩୧ତାରିଖ ସୁଦ୍ଧା ଲଞ୍ଚିଂ ବ୍ୟବସ୍ଥା ଶେଷ ହୋଇଯିବ। ଏହାପରେ ପୋଲର ଆପ୍ରୋଚ୍ ରୋଡ୍ ନିର୍ମାଣ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ଏମିତି ବିଳମ୍ବ କାରଣରୁ ପୂର୍ବଭଳି ପୁରୁଣା ତଥା ଅସୁରକ୍ଷିତ ପୋଲରେ ଗାଡ଼ି ଚଳାଚଳ କରୁଛି। ସୁରକ୍ଷା କାରଣରୁ ଭାରୀଯାନ ଚଳାଚଳ ଉପରେ ପ୍ରଶାସନ କଟକଣା ଲଗାଇଥିଲେ ସୁଦ୍ଧା ଉଲ୍ଲଂଘନ କରି ନିୟମିତ ଭାରୀଯାନ ଯାତାୟାତ କରୁଛି।

ରାୟଗଡ଼ା ଜିଲ୍ଲାରେ ବହୁ ସଂଖ୍ୟାରେ ଶିଳ୍ପ ରହିଥିବାରୁ ପ୍ରତିଦିନ ହଜାର ହଜାର ଗାଡ଼ି ଜିଲ୍ଲାକୁ ବିଭିନ୍ନ ରାଜ୍ୟରୁ ଆସୁଛି। ତେଣୁ ରାୟଗଡା-କେରଡା ମୁଖ୍ୟରାସ୍ତା ଅତ୍ୟଧିକ ବ୍ୟସ୍ତବହୁଳ ହୋଇଯାଇଛି। ଏମିତି ସ୍ଥିତିରେ ପୁରୁଣା ସେତୁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଦିନକୁ ଦିନ ଭାର ବଢ଼ି ଚାଲିଛି। ଅଘଟଣ ଘଟିବାର ଆଶଙ୍କା ରହିଥିବାରୁ ପୋଲ ଉପରେ ସାମାନ୍ୟ ନିର୍ଭରଶୀଳତା କମାଇବା ପାଇଁ ରାୟଗଡା ପୂର୍ତ୍ତ ବିଭାଗ ପକ୍ଷରୁ ପିତାମହଲ ଠାରୁ ସିରିକଣା ପର୍ଯ୍ୟନ୍ତ ୧୦.୦୫ କିମି ବିଶିଷ୍ଟ ବାଇପାସ୍ ନିର୍ମାଣ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୬କିଲୋମିଟର କାମ ସଂପୂର୍ଣ୍ଣ ହୋଇଛି। ବଳକା ୪କିମି କାମ ଶେଷ ହୋଇଗଲେ ପୁରୁଣା ସେତୁ ଉପରେ ଯାତାୟାତ କମିବା ସହ ରାୟଗଡା ସହର ଦେଇ ଭାରୀଯାନ ଚଳାଚଳ ଅନେକମାତ୍ରାରେ କମିଯିବ। ସେହିପରି ସହରରେ ହେଉଥିବା ଦୁର୍ଘଟଣା ସଂଖ୍ୟା କମିଯିବ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## ନିଆଁ ଲଗାଇ ଶୋଇ ପଡ଼ିଥିଲେ ବୃଦ୍ଧ: ଜୀଅନ୍ତା ଜଳିଗଲେ

ନବରଙ୍ଗପୁର, ୧୩/୧୧ (ନି.ପ୍ର): ଅସହ୍ୟ ଶୀତରୁ ରକ୍ଷା ପାଇବାକୁ ପାଖରେ ଲଗାଇଥିଲେ ନିଆଁ। ମାତ୍ର ରାତି ବଢ଼ିବାରୁ ନିଆଁର କୋପ ବି ବଢ଼ିବାକୁ ଲାଗିଲା। ଆଉ ନିଆଁ ଝାସରେ ବୃଦ୍ଧଜଣକ ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ତାଙ୍କ ଘର ପୋଡ଼ି ପାଉଁଶ ହୋଇ ଯାଇଛି। ଏପରି ଏକ ଅଭାବନୀୟ ଘଟଣା ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅନ୍ତର୍ଗତ ବୁଟିସର୍ଗି ଗାଁରେ ଘଟିଛି। ମୃତ ବୃଦ୍ଧଜଣକ ହେଲେ ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅନ୍ତର୍ଗତ ବୁଟିସର୍ଗି ଗାଁର ଭିକାରି ମାଲି। ଭିକାରି ମାଲି ଗତ ରାତିରେ ଖାଇ ସାରି ନିଜ ରୁମ୍‌ରେ ଶୋଇଥିଲେ। ତେବେ ଶୋଇବା ପୂର୍ବରୁ ଅସହ୍ୟ ଶୀତରୁ ରକ୍ଷା ପାଇଁ ପାଖରେ ସେ ପାଖରେ ନିଆଁ ଲଗାଇ ଶୋଇଥିଲେ। ତେବେ ଶୋଇଥିବା ଅବସ୍ଥାରେ ନିଆଁ ଝାସରେ ସେ ପୋଡ଼ି ପ୍ରାଣ ହରାଇଥିଲେ। ଏଥିସହ ନିଆଁ ଲାଗିବା ଯୋଗୁ ତାଙ୍କ ଘର ବି ପୋଡ଼ି ଯାଇଛି। ଏନେଇ ଝରିଗାଁ ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ୍ ? ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଫାର୍ମାସୀ ପାଠ୍ୟକ୍ରମରେ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇନି: ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ




ଜୟପୁର, ୧୩/୧୧ (ନି.ପ୍ର): ଚଳିତ ବର୍ଷ ଫାର୍ମାସୀ ପାଠ୍ୟକ୍ରମ ବି.ଫାର୍ମା, ଡି.ଫାର୍ମା, ଏମ.ଫାର୍ମାରେ ନାମ ଲେଖା ପ୍ରକ୍ରିୟା ଏ ଯାଏଁ ଆରମ୍ଭ ହୋଇନି। ଗତ ମେ ମାସରେ ଛାତ୍ରଛାତ୍ରୀ ମାନେ ଓଜେଇଇ -୨୦୨୩ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାର ପରୀକ୍ଷାଫଳ ବି ପ୍ରକାଶିତ ହୋଇଥିଲେ ହେଁ ପିଲା ମାନେ ଫାର୍ମାସୀରେ ପଢ଼ିବାକୁ ଚାହୁଁଥିବା ବେଳେ ଏ ଯାଏଁ ଆଡମିସନ୍ ପ୍ରକ୍ରିୟା ଆରମ୍ଭ ହୋଇନଥିବାରୁ ଏହି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି।

ସୂଚନା ଅନୁଯାୟୀ, ସଂପ୍ରତି ଅଭିବାଭକ ମାନେ ନିଜ ପିଲାଙ୍କୁ ଚିରାଚରିତ ପାଠ୍ୟକ୍ରମ ପଢ଼ାଇବା ବଦଳରେ ବୃତ୍ତିଗତ /ଧନ୍ଦାମୂଳକ ପାଠ୍ୟକ୍ରମ ପଢ଼ାଇବାକୁ ଚାହୁଁଛନ୍ତି। ସେଭଳି ଛାତ୍ରଛାତ୍ରୀ ମାନେ ମଧ ଏଭଳି ପାଠ୍ୟକ୍ରମ ପ୍ରତି ଅଧିକା ଅଗ୍ରହ ଦେଖାଉଛନ୍ତି। ଏହି କ୍ରମରେ ଛାତ୍ରଛାତ୍ରୀ ମାନେ ଓଜେଇଇ -୨୦୨୩ପରୀକ୍ଷା ଫାର୍ମସୀର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବାକୁ ପରୀକ୍ଷା ଦେଇଥିଲେ। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କାଉନସିଲିଂ ଆବେଦନ କରି କଲେଜ ଗୁଡିକରେ ନାଁ ଲେଖାଇ ପଢ଼ିବେ ବୋଲି ଆଶା କରିଥିଲେ। ତେବେ ରାଜ୍ୟ ସରକାର ଏଯାଏଁ କିଛି ପଦକ୍ଷେପ ନେଇ ନାହିଁ। ଅପରପକ୍ଷରେ ସ୍ୱାସ୍ଥ୍ୟ ସଂପର୍କୀତ ମହାବିଦ୍ୟାଳୟ ଗୁଡ଼ିକୁ ରାଜ୍ୟ ସରକାର ନୂଆରେ ଆରମ୍ଭ କରିବାକୁ ଘୋଷଣା କରିଥିବା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଅଧିନରେ ରଖିଛନ୍ତି। ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ବି କିଛି ଅଗ୍ରଗତି ହୋଇନଥିବାରୁ ଏହି ଶିକ୍ଷାବର୍ଷ ଫାର୍ମସୀ ପଢ଼ିବାକୁ ଚାହୁଁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧାରରେ ଠେଲି ହୋଇ ଯିବ ନାହିଁ ତ ବୋଲି ଅଭିଭାବକ ଓଛାତ୍ରଛାତ୍ରୀ ମାନେ ପ୍ରଶ୍ନ କରିଛନ୍ତି। ଅପର ପକ୍ଷରେ ସେଂଚୁରିଆନ୍ ବିଶ୍ୱବିଦ୍ୟାଳୟରେ ଆଡମିସନ୍ ପ୍ରକ୍ରିୟା ସରିବା ସହ ୩ମାସ ହେବ ପାଠ ପଢ଼ା ଆରମ୍ଭ ହୋଇ ସାରିଲାଣି। ସ୍ୱାସ୍ଥ୍ୟ ଯତ୍ନ ପଦ୍ଧତି ତଥା ପାରା କର୍ମଚାରୀ ବହୁଳ ପରିମାଣର ଓଡିଶା ତଥା ଅଭିବକ୍ତ କୋରାପୁଟ ଜିଲ୍ଲା ପାଇଁ ଆବଶ୍ୟକତା ରହିଥିବା ବେଳେ ରାଜ୍ୟସରକାର କାହିଁକି ଓ କେଉଁ ପରିସ୍ଥିତିରେ ଏଭଳି ଜରୁରୀ ପାଠ୍ୟକ୍ରମକୁ ଆରମ୍ଭ କରିବାକୁ ପ୍ରୟାସ ଆରମ୍ଭ କରୁନାହାନ୍ତି ତାହାକୁ ନେଇ ଅଭିଭାବକ ଓଛାତ୍ରଛାତ୍ରୀ ମାନେ ପ୍ରଶ୍ନ ଉଠାଇଛନ୍ତି। ବହୁ ଛାତ୍ରଛାତ୍ରୀ ଆଜି କିମ୍ବା କାଲି ଫାର୍ମାସୀରେ ନାଁ ଲେଖା ହେବ ବୋଲି ଅପେକ୍ଷା କରି ରହିଥିବା ବେଳେ ସେମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଲୋକ ପ୍ରତିନିଧି, ସାଂସଦ, ବିଧାୟକ ଓ ରାଜ୍ୟସରକାର ତୁରନ୍ତ ଏଦିଗରେ ଦୃଷ୍ଟି ଦେଇ ଏଭଳି ବୃତ୍ତିଗତ ପାଠ୍ୟକ୍ରମ ଆରମ୍ଭ କରିବାକୁ ସବୁ ସରକାରୀ ଓ ବେସରକାରୀ କଲେଜ ଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବାକୁ ଅଭିବାଭକ ଓଛାତ୍ରଛାତ୍ରୀ ମାନେ ଦାବି କରିଛନ୍ତି।

# ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟର ଶାରଦୀୟ ଉତ୍ସବ ଓ ଗାଳ୍ପିକ ଆନନ୍ଦ କୁମାର ମାଇତିଙ୍କ ଗପବହି ଦାମ୍ପତ୍ୟର ଲୋକାର୍ପଣ

କେନ୍ଦ୍ରାପଡ଼ା, ୧୩/୧୧ (ନି.ପ୍ର): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟର ୫ମ ବାର୍ଷିକ ଶାରଦୀୟ ଉତ୍ସବ ଚଳିତ ମାସ ୧୯ ତାରିଖ ରବିବାର ଦିନ ସକାଳ ୯ ଘଟିକା ଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ କଟକ ଟାଉନହଲ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନ ସଭା ଗୃହରେ ଅନୁଷ୍ଠିତ ହେବ ବୋଲି ଅନ୍ତରୀକ୍ଷ ଟ୍ରଷ୍ଟର ମେନେଜିଂ ଟ୍ରଷ୍ଟି ଓ ଅନ୍ତରୀକ୍ଷ ସାହିତ୍ୟ ପତ୍ରିକାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତି ଆଜି ପ୍ରେସ ବିଜ୍ଞପ୍ତି ରେ ଜଣାଇଛନ୍ତି। ଏହି ଉତ୍ସବରେ କଳା , ସାହିତ୍ୟ ,ସଂସ୍କୃତି ସେବା ଉପରେ ଆଧାରିତ ଏକ ମନୋଜ୍ଞ ସଭାର ଆୟୋଜନ କରାଯାଇଅଛି। ଏହି ସଭାରେ ପ୍ରାକ୍ତନ ସରକାରୀ ଯନ୍ତ୍ରୀ , ବିଶିଷ୍ଟ ନାଟ୍ୟକାର, ସାହିତ୍ୟିକ ବସୁଦେବ ସାମଲଙ୍କ ସଭାପତିତ୍ୱରେ କଣାସର ପ୍ରାକ୍ତନ ଅଧକ୍ଷ , ସ୍ୱନାମଧନ୍ୟ ଔପନ୍ୟାସିକ ସୁନୀଲ ମିଶ୍ର ( ମୈତ୍ରେୟ) ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ , ନିର୍ଦ୍ଦେଶକ , ନଗର ଉନ୍ନୟନ ଓଡ଼ିଶା, ମୀନକେତନ ଦାସ ମୁଖ୍ୟ ବକ୍ତା , ସୁପରିଚିତ ମଞ୍ଚନାଟ୍ୟ ନିର୍ଦ୍ଦେଶକ ଶାନ୍ତନୁ ଓଝା ସମ୍ମାନିତ ଅତିଥି ଓ ବିଶିଷ୍ଟ ପ୍ରାବନ୍ଧିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ବୋଲି ସହମତ ପ୍ରକାଶ କରିଛନ୍ତି। ଏହି ସଭାରେ ଅନ୍ତରୀକ୍ଷ ପତ୍ରିକାର ପାର୍ବଣ ୨୦୨୩ ସଂଖ୍ୟା ଉନ୍ମୋଚନ , ଗାଳ୍ପିକ ଆନନ୍ଦ କୁମାର ମାଇତିଙ୍କ ଦ୍ୱିତୀୟ ଗପ ବହିର ଲୋକାର୍ପଣ ହେବା ସହିତ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଭାଧାରିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତି ପ୍ରକାଶ କରିବା ସହିତ କଳା, ସାହିତ୍ୟ, ସଂସ୍କୃତି ଓ ସେବା କ୍ଷେତ୍ରରେ ନିୟୋଜିତ ସମସ୍ତ ଅନୁରଗୀ ବନ୍ଧୁ ବାନ୍ଧବୀ ଙ୍କୁ ଉତ୍ସବରେ ଯୋଗ ଦେବା ପାଇଁ ଅନୁରୋଧ ଜଣାଇଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଡେଡ୍‌ଲାଇନ୍ ଡିସେମ୍ବର ୩୧: ଦେଢ଼ମାସରେ ଦେବାକୁ ହେବ ୮୦% ଆବାସ



ଭୁବନେଶ୍ୱର, ୧୩/୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ) ନିର୍ମାଣରେ ଶେଷ ତାରିଖ ଧାର୍ଯ୍ୟ କରିଛନ୍ତି କେନ୍ଦ୍ର ସରକାର। ଡିସେମ୍ବର ୩୧ ତାରିଖ ସୁଦ୍ଧା ସମସ୍ତ ପ୍ରକଳ୍ପ ନ ସାରିଲେ କେନ୍ଦ୍ର ଟଙ୍କାଟିଏ ଦେବନାହିଁ। କିନ୍ତୁ ପ୍ରକଳ୍ପକୁ ଅଧାରେ ସରକାର ବନ୍ଦ କରିପାରିବେ ନାହିଁ। ଯେତିକି ଅଧା ପ୍ରକଳ୍ପ ଥିବ, ପେଚରସଂସ୍ଥାମାନେ ନିଜ ପାଣ୍ଠିରୁ ଖର୍ଚ୍ଚ କରି ଏହାକୁ ଶେଷ କରିବେ ଓ ସମ୍ପୃକ୍ତ ହିତାଧିକାରୀଙ୍କୁ ଆବାସ ଯୋଗାଇ ଦେବା ନିଶ୍ଚିତ କରିବେ। ଏହି ମର୍ମରେ ଏକ ସ୍ୱତନ୍ତ୍ର ଫର୍ମାଟ୍‌ରେ ପେଚରସଂସ୍ଥା କର୍ତ୍ତୃପକ୍ଷମାନେ ଘୋଷଣାନାମା ଲେଖି କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବେ। ଏଭଳି ଏକ ଚିଠି ବିଏମ୍‌ସିରେ ପହଞ୍ଚିବା ପରେ ଭୂକମ୍ପପ୍ରାୟ ସ୍ଥିତି ସୃଷ୍ଟି ହୋଇଛି। ଟାର୍ଗେଟ୍‌ରୁ ମାତ୍ର ୨୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିବାରୁ ଦେଢ଼ମାସ ମଧ୍ୟରେ ବାକି ୮୦ ପ୍ରତିଶତ ଆବାସ କିଭଳି ଯୋଗାଇବେ ସେ ନେଇ ଭାଳେଣି ପଡ଼ିଛି।

୨୦୨୨ ସୁଦ୍ଧା ପିଏମ୍‌ଏୱାଇ ଅଧୀନରେ ସମସ୍ତଙ୍କୁ ପକ୍କାଘର ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହି ଯୋଜନାରେ ବିଏମ୍‌ସି ଅଞ୍ଚଳରେ ମୋଟ୍ ୧୨୪୭ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ୨୦୧୬ ମସିହାରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟାଦେଶ ବଣ୍ଟା ଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଆର୍ଥିକ ଅନୁଦାନରେ ୩୨୨ ବର୍ଗଫୁଟ ଜମି ଥିବା ସହରାଞ୍ଚଳ ଗରିବଙ୍କୁ ପକ୍କାଘର ନିର୍ମାଣ ପାଇଁ ୩ ଲକ୍ଷ୨୦ ହଜାର ଟଙ୍କା ଅନୁଦାନ ଖଞ୍ଜା ଯାଇଥିଲା। ଏହି ଅର୍ଥ ୪ଟି ପର୍ଯ୍ୟାୟରେ ଦିଆଯାଉଥିଲା। କିନ୍ତୁ ଦେଖାଗଲା, ଧାର୍ଯ୍ୟ ହୋଇଥିବା ଡେଡ୍‌ଲାଇନ୍(୨୦୨୨) ସୁଦ୍ଧା ମାତ୍ର ୨୦ ପ୍ରତିଶତ ନିର୍ମାଣ ହୋଇଥିଲା। ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଧାପନ୍ତରିଆ ହୋଇ ପଡ଼ି ରହିଥିଲା। କେତେକ ହିତାଧିକାରୀ ଗୋଟିଏ, ଦୁଇଟି କିମ୍ବା ତିନୋଟି କିସ୍ତି ଉଠାଇ ଘରକାମ ଅଧା କରି ପକାଇ ରଖିଥିଲେ, ସମ୍ପୂର୍ଣ୍ଣ କରିପାରିନଥିଲେ। ଏହାକୁ ନେଇ ବିଏମ୍‌ସିର ଅକଳ ଗୁଡୁମ୍ ହୋଇଥିଲା। ଗତ ମେ' ମାସରେ ବିଏମ୍‌ସି ଏହାର ସମୀକ୍ଷା କରିଥିଲା। କାହିଁକି ହିତାଧିକାରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଘରକାମ ଶେଷ କରିପାରୁ ନାହାନ୍ତି, ତା'ର କାରଣ ଖୋଜିବା ପାଇଁ ସହରାଂଚଳ ପ୍ରଧାନ ମନ୍ତ୍ରୀ ଆବାସ ଯୋଜାନାର ସାମାଜିକ ସମୀକ୍ଷା କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାର କାରଣ ଖୋଜିବା ପାଇଁ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ସମ୍ପୃକ୍ତ ସଂସ୍ଥା ସହିତ ପ୍ରତି ୱାର୍ଡର କର୍ପୋରେଟର, ହିତାଧିକାରୀ ମାନଙ୍କୁ ନେଇ ଏକ କମିଟି ଗଠନ ହୋଇଥିଲା। ଏହି କମିଟିରେ ୨୦ରୁ ୩୦ ଜଣ ସଦସ୍ୟ ରହିଥିଲେ। ସେମାନଙ୍କୁ ନେଇ ୫ଟି ସବ୍-କମିଟି ଗଠିତ ହେବାକୁ ଯୋଜନା ଥିଲା। ଏହି ସବ୍-କମିଟି ଅସଂପୂର୍ଣ୍ଣ ଥିବା ହିତାଧିକାରୀଙ୍କ ଘର ଘର ବୁଲି ତଥ୍ୟ ସଂଗ୍ରହ କରି କେଉଁ କାରଣ ପାଇଁ ସେମାନେ ଘରକାମ ସଂପୂର୍ଣ୍ଣ କରିପାରୁନାହାନ୍ତି, ତା'ର ତଥ୍ୟ ସଂଗ୍ରହ କରିବେ ବୋଲି କଥା ଥିଲା। ଏହାପରେ କମିଟି ଘର ପୂରା ହୋଇ ପାରୁନଥିବା କାରଣର ତର୍ଜମା କରି କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଜନା ହୋଇଥିଲା। ତେବେ ଘଟଣାକୁ ୬ ମାସ ପୂରିଥିଲେ ମଧ ସାମାଜିକ ସମୀକ୍ଷା ହୋଇ ପାରିନାହିଁ କିମ୍ବା ଉପରୋକ୍ତ କମିଟି କ'ଣ କାମ କଲା, ତାହାର ହିସାବ କି ସୂଚନା କାହା ପାଖରେ ନାହିଁ। କାରଣ ୬ ମାସ ପୂର୍ବରୁ ଆବାସ ନିର୍ମାଣର ଯେଉଁ ସ୍ଥିତି ଥିଲା, ସେହି ସ୍ଥିତି ଏବେ ବି ରହିଛି- ୨୦ ପ୍ରତିଶତରୁ ଅଧିକ ଆବାସ ନିର୍ମାଣ ହୋଇ ପାରିନାହିଁ। ଅନ୍ୟପଟେ ବିଏମ୍‌ସିର ଯୁକ୍ତି ହେଉଛି, ୨୦ ପ୍ରତିଶତ ନୁହେଁ, ପ୍ରକୃତରେ ୬୦ରୁ ୭୦ ପ୍ରତିଶତ ନିର୍ମାଣ ହୋଇଛି। ୧୨୪୭ ହିତାଧିକାରୀ ଚିହ୍ନଟ ହୋଇଥିଲେ। କିନ୍ତୁ ଅଧାରୁ ଅଧିକ ଘର କରି ପାରିନଥିଲେ। ଏଭଳି ସ୍ଥିତି ଜାରି ରହିବା ପରେ ଏହାର ସମୀକ୍ଷା ହୋଇଥିଲା। ଯେଉଁମାନେ ଘର କରୁନାହାନ୍ତି, ସେମାନଙ୍କୁ ନୋଟିସ୍ ଦେବା ସହ ୨୦୧୮ ମସିହାରେ ଅଧାରୁ ଅଧିକ କାର୍ଯ୍ୟାଦେଶ ବାତିଲ୍ କରି ଦିଆଯାଇଥିଲା। ଅର୍ଥାତ୍ ୬୦୦ ଘର ନିର୍ମାଣ ନିଷ୍ପତ୍ତି ହୋଇଥିଲା। ସେଥିରୁ ୬୦ରୁ ୭୦ପ୍ରତିଶତ ଶେଷ ହୋଇଛି। ବାକିସବୁ ସାରିବା ପାଇଁ ବ୍ୟବସ୍ଥା ହେଉଛି। ଏ ଯୁକ୍ତିକୁ ଗ୍ରହଣ କରାଗଲେ ବି, ଦେଢ଼ମାସରେ ୩୦-୪୦ ପ୍ରତିଶତ କାମ ଶେଷ କରିବା ମଧ ସହଜ ହେବନାହିଁ।

# ଦୁର୍ଗମ ଅଞ୍ଚଳରେ ବିକାଶ: ସେବା ଯୋଗାଇବାକୁ ୩ କିମି ଚାଲିଲେ ସ୍ୱାସ୍ଥ୍ୟ କର୍ମଚାରୀ

ଝରିଗାଁ, ୧୩/୧୧ (ନି.ପ୍ର): 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମକୁ ନେଇ ରାଜ୍ୟ ସରକାର ଡେଙ୍ଗୁରା ବଜାଉଥିବା ବେଳେ ଦୁର୍ଗମ ଅଞ୍ଚଳର ଲୋକେ ବିକାଶର ଅର୍ଥ କିଛି ବୁଝିପାରନ୍ତି ନାହିଁ। ରାସ୍ତାଘାଟର ଅଭାବ କାରଣରୁ ଦୁର୍ଗମ ଅଞ୍ଚଳର ଅନେକ ଗାଁକୁ ଯାନବାହନ ଚଳାଚଳ କରିପାରେ ନାହିଁ। ଏହି କାରଣରୁ ଅନେକ ସମୟରେ ଲୋକଙ୍କୁ ସ୍ୱାସ୍ଥ୍ୟଜନିତ ଅସୁବିଧା ପାଇଁ ଜୀବନ ହରାଇବାକୁ ପଡ଼ିଥାଏ। କେବଳ ସେତିକି ନୁହେଁ, ସରକାରୀ ମେଡିକାଲ କର୍ମଚାରୀଙ୍କୁ ମଧ ରୋଗୀଙ୍କ ନିକଟରେ ପହଞ୍ଚିବା ପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ଏପରିକି ବହୁ ଦୂରରେ ଅଞ୍ଚଳକୁ ପାଦରେ ଚାଲିଚାଲି ଯିବାକୁ ପଡ଼ିଥାଏ। ଏଭଳି ଦୁର୍ଗମ ଅଞ୍ଚଳର ଉଦାହାରଣ ହେଉଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ତେଲନଦୀ ପଂଚାୟତର ବିଭିନ୍ନ ଗ୍ରାମ। ତେଲନଦୀ ପଞ୍ଚାୟତ ଦୁର୍ଗମ ଗ୍ରାମଗୁଡ଼ିକୁ ସ୍ୱାସ୍ଥ୍ୟ କର୍ମୀମାନେ ସେବା ଯୋଗାଇବା ପାଇଁ ୩କିମି ଚାଲିଥିବା ଘଟଣା ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ତେଲନଦୀ ପଂଚାୟତର ବିଭିନ୍ନ ଗ୍ରାମକୁ ପ୍ରଶାସନ ପକ୍ଷରୁ ରାସ୍ତା ହୋଇନଥିବା ନଥିବା ବେଳେ ସେହି ଗ୍ରାମ ଗୁଡିକରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ ହୋଇ ପଡିଥାଏ। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମିଶନ ଇନ୍ଦ୍ର ଧନୁସ କାର୍ଯ୍ୟକ୍ରମ ଚାଲିଥିବା ବେଳେ ତେଲନଦୀ ପଂଚାୟତର ବିଭିନ୍ନ ଉପାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ଶନିବାର ପଂଚାୟତର ଚେପଟିଆମ୍ବା ଗ୍ରାମରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଯାଇଥିବା ସ୍ୱାସ୍ଥ୍ୟ କର୍ମଚାରୀମାନେ ରାସ୍ତା ନଥିବା ଯୋଗୁଁ ତିନି କିଲୋମିଟର ଦୂର ଔଷଧ ବହି ଚାଲିଚାଲି ଯିବା ପରେ ସ୍ୱାସ୍ଥ୍ୟ ସେବା ଯୋଗାଇଛନ୍ତି। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରଭାଇଜର ପରନ୍ନାଥ ମାଝୀ, ବିଭୁ ପ୍ରସାଦ ଉଲ୍ଲକା ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀ ଜଗବତୀ ମାଝୀ ଭାଲୁଡଙ୍ଗରି ଗ୍ରାମ ପର୍ଯ୍ୟନ୍ତ ଯେକୌଣସି ପ୍ରକାରେ ଯିବା ପରେ ଭାଲୁଡଙ୍ଗରି ଗ୍ରାମ ଠାରୁ ପ୍ରାୟ ତିନି କିଲୋମିଟର ଦୂରରେ ଥିବା ଚେପଟିଆମ୍ବା ଗ୍ରାମକୁ ରାସ୍ତା ନଥିବା ଯୋଗୁଁ ମକା ଜମି ହିଡରେ ଚାଲିଚାଲି ଔଷଧ ବହି ଗ୍ରାମରେ ପହଞ୍ଚି ସ୍ୱାସ୍ଥ୍ୟ ସେବା ଯୋଗାଇଛନ୍ତି।ଭାଲୁଡଙ୍ଗରି ଗ୍ରାମରେ ୪ ଜଣ ଶିଶୁ ଏବଂ ଚେପଟିଆମ୍ବା ଗ୍ରାମରେ ୪ ଜଣ ଶିଶୁଙ୍କୁ ଟୀକା କରଣ କରିଥିବା ସୂଚନା ମିଳିଛି। ସୂଚନା ପ୍ରକାରେ ତେଲନଦୀ ପଂଚାୟତର ଭାଲୁଡଙ୍ଗରି ଏବଂ ଚେପଟିଆମ୍ବା ଗ୍ରାମକୁ ଯିବା ପାଇଁ ତଳଚାଉରୀ ଗ୍ରାମ ଦେଇ ଯିବା ପାଇଁ ପଡେ। ତଳଚାଉରି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଏକ ପ୍ରକାର ରହିଥିବା ବେଳେ ତଳଚାଉରୀ ଠାରୁ ଭାଲୁଡଙ୍ଗରି ଗ୍ରାମ ପର୍ଯ୍ୟନ୍ତ ମାଟି ରାସ୍ତା ସଚନୀୟ ହୋଇ ପଡିଛି। ସେହିପରି ରାସ୍ତାରେ ଏକ ନାଳ ପଡ଼େ ନାଳ ଉପରେ ପ୍ରଶାସନ ପକ୍ଷରୁ ପୋଲ ନିର୍ମାଣ ହୋଇନାହିଁ। ସେହିପରି ଭାଲୁଡଙ୍ଗରି ଗ୍ରାମ ଠାରୁ ପ୍ରାୟ ତିନି କିଲୋମିଟର ଦୂରରେ ଥିବା ଚେପଟିଆମ୍ବା ଗ୍ରାମକୁ ଯିବା ପାଇଁ ରାସ୍ତା ନାହିଁ କହିଲେ ଚଳେ।ମକା ଜମି ହିଡ ଦେଇ ଯିବା ପାଇଁ ପଡିଥାଏ।ଉଭୟ ପାର୍ଶ୍ୱରେ ମକା ଗଛ ରହୁଥିବା ବେଳେ ଭାଲୁର ଭୟ ରହିଥାଏ। ଦୀର୍ଘ ବର୍ଷ ହେବ ଭାଲୁଡଙ୍ଗରି ସ୍ଥାପନ ହୋଇଥିଲେ ମଧ ଏହି ଗ୍ରାମକୁ ପ୍ରଶାସନ ପକ୍ଷରୁ ପକ୍କା ରାସ୍ତା ନଥିବା ବେଳେ ଏବଂ ଚେପଟିଆମ୍ବା ଗ୍ରାମକୁ ରାସ୍ତା ନାହିଁ।ଖରା ଓ ଶୀତ ଦିନ ମାନଙ୍କରେ ଯେକୌଣସି ପ୍ରକାରେ ଚେପଟିଆମ୍ବା ଗ୍ରାମବାସୀ ଯାତାୟତ କରୁଥିବା ବେଳେ ବର୍ଷା ଦିନ ମାନଙ୍କରେ ଯାତାୟତ ସମ୍ଭବ ହୋଇନଥାଏ।

## ରାଷ୍ଟ୍ର-ନିର୍ମାତା...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ସେହିପରି ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଏ ନଭେମ୍ବର ୨୦ରେ । ଭାରତ ବର୍ଷରେ ୧୪ ନଭେମ୍ବରରେ ଶିଶୁ ଦିବସ ପାଳନ କରାଯାଉଛି । ୧୮୮୯ ନଭେମ୍ବର ଏହି ଦିନରେ ଏହ୍ଲାବାଦରେ ଜନ୍ମ ଗ୍ରହଣ କରିଥିଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁ । ସେ ପିଲାମାନଙ୍କୁ ଭଲ ପାଉଥିଲେ । ପିଲାଙ୍କ ଗହଣରେ ରହିବାକୁ, ସମୟ ବିତାଇବାକୁ ପସନ୍ଦ କରୁଥିଲେ । ଅବସର ସମୟରେ ପିଲାଙ୍କ ସହ ଖେଳୁଥିଲେ, ଗୀତ ଗାଉଥିଲେ ଏବଂ ସେମାନଙ୍କୁ ଗପ ଶୁଣାଉଥିଲେ । ପିଲାମାନେ ଶ୍ରଦ୍ଧାରେ ତାଙ୍କୁ ଡାକୁଥିଲେ ଚାଚା ନେହରୁ । ସେ ସର୍ବଦା କହୁଥିଲେ ଭାରତର ଭବିଷ୍ୟତ ଆଜିର ପିଲାଙ୍କ ହାତରେ । ୧୯୬୪ରେ ଏହି ଗାନ୍ଧୀବାୀ, ଶାନ୍ତିକାମୀ ରାଷ୍ଟ୍ରନାୟକଙ୍କ ମୃତ୍ୟୁ ପରଠାରୁ ପ୍ରତି ବର୍ଷ ତାଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି । ଆଜି ଶିଶୁ ଦିବସ ଅବସରରେ ଏ ଦୁନିଆର କୋଟି କୋଟି ଶିଶୁଙ୍କ ସର୍ବମଙ୍ଗଳ ହେଉ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ପ୍ରଗତି ହେଉ, ସେମାନଙ୍କର ସର୍ବାନ୍ତକରଣ ଖୁସି ସେମାନଙ୍କ ଜୀବନକୁ ଆହୁରି ଆନନ୍ଦମୟ କରି ଏହା ହିଁ କାମନା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦

## ପଥପ୍ରାନ୍ତ ଜନ ଆଶ୍ରୟସ୍ଥଳୀ ଉଦ୍‌ଘାଟିତ



ବାସୁଦେବପୁର, ୧୩/୧୧ (ନି.ପ୍ର): ବାସୁଦେବପୁର ପୌର ପାଳିକା ର ମେଡିକାଲ ନିକଟରେ ସାଂସଦ ଙ୍କ ଆଞ୍ଚଳିକ ଅନୁଦାନ ପାଣ୍ଠିରୁ ପଥ ପ୍ରାନ୍ତ ଜନ ଆଶ୍ରୟ ସ୍ଥଳୀ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଏହାକୁ ଉଦଘାଟନ କରିଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୌର ଅଧ୍ୟକ୍ଷ ନିବେଦିତା ବେହେରା, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ସାଂସଦ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ, ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ, ଏସ ଡି ପି ଓ ସୌରଭ ଓତା, ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଆଶ୍ରୟ ସ୍ଥଳୀର ନାମ ରଖା ଯାଇଛି ସଦଭାବନା । ଜନ ସାଧାରଣଙ୍କ ସେବା ପାଇଁ ଏହି କାର୍ଯ୍ୟ ହୋଇଛି ଓ ଏହାକୁ ସମସ୍ତେ ପ୍ରଶଂସା କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ବିଜେଡି ନେତା ଭାଗିରଥି ବଳ, ଶତ୍ରୁଘ୍ନ ନାୟକ, ପିତାମ୍ବର ମଲିକ ବିଦ୍ୟାଧର ବେହେରା, ଅଗଣା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଦିବ୍ୟ ରଞ୍ଜନ ଚାନ୍ଦ ଓ ସାଥି ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଉତରକାଶୀରେ ଭୁଶୁଡ଼ି ....

ଓ୍ୱାକିଟକିରେ ସୁଡ଼ଙ୍ଗରେ ଫସିରହିଥିବା ଶ୍ରମିକଙ୍କ ସହ ଯୋଗାଯୋଗ କରାଯାଇଛି । ପାଇପ ଜରିଆରେ ସେମାନଙ୍କ ନିକଟକୁ ଖାଦ୍ୟ ପହଂଚିଛି । ସୁଡ଼ଙ୍ଗ ଭିତରେ ଅକ୍ସିଜେନ୍ କମ୍ ଥିବାରୁ ପାଇପ୍ ଜରିଆରେ ଯୋଗାଇ ଦିଆଯାଉଛି । ଉଦ୍ଧାର କାର୍ଯ୍ୟରେ ଉତରାଖଣ୍ଡ ପୋଲିସ ସମେତ ଏନଡିଆରଏଫ, ଏସଡିଆରଏଫ ଏବଂ ଆଇଟିବିପି ଯବାନଙ୍କୁ ନିୟୋଜିତ କରାଯାଇଛି । ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପୋଲିସ ପ୍ରଶାସନର ପ୍ରାଥମିକତା ହୋଇଛି । ଉତ୍ତରାଖଣ୍ଡର ଉତ୍ତରକାଶୀରେ ନିର୍ମାଣାଧୀନ ଟନେଲରେ ଫସି ରହିଛନ୍ତି ୫ଜଣ ଓଡ଼ିଆ ଶ୍ରମିକ। ଭୁଶୁଡ଼ିଥିବା ଟନେଲ ଭିତରେ ଫସିଥିବା ୪୦ ଜଣ ଶ୍ରମିକଙ୍କ ମଧ୍ୟରେ ୫ ଜଣ ଓଡ଼ିଶାର ହୋଇଥିବା ସୂଚନା ରହିଛି। ଟନେଲରେ ଫସିଥିବା ୫ଜଣ ଓଡ଼ିଆଙ୍କ ପରିଚୟ ମିଳିଛି। ସେମାନେ ହେଲେ ଶଙ୍କର୍ଷଣପୁରର ତପନ ମଣ୍ଡଳ, ନବରଙ୍ଗପୁରର ଭଗବାନ ଭତ୍ରା, ମୟୂରଭଞ୍ଜର ବିଶ୍ୱେଶ୍ୱର ନାୟକ, କୁଳଡ଼ିହାର ରାଜୁ ନାୟକ ଓ ବଡ଼କୁଦାର ଧିରେନ। ଟନେଲ ଭୁଶୁଡ଼ିବା ପରେ ଗତକାଲିଠାରୁ ସମସ୍ତେ ଫସି ରହିଛନ୍ତି। ତେବେ ଟନେଲ ଭିତରେ ସମସ୍ତେ ସୁରକ୍ଷିତ ଥିବା ସୂଚନା ମିଳିଛି। ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ , ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ପୁଲିସ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଅଛନ୍ତି। ଶ୍ରମିକଙ୍କ ପାଖକୁ ପାଇପ ଯୋଗେ ଖାଦ୍ୟ, ଅମ୍ଳଜାନ ପଠାଯାଉଛି। ଗତକାଲି ଭୋର ପ୍ରାୟ ୫ଟା ସମୟରେ ଉତ୍ତରାଖଣ୍ଡ ଉତ୍ତରକାଶୀ ଜିଲ୍ଲାର ବ୍ରହ୍ମଖାଲ-ଯମୁନୋତ୍ରୀ ଜାତୀୟ ରାଜପଥରେ ଏକ ନିର୍ମାଣାଧୀନ ଟନେଲ ଆଂଶିକ ଭୁଶୁଡି ପଡିଥିଲା। ଏଥିରେ କାମ କରୁଥିବା ୪୦ ଜଣ କର୍ମଚାରୀ ଫସି ରହିଥିଲେ। ଚାର୍ ଧାମ ରୋଡ୍ ପ୍ରକଳ୍ପ ଅଧୀନରେ ଏହି ନିର୍ମାଣ ଚାଲିଥିଲା। ଉତ୍ତରକାଶୀରୁ ଯମୁନୋତ୍ରି ଧାମ ପର୍ଯ୍ୟନ୍ତ ଯାତ୍ରାକୁ ୨୬ କିଲୋମିଟର ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇ ଏହି ଟନେଲ୍ ନିର୍ମାଣ କରାଯାଉଛି।

### ହଷ୍ଟେଲରୁ ଇଞ୍ଜିନିୟରିଂ ଛାତ୍ରୀଙ୍କ...

ଅନୁସାରେ ସେହି ରଶିରେ ସେ ଝୁଲିଥିବ ବୋଲି ବିଶ୍ୱାସ ହେଉନି। ଅନ୍ୟପକ୍ଷରେ ହତ୍ୟା ଅଭିଯୋଗକୁ ଖଣ୍ଡନ କରିଛନ୍ତି କଲେଜର ଅଧ୍ୟକ୍ଷ ଅଜିତ କୁମାର ଖଟୁଆ। ସେ କହିଛନ୍ତି, ଏହା ହତ୍ୟା ଘଟଣା ନୁହେଁ। ଦିନ ପ୍ରାୟ ୧୨ଟା ପାଖାପାଖି ଏହି ଘଟଣା ଘଟିଛି। ତାଙ୍କୁ ଝୁଲନ୍ତା ଅବସ୍ଥା ଦେଖିବା ପରେ ସଙ୍ଗେ ସଙ୍ଗେ ହସ୍‌ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ସମସ୍ତ ପ୍ରକାର ଯାଞ୍ଚ କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହି ରୁମ୍‌ରେ ଆଉ ଜଣେ ଛାତ୍ରୀ ମଧ୍ୟ ଥିଲେ। ତେବେ ଏ ଘଟଣା ଘଟିବା ବେଳେ ସେ ଖାଇବା ପାଇଁ ଯାଇଥିଲେ। ଜଟଣୀ ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ଭୁବନେଶ୍ୱର ଏମ୍‌ସକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସଂପୂର୍ଣ୍ଣାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ।

### ଯୁଦ୍ଧ ଭୂମି ଗାଜାରୁ ଆସିଲା...

ରହିଛନ୍ତି ଶିଶୁ ଓ ମହିଳା । ସେପଟେ ଗାଜାର ହସ୍ପିଟାଲ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ସାରା ବିଶ୍ୱ ଏନେଇ ଚିନ୍ତା ପ୍ରକାଶ କରିବା ସହ ନିରୀହ ନାଗରିକଙ୍କୁ ହତ୍ୟା ନକରିବାକୁ ଇସ୍ରାଏଲକୁ ବାରମ୍ବାର ଅପିଲ କରୁଛନ୍ତି । ଯୁଦ୍ଧ କେମିତି ବନ୍ଦ ହେବ ?କେମିତି ସମାଧାନର ବାଟ ବାହାରିବ ? ଏନେଇ ସାରା ବିଶ୍ୱ ଚିନ୍ତା କରୁଥିବାବେଳେ ଅନ୍ୟପଟେ ଯୁଦ୍ଧକୁ ଉଗ୍ର କରୁଛନ୍ତି ଇସଲାମିକ ରାଷ୍ଟ୍ର । ଅର୍ନ୍ତଜାତୀୟ ଗଣମାଧ୍ୟମ ଦ ସନର ସୂଚନା ଅନୁସାରେ ଇରା ହମାସକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇବା ସହ ଆତଙ୍କୀକୁ ତାଲିମ ଦେଉଛି । ସେପଟେ ଲେବାନନର ବିଦ୍ରୋହୀ ସଂଗଠନ ହେଜବୁଲ୍ଲା ଇସ୍ରାଏଲ ସେନାକୁ ଟାର୍ଗେଟ କରି ରକେଟ ମାଡ କରୁଛି । ଏଥିସହ ହେଜବୁଲ୍ଲା ମୁଖ୍ୟ ହସନ ନସରୁଲ୍ଲା ଆମେରିକାକୁ ଚେତାବନୀ ଦେଇ କହିଛି ଯୁଦ୍ଧ ଚାଲିବା ଯାଏଁ ଇରାନ ଓ ଇରାକରେ ମୁତୟନ ଆମେରିକା ସେନା ଉପରେ ଆକ୍ରମଣ ଜାରି ରହିବ ।

### ଅଭିନେତ୍ରୀ ମୌସୁମୀ ...

କିନ୍ତୁ ପରେ ମୌସୁମୀ ପୁଣିଥରେ ବନସ୍ମିତାଙ୍କ ବିରୁଦ୍ଧରେ ଧମକ ଦେବାର ଅଭିଯୋଗ ଥାନାରେ କରିଥିଲେ । ତେବେ ବନସ୍ମିତା ଏସବୁ ଅଭିଯୋଗକୁ ଭିତ୍ତିହୀନ ବୋଲି ଦର୍ଶାଇ ଓଡ଼ିଶା ହାଇକୋର୍ଟରେ ମାନହାନି ମକଦ୍ଦମା ଦାଏର କରିଥିଲେ । କୋର୍ଟଙ୍କ ନିର୍ଦ୍ଦେଶରେ କମିଶନରେଟ ପୁଲିସ ମାମଲାର ତଦନ୍ତ କରି ଆଜି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବନସ୍ମିତା ୫.୮୦ଲକ୍ଷ ଟଙ୍କା ଫେରସ୍ତ କରିବେ ବୋଲି ଉଭୟ ପକ୍ଷ ମଧ୍ୟରେ ସେତେବେଳେ ବୁଝାମଣା ହୋଇଥିଲା । ଏସବୁ ସତ୍ତ୍ୱେ ସୋସିଆଲ ମିଡିଆରେ ବନସ୍ମିତାଙ୍କ ଓ ମୌସୁମୀଙ୍କ କଥାବାର୍ତ୍ତାର ଅଡିଓ ଭାଇରାଲ କରିଥିଲେ । ଉଲ୍ଲେଖଯୋଗ୍ୟ, ବିଭିନ୍ନ ଷ୍ଟେଜ ଶୋ' ସମେତ ଫିଲ୍ମ ଗଡ଼ବଡ଼ ଆଦିରେ ମୌସୁମୀ ଅଭିନୟ କରିଥିବା ଜଣାପଡ଼ିଛି ।

### ହେଲଦୀ ଲାଇଫ...

ସମ୍ପୂର୍ଣ୍ଣ ଭଲ ହୋଇ ପାରିବ, ଯୋଧପୁର ବିଦ୍ୟାଳୟର ମୁଖ୍ୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ବୈଜ୍ଞାନିକ ପ୍ରଫେସର ଡା. ରାମ ଗୋପାଲ, ଦିଲ୍ଲୀ ମେଡିକାଲ ରିସର୍ଚ୍ଚ ଏଲୋପାଥିକ୍ ବୈଜ୍ଞାନିକ ଡାକ୍ତର ସୌରଭ ରଞ୍ଜନ, ଠାକୁର ନେଚର ପାଥି ଖାଦ୍ୟ ଚିକିତ୍ସକ ଡାକ୍ତର ସଞ୍ଜିବ ଠାକୁର ବିହାର ଯୋଗ ଦେଇ କିଭଳି ଆମର ବିଭିନ୍ନ ସନ୍ଦର୍ଭମାନ ଉପସ୍ଥାପିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ସଭାରେ ଯୋଗ ମହୋତ୍ସବ ସମିତିର ସଭାପତି ସୁଜିତ କୁମାର ଜେନା, ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିଜୟଜୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାଗଣ ଯେଗା ଦେଇଥିଲେ । ଶେଷରେ ଯୋଗ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବୀ ଅର୍ଚ୍ଚନା ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## କବୀ ନିର୍ମଳା ମହାନ୍ତିଙ୍କ ଦେହାନ୍ତ



ଭୁବନେଶ୍ୱର , ୧୩/୧୧ (ନି.ପ୍ର): ୧୯୪୬ ମସିହାରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଅନ୍ତର୍ଗତ ପୋଦରୁଆଁ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା କବୀ ନିର୍ମଳା ମହାନ୍ତି ଦୀର୍ଘ ୬ଦଶନ୍ଧି ଧରି ସାହିତ୍ୟ ସାଧନାରେ ବ୍ରତୀ ରହି ଖ୍ୟାତି ଅର୍ଜନ କରିଥିବା କବୀ ନିର୍ମଳା ମହାନ୍ତିଙ୍କର ଆଜି ପ୍ରାତଃ ସମୟରେ ଆମ୍ରି ହସ୍ପିଟାଲରେ ୭୬ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ପୂର୍ବରୁ କବୀ ମହାନ୍ତି ସ୍ନାୟୁ ଜନିତ ରୋଗରେ ପୀଡ଼ିତ ଥିଲେ । ଜଣେ ବରିଷ୍ଠ ତଥା ପ୍ରତିଷ୍ଠିତ ସୁସାହିତ୍ୟିକାଙ୍କ ଭାବେ ସାହିତ୍ୟର ବିଭିନ୍ନ ବିଭାବ ତଥା ଗଳ୍ପ, କବିତା, ପ୍ରବନ୍ଧ, ଶିଶୁସାହିତ୍ୟ ଓ ଗୀତିକବିତା ରଚନା କରି ସେ ଓଡ଼ିଆ ବାଣୀଭଣ୍ଡାରକୁ କରିଛନ୍ତି ସମୃଦ୍ଧ । ଅନୁବାଦ ସାହିତ୍ୟରେ ମଧ ତାଙ୍କର ଦକ୍ଷତା ଖୁବ୍ ବେଶୀ । ତାଙ୍କ ରଚିତ ପ୍ରାୟ ୧୫ଖଣ୍ଡ ପୁସ୍ତକ ପାଠକୀୟ ଆଦୃତି ଲାଭ କରିବା ସହିତ ତାଙ୍କୁ ଓଡ଼ିଆ ସାହିତ୍ୟ ଏକାଡ଼େମୀ ତରଫରୁ ୨୦୧୩ ମସିହାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଦେହବସାନ ସମୟରେ ପୁତ୍ର ଦୀପକ କୁମାର ମହାନ୍ତି, ଜ୍ୱାଇଁ ବରିଷ୍ଠ ଇଂଜିନିୟର ପ୍ରଭାତ କୁମାର ବେହୁରିଆ, ଝିଅ ସମିତା, ସରିତା ଓ ଅନ୍ୟ ଭାଇବନ୍ଧୁ ଏବଂ ଆତ୍ମୀୟ ସଜନ ଉପସ୍ଥିତି ଥିବାବେଳେ ତାଙ୍କ ଗ୍ୟାରେଜ ଛକ, ଭୁବନେଶ୍ୱର ବାସଭବନରେ ସ୍ୱାମୀ ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ କୁମାର ମହାନ୍ତି ଓ ତାଙ୍କ ଅନ୍ୟାନ୍ୟ ଭାଇ ଓ ଭଉଣୀମାନଙ୍କ ସହିତ ବିଶିଷ୍ଟ ଲେଖିକା ବନଜ ଦେବୀ, ସଂଯୁକ୍ତା ମହାନ୍ତି, ତନୟାଦାସ ଗୋସ୍ୱାମୀ, କବି ଭିକାରୀ ଧଳ, ଶ୍ରୀମତୀ ସଂଯୁକ୍ତ ଧଳଙ୍କ ପରିବାର ସମେତ କବି ମହାନ୍ତିଙ୍କର ଆତ୍ମୀୟସ୍ୱଜନ ତଥା ବନ୍ଧୁ ପରିଜନ ଶେଷ ଦର୍ଶନ କରିଥିଲେ । କବୀ ମହାନ୍ତିଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରା ନିଆଯାଇ ସେଠାରେ ଦାହ ଅର୍ପଣ କରାଯାଇଥିଲା । ପୁତ୍ର ଦୀପକ ମୁଖାଗ୍ନି ଦେଇଥିଲେ । ଅନେକଙ୍କ ମତରେ କମୀ ଶ୍ରୀମତୀ ମହାନ୍ତିଙ୍କ ଦେହାବସାନରେ ଓଡ଼ିଆ ଭାଷା ସାହିତ୍ୟ ଅପୁରନ୍ତ କ୍ଷତି ଘଟିଲା । ତାଙ୍କ ରଚନା ମାନଙ୍କ ମଧ୍ୟରେ ରହିଛି- କବିତା-ଅନେକ ନିଦାଘ ପରେ, ନୀରବ ନିର୍ଯାସ, ଅମୃତ ମଣୋହି, ସ୍ୱପ୍ନମୟ ଚିରକାଳ, ଜୀବନପାତ୍ର ମୋ, ଗଳ୍ପ ସଂକଳନ-ଆଳାପ, ବିଶ୍ୱାସର ବିଭୂତି, ଅନୁବାଦ କବିତା-ଛାଡ଼ପତ୍ର, ଶିଶୁ ସାହିତ୍ୟ-ଚୁନିଚୁନି ସପନ, ନୀଲୁର ଗପଲେଖା, ଆଇସ୍କ୍ରିମ୍‌ର ପାଲା, ଆଠ କାହାଣୀ ଏବଂ ଗୀତିକବିତା-ତୁମେ ଅମୃତମୟ।

## ନଭେମ୍ବର ୧୫ରେ ପିଏମ୍ ପିଭିଟିଜି ବିକାଶ ମିଶନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୩/୧୧ : ଆସନ୍ତା ୧୫ ତାରିଖ ଜନଜାତୀୟ ଗୌରବ ଦିବସ ଅବସରରେ କେନ୍ଦ୍ର ସରକାର ଅନୁସୂଚିତ ଜନଜାତିଙ୍କ ସଶକ୍ତିକରଣ ପାଇଁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ ପିଭିଟିଜି (ବିଶେଷ ଭାବେ ଦୁର୍ବଳ ଜନଜାତି ସମୁଦାୟ) ବିକାଶ ମିଶନର ଶୁଭାରମ୍ଭ କରିବେ। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ମୋଦୀ ସରକାର ଜନଜାତୀୟ ଗୌରବ ଦିବସ ଅବସରରେ ପିଭିଟିଜିଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨୪,୦୦୦ କୋଟିର ଏକ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ୨୦୨୩-୨୪ ବଜେଟରେ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି)ଙ୍କ ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ପ୍ରଧାନମନ୍ତ୍ରୀ ପିଭିଟିଜି ବିକାଶ ମିଶନର ଶୁଭାରମ୍ଭ ନିମନ୍ତେ ଘୋଷଣା କରାଯାଇଥିଲା। ୧୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ୨୨୦ଟି ଜିଲ୍ଲାର ୨୨,୫୪୪ଟି ଗ୍ରାମରେ ୭୫ ପିଭିଟିଜି ସମୁଦାୟ ରହୁଛନ୍ତି । ଏମାନଙ୍କ ଜନସଂଖ୍ୟା ପ୍ରାୟ ୨୮ ଲକ୍ଷ ହେବ । ଏହି ଜନଜାତିମାନେ ବିଚ୍ଛିନ୍ନ, ଦୁର୍ଗମ ଏବଂ ଅପହଞ୍ଚ ବସତିରେ, ପ୍ରାୟତଃ ଜଙ୍ଗଲ ଅଞ୍ଚଳରେ ରୁହନ୍ତି। ତେଣୁ ପିଭିଟିଜି ପରିବାର ଏବଂ ବସତିଗୁଡ଼ିକୁ ସଡ଼କ ଏବଂ ଦୂରସଞ୍ଚାର ଯୋଗାଯୋଗ, ବିଦ୍ୟୁତ ସଂଯୋଗ, ସୁରକ୍ଷିତ ବାସଗୃହ, ବିଶୁଦ୍ଧ ପାନୀୟ ଜଳ ଏବଂ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପୋଷଣର ଉନ୍ନତ ଉପଲବ୍ଧତା ଏବଂ ସ୍ଥାୟୀ ଜୀବିକା ସୁଯୋଗ ଭଳି ମୌଳିକ ସୁବିଧା ପ୍ରଦାନ କରିବା ପାଇଁ ଏହି ମିଶନ ଆରମ୍ଭ କରିବାକୁ ଯୋଜନା କରାଯାଇଛି । ୯ଟି ମନ୍ତ୍ରଣାଳୟର ୧୧ଟି ହସ୍ତକ୍ଷେପ ଆଧାରିତ ଯୋଜନା ମାଧ୍ୟମରେ ଏହି ମିଶନ କାର୍ଯ୍ୟକାରୀ ହେବ । ଉଦାହରଣ ସ୍ୱରୂପ, ପିଏମଜିଏସୱାଇ, ପିଏମଜିଏୱାଇ, ଜଳ ଜୀବନ ମିଶନ ଇତ୍ୟାଦି ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ।



## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ: **ST-OT-IPIS-11Stn- 23-24**, ତାରିଖ: ୧୩.୧୧.୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ, Sr. DSTE (Co) / S. E. ରେଲୱେ, ଖଡ଼ଗପୁର -୭୨୧୩୦୧, ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରିଛନ୍ତି । ଆଇଟମଗୁଡ଼ିକ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୨.୩୦ ଘଣ୍ଟାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** (i) ବିଭିନ୍ନ ଯାତ୍ରୀ ସୁବିଧା ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ କମିଶନ। ବିଭିନ୍ନ ଷ୍ଟେସନରେ ଜିପିଏସ୍ ଘଣ୍ଟା, ପିଏ ସିଷ୍ଟମ୍, ମଲ୍ଟିଲାଇନ୍ / ସିଙ୍ଗଲ୍ ଲାଇନ୍ ଟ୍ରେନ୍ ସୂଚନା ପ୍ରଦର୍ଶନ ବୋର୍ଡ, ପ୍ଲାଟଫର୍ମ ଡିସପ୍ଲେ ବୋର୍ଡ, କୋଚ୍ ଗାଇଡ୍ ଡିସପ୍ଲେ ବୋର୍ଡ ଇତ୍ୟାଦି ।) ଖଡ଼ଗପୁର ବିଭାଗ ଉପରେ । : ଖଡ଼ଗପୁର ଡିଭିଜନ୍ ଉପରେ (JER, BTS, HIP, BLS, SFO, BPO, BGY & TMZ, GTS, JGM & RHE). (ii) କମ୍ପ୍ରେସିଭ ଆନୁଆଲ ମେଣ୍ଟେନାନ୍ସ କଣ୍ଟ୍ରାକ୍ଟ (ସିଏଏମସି) ମଲ୍ଟିଲାଇନ୍, ସିଙ୍ଗଲଲାଇନ, ଟ୍ରେନ୍ ସୂଚନା ଡିସପ୍ଲେ ବୋର୍ଡ, (ଏଲଇଡି ଟାଇପ୍), ପ୍ଲାଟଫର୍ମ ଡିସପ୍ଲେ ବୋର୍ଡ, କୋଚ ଗାଇଡାନ୍ସ ଡିସପ୍ଲେ ବୋର୍ଡ, ସେଣ୍ଟ୍ରାଲ ଡାଟା କଣ୍ଟ୍ରୋଲର (ସିଡିସି), ପ୍ଲାଟଫର୍ମ ଡାଟା କଣ୍ଟ୍ରୋଲର, (ପିଡିସି) ଅଲଗା ଷ୍ଟେସନରେ।(JER, BTS, HIP, BLS, SFO, BPO, BGY & TMZ, GTS, JGM & RHE) ଖଡ଼ଗପୁର ଡିଭିଜନରେ। **ଟେଣ୍ଡର ମୂଲ୍ୟ:** ୧,୮୫, ୭୬,୦୦୮.୦୮ **ଯର୍ଣ୍ଣେଷ୍ଟ ଟଙ୍କା ଜମା:** ୨,୪୨,୯୦୦ **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ଖୋଲିବାର ତାରିଖ:** ୦୪.୧୨.୨୦୨୩ । **ସମାପ୍ତି ସମୟ:** ୧୦୮ ମାସ । **ଦାଖଲ ତାରିଖ:** ୦୪.୧୨.୨୦୨୩ ର ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରକାରୀମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା/ ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପ୍ପଣୀ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀକର୍ମୀମାନେ ନିୟମିତ ଭାବରେ **www. ireps. gov.in** ପରିଦର୍ଶନ କରିପାରିବେ ।


(PR-806)


## ରୂପସା ଷ୍ଟେସନ କଲୋନିରେ ମୁନି ସମାଜର ବ୍ରହ୍ମଯଜ୍ଞ



ରୂପସା , ୧୩/୧୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀଙ୍କ ବାସଭବନରେ, ତାଙ୍କର ସୁ ପୁତ୍ର ମୁନି ଶାନ୍ତନୁ କୁମାର ମିସ୍ତ୍ରୀଙ୍କର ୩୭ ତମ ଶୁଭ ଜନ୍ମଦିନ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ, ଆୟୁଷ୍ମାନ୍ ମୁନି ଶାନ୍ତନୁ ଙ୍କୁ, ତାଙ୍କର ଦୀର୍ଘ ନୀରୋଗ ନିରାମୟ, ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ହାତିଆଡିହା ଶିବମୁନି ଯୋଗାଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମୁନି ସଙ୍ଗୀତ ସହିତ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ।ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ରାମଚନ୍ଦ୍ର ବେହେରା ତାଙ୍କର ସର୍ବାଙ୍ଗୀନ ଉନ୍ନତିର ଶୁଭ କାମନା କରିଥିଲେ । ପରମ ପୂଜ୍ୟା ମମତାମୟୀ ମାତା, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ତାଙ୍କ ହୃଦୟର ନିଭୃତ ତମ ପ୍ରଦେଶରୁ ସ୍ନେହ ଶ୍ରଦ୍ଧା ମମତାର ଅମୃତ ବର୍ଷା ସୃଷ୍ଟି କରିଥିଲେ । ପରମ ପୂଜ୍ୟ ପିତୃଦେବ ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀ ମହୋଦୟ,ତାଙ୍କର ଦାମ୍ପତ୍ୟ ଜୀବନର ସୁଖ ଶାନ୍ତି ଆନନ୍ଦରେ ବର୍ଷା ସୃଷ୍ଟି କରିଥିଲେ । ସହଧର୍ମିଣୀ ମୁନିମତୀ ମୋନାଲିସା ମିସ୍ତ୍ରୀ ମହୋଦୟା ନିଜର ପରିବାରକୁ ବୈକୁଣ୍ଠ ପୁରରେ ପରିଣତ କରି ଦେବେ ବୋଲି ସପଥ କରିବା ସହିତ ସ୍ୱାମିଙ୍କର ଦୀର୍ଘ ନୀରୋଗ ଜୀବନର ଶୁଭ କାମନା କରିଥିଲେ । ନାତି ମୁନି କୁମାର ତ୍ରୀଶାନ୍ ଆନନ୍ଦରେ ମସ୍ଗୁଲ ସହିତ ପ୍ରଣବରେ ନୀରବ ରହି ପ୍ରଣବ କରିଥିଲେ । ଶେଷରେ ଯୋଗୀ ଭିକାରି ଚରଣ ମୁନି ମହୋଦୟ , ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ଲେଖକର ସାଧନା ଅବ୍ୟାହତ ରହିଲେ ତାର ସୃଷ୍ଟି କାଳଜୟୀ ହୁଏ




ବାଲେଶ୍ୱର, ୧୩/୧୧ (ନି.ପ୍ର): ସାହିତକୁ ଜୀବନର ଅବିଚ୍ଛିନ୍ନ ଅଂଗ ଭାବରେ ଗ୍ରହଣ କରି ଆଜୀବନ ସାଧନା ଅବ୍ୟାହତ ରଖିଲେ ଲେଖକର ରଚନା ଶେଷରେ ସିଦ୍ଧ ଓ କାଳଜୟୀ ପ୍ରମାଣିତ ହୁଏ । ଜଣେ କଥାକାର କାହାଣୀ ରଚନା ସମୟରେ ଉଭୟ ବିଷୟ ଓ ଭାଷା ଉଭୟ କ୍ଷେତ୍ରରେ ନିଜର ପାରଦର୍ଶତା ପ୍ରଦର୍ଶନ କରିପାରିଲେ ସେ ପାଠକଙ୍କ ଆଦର ଲାଭ କରିଥାଏ । ସେ ରଚନା ମିଳନାତ୍ମକ ହେଉ ବା ବିୟୋଗାନ୍ତକ, ଲେଖକର ଲେଖନୀର ଶକ୍ତି ଉପରେ ସେ ରଚନାର ସଫଳତା ନିର୍ଭର କରେ ବୋଲି ଗାଳ୍ପିକ ପ୍ରଶାନ୍ତ ପଟଟନାୟକଙ୍କ ଗଳ୍ପଗ୍ରନ୍ଥ 'ଖେଳ'ର ଲୋକାର୍ପଣ ଉତ୍ସବରେ ଯୋଗ ଦେଇ ବକ୍ତାମାନେ ଏହି ବକ୍ତବ୍ୟ ପ୍ରଦାନ କରିଥିଲେ । ୧୧ ତାରିଖ ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବ ସଭାଗୃହରେ ପ୍ରକାଶକ ଅଭୟ ଦାସଙ୍କ ପୌରାହିତ୍ୟରେ ବହିଘର ପ୍ରକାଶିତ ଏହି ଗଳ୍ପପୁସ୍ତକର ଉନ୍ମୋଚକ ତଥା ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଗାଳ୍ପିକ ଓ ଔପନ୍ୟାସିକ ରଜନୀକାନ୍ତ ମହାନ୍ତି ଯୋଗଦେଇ ବିଶିଷ୍ଟ ଗାଳ୍ପିକ ଓ ଔପନ୍ୟାସିକ ରଜନୀକାନ୍ତ ମହାନ୍ତି ଯୋଗଦେଇ ଥିବା ବେଳେ ଅତିଥି ଆଲୋଚକ ଭାବରେ ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ ବିଶ୍ୱଭାରତୀର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ରବୀନ୍ଦ୍ର କୁମାର ଦାସ, ପ୍ରକାଶିତ କବି କାଳୀପଦ ପଣ୍ଡା, କବି ପ୍ରଶାନ୍ତ ଦାସ ଓ ସାହିତ୍ୟିକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟାପକ ଡକ୍ଟର ପ୍ରଦୀପ୍ତ ମିଶ୍ର ଏହି ସଭାକୁ ସଂଚାଳନ କରିଥିବା ବେଳେ ପ୍ରକାଶିତ ମଞ୍ଜୁଲତା ବଳ, ବିଦ୍ୟାଧର ନାୟକ ଓ ଲଳିତ ମୋହନ ଦାସ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ବାଉରିବନ୍ଧୁ ମହାନ୍ତିଙ୍କ ସ୍ମୃତି ସମାରୋହ ଓ ପୁସ୍ତକ ଉନ୍ମୋଚନ



କେନ୍ଦ୍ରାପଡ଼ା , ୧୩/୧୧ (ନି.ପ୍ର): ଅତୀତର ମହାମନିଷୀ ମାନଙ୍କୁ ମୂଲ୍ୟାୟନ ନ କଲେ, ତାଙ୍କ ଆଦର୍ଶ ଓ ବିଚାରକୁ ପର ପିଢ଼ୀଙ୍କ ନିକଟରେ ନ ପହଞ୍ଚାଇଲେ ଆମସାମାଜିକ ଚରିତ୍ର ନଷ୍ଟହୋଇଯିବ' ବୋଲି ବିଶିଷ୍ଟ ଭୂଦାନ ଓ ସର୍ବୋଦୟ ନେତା ତଥା କ୍ରାନ୍ତିକାରୀ ସମାଜ ସଂସ୍କାରକ ବାଉରିବନ୍ଧୁ ମହାନ୍ତିଙ୍କ ସ୍ମୃତିସମାରୋହ ଓ ପୁସ୍ତକ ଉନ୍ମୋଚନ ଉତ୍ସବକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଉଚ୍ଚଶିକ୍ଷା, ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ ଅତନୁସବ୍ୟସାଚୀ ନାୟକ ମତବ୍ୟକ୍ତ କରିଛନ୍ତି। ବାଉରିବନ୍ଧୁ ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଅନ୍ଧୁଲିଗ୍ରାମରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ପ୍ରଦାନ କରି କହିଥିଲେ। ବାଉରିବନ୍ଧୁ ମହାନ୍ତିଙ୍କ ଦଳିତ ଓ ପଛୁଆବର୍ଗଙ୍କ ପ୍ରତି ସେବା ମନୋବୃତ୍ତି ସର୍ବଦା ଆମମାନଙ୍କ ପାଇଁ ପ୍ରେରଣା ହୋଇ ରହିବବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଖ୍ୟାତ ବିଜ୍ଞାନ ଲେଖକ ତଥା ସମାଜର ସଂପାଦକ ଡଃ ପ୍ରମୋଦ କୁମାର ମହାପାତ୍ର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ନଦନଦୀ ଭରା ଏହି ଅଞ୍ଚଳର ପ୍ରଶଂସା କରିବାସହ ସତ୍ୟ, ନ୍ୟାୟ ଓ ସେବା ପାଇଁ ଗାନ୍ଧୀବାଦୀମାନେ କିଭଳି ଜୀବନ ଉତ୍ସର୍ଗ କରିଥିଲେ ତାହାର ଆଲୋକପାତ କରିବା ସହିତ ବାଉରିବନ୍ଧୁ ମହାନ୍ତିଙ୍କ ଜୀବନ ସଂଗ୍ରାମ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଓ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ ଅନ୍ଧୁଲି ଓ ମହାକାଳପଡ଼ା ଅଞ୍ଚଳରେ ଗାନ୍ଧୀଙ୍କ ପଦଯାତ୍ରା ଉପରେ ଆଲୋକପାତ କରିବା ସହ ଆଜନ୍ମ ଗାନ୍ଧୀ ଚେତନାରେ ନିମଗ୍ନ ହୋଇ ସମାଜ ସଂସ୍କାର ପାଇଁ ବହୁ ଝଡ଼ ଝା ସହି କାର୍ଯ୍ୟକରିଥିବା ବାଉରିବନ୍ଧୁ ମହାନ୍ତିଙ୍କ ଜୀବନ ଚର୍ଯ୍ୟା ଆଜି ବି ପ୍ରାସଙ୍ଗିକ। ବରିଷ୍ଠ ପ୍ରାବନ୍ଧିକ ତଥା ସାହିତ୍ୟିକ ଡଃ ବାସୁଦେବ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଗଠନର ସଭାପତି ବିମ୍ବାଧର ମୁଦୁଲି, କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡ଼ା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଗାନ୍ଧୀ ଚିନ୍ତା ଚେତନା ଉପରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଗାଳ୍ପିକା ଓ ଔପନ୍ୟାସିକା ପ୍ରାଧ୍ୟାପିକା ଡଃ ବାସନ୍ତୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶିଷ୍ଟକବି, ଲେଖକ ତଥା ପୂର୍ବ ତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ବାଉରିବନ୍ଧୁ ମହାନ୍ତିଙ୍କୁ ଜଣେ କ୍ରାନ୍ତିକାରୀ ସମାଜ ସଂସ୍କାରକ ଭାବେ ଅବିହିତ କରିବା ସହ ତାଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋଚନା କରିଥିଲେ। ଅନ୍ଧୁଳୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତଗାନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି ଓ ସ୍ୱାଧୀନତା ସଂଗ୍ରାମୀ ଉତ୍ତମ ରାଉତଙ୍କ ପତ୍ନୀ କମଳି ରାଉତଙ୍କୁ ବାଉରିବନ୍ଧୁ ମହାନ୍ତି ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜଭଳି ଏକ ପବିତ୍ର ଓ ସ୍ୱନାମଧନ୍ୟ ଖବରକାଗଜର ସଂପାଦକ ଭାବେ ମହାକାଳପଡ଼ା ମାଟିର ସନ୍ତାନ ଡଃ ପ୍ରମୋଦ ମହାପାତ୍ର ଯୋଗଦାନ କରିଥିବାରୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ତାଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିବା ସହ ନ୍ତସମାଜ'କୁ ତାଙ୍କର ଉତ୍ସର୍ଗୀକୃତ ସେବା ଓ କର୍ତ୍ତବ୍ୟନିଷ୍ଠା ପାଇଁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବକୁ ପୁର୍ବତନ ସରପଞ୍ଚ ଦେବଦତ୍ତ ପରିଡ଼ା, ସୁରେନ୍ଦ୍ର କୁମାର ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, ସମାଜସେବୀ କାଳନ୍ଦୀ ଜେନା, ଶ୍ରୀହର୍ଷ ଦାସ ଓ ଡାଃ ସ୍ୱୟଂସିଦ୍ଧ ଦାସ ପରିଚାଳନା ଓ ସହଯୋଗ କରିଥିଲେ।

ମଙ୍ଗଳବାର, ନଭେମ୍ବର ୧୪, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମହାପଦା ପୋଲ ନିକଟରୁ କୁମ୍ଭୀର ଉଦ୍ଧାର



ଲଙ୍ଗଳେଶ୍ୱର ୧୩/୧୧(ନିପ୍ର): ସିଂଳା ଥାନା ଅନ୍ତର୍ଗତ ଡୁବୁଡୁବି ନଦୀ ର ମହାପଦା ପୋଲ ନିକଟରୁ ୪ ଫୁଟ ଲମ୍ବ ର କୁମ୍ଭୀର ଉଦ୍ଧାର, ଘଟଣା ସ୍ଥଳରେ ଉତ୍ତେଜନା ,ସୂଚନା ଅନୁଯାୟୀ ଏହି ନଦୀ ରେ ଦୀର୍ଘ ଏକ ମାସ ରୁ ଉର୍ଦ୍ଧ୍ୱ ସମୟ ଧରି କୁମ୍ଭୀର ଆତଙ୍କ ଖେଳାଇଛି, ଯାହା ଫଳରେ ଅଞ୍ଚଳବାସୀ ଭୟଭୀତ ହୋଇ ନଦୀ କୁ ଯାଉ ନାହାନ୍ତି, କିଛି ଛେଳି ଏବଂ ଗୋରୁ କୁ କୁମ୍ଭୀର ମାରି ଖାଇଥିବା ମଧ୍ୟ ଅଭିଯୋଗ ହୋଇଛି , ଏନେଇ ଅଞ୍ଚଳବାସୀ ବାରମ୍ବାର ବନବିଭାଗ କୁ ଖବର ଦେଇଥିଲେ ମଧ୍ୟ ବନବିଭାଗ ପହଞ୍ଚି ନଥିଲା କି କୁମ୍ଭୀର କୁ ଧରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା, ଏହି ନଦୀ ରେ ଦୁଇ ରୁ ତିନୋଟି କୁମ୍ଭୀର ବୁଲୁଥିବା ଗ୍ରାମବାସୀ ଦେଖିଥିବା ବେଳେ ଆଜି ଗୋଟିଏ କୁମ୍ଭୀର ଜାଲ ରେ ଲାଗିବା ପରେ ଗ୍ରାମବାସୀ ବନବିଭାଗ କୁ ଖବର ଦେଇ ଥିଲେ, ବନ ବିଭାଗ ଉଦ୍ଧାର କୁମ୍ଭୀରକୁ ନେଇ ଯାଇଥିବା ବେଳେ ନଦିର ରହିଥିବା ଅନ୍ୟ କୁମ୍ଭୀରକୁ ଧରିବାକୁ ଆଦୌ ଆଗ୍ରହ ଦେଖାଇ ନଥିଲା,ତେବେ ଅନ୍ୟ କୁମ୍ଭୀର କୁ ଧରିବା ପାଇଁ ଗ୍ରାମବାସୀ ଦାବି କରିବା ହହ ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି ।

## ଏମ୍ସ ପକ୍ଷରୁ ରାଜ୍ୟରେ ପ୍ରଥମ ଅଭିନବ ଟ୍ରାଭେଲ୍ ହେଲଥ୍ କ୍ଲିନିକ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ନିରାପଦ ଏବଂ ସୁସ୍ଥ ଭ୍ରମଣ ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ସୁରକ୍ଷା ଦେବାରେ ଟ୍ରାଭେଲ ମେଡିସିନର ଭୂମିକା ସମୟର ବଡ଼ ଆହ୍ୱାନ। ତେଣୁ ବିଦେଶ ଯାତ୍ରା କରିଥିବା ସମସ୍ତ ଯାତ୍ରୀଙ୍କ ପାଇଁ ଗୋଟିଏ ସ୍ଥାନରେ ପୂର୍ଣ୍ଣାଙ୍ଗ ସୂଚନା ଉପଲବ୍ଧ ହେବା ନିହାତି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଆଜି ଏମ୍ସ ଭୁବନେଶ୍ୱର ପକ୍ଷରୁ ରାଜ୍ୟର ପ୍ରଥମ ଅଭିନବ "ଟ୍ରାଭେଲ୍ ହେଲଥ୍ କ୍ଲିନିକ୍" ର ଶୁଭାରମ୍ଭ ହୋଇଯାଇଛି । ବିଦେଶ ଯାତ୍ରୀଙ୍କ ପାଇଁ ସମସ୍ତ ସୂଚନା ସହିତ ପୂର୍ଣ୍ଣାଙ୍ଗ ସେବା ଯୋଗାଇବାରେ ଦେଶରେ ଅନନ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ପାଲଟିଥିବା ପ୍ରକାଶ କରିଛନ୍ତି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଏମ୍ସ ଭୁବନେଶ୍ୱର କମ୍ୟୁନିଟି ମେଡିସିନ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଟ୍ରାଭେଲ୍ ହେଲଥ୍ କ୍ଲିନିକ୍ ସପ୍ତାହର ପ୍ରତି ସୋମବାର ଏବଂ ଗୁରୁବାର ଅପରାହ୍ନ ଦୁଇରୁ ଚାରିଟା ପର୍ଯ୍ୟନ୍ତ କାମ କରିବ। ବାହାର ଦେଶରେ ଥିବା ବିଭିନ୍ନ ସଂକ୍ରାମକ ରୋଗ ସହିତ ଅନ୍ୟାନ୍ୟ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ନିମନ୍ତେ ଏହି ବ୍ୟବସ୍ଥାର ସହଯୋଗ ନେବାକୁ ଡ. ବିଶ୍ୱାସ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ଜୀବିକା ଅନ୍ୱେଷଣରେ ବାହାର ଦେଶକୁ ଯାଉଥିବା ବ୍ୟକ୍ତିଙ୍କ ପାଇଁ ଏହି କ୍ଲିନିକ୍ ବେଶ ସହାୟକ ହେବବୋଲି ଡ. ବିଶ୍ୱାସ ଆଶାବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ୍ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡ଼ା, ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ବିଜୟ କୁମାର ପାଣିଗ୍ରାହି, ଭାରତ ସରକାରଙ୍କ ବରିଷ୍ଠ ଆଂଚଳିକ ନିର୍ଦ୍ଦେଶିକା ଡ. ସୁଚିତ୍ରା ସାସମଲ୍, ରାଜ୍ୟ ଟୀକାକରଣ ଅଧିକାରୀ ଡ. ତାପସ ପାତ୍ର, ଭୁବନେଶ୍ୱର ବିମାନବନ୍ଦର ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱରଂଜନ ଦାଶ, କମ୍ୟୁନିଟି ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ମୁଖ୍ୟ ଡ. ସୋନୁ ହାଙ୍ଗମା ସୁବା ପ୍ରମୁଖ ଉପସ୍ଥିତ ଥିଲେ।

## ମୟୁରଭଞ୍ଜ ମହୋତ୍ସବ ଉଦ୍‌ଯାପିତ

### ■କଳା ସଂସ୍କୃତିର ଆଦାନପ୍ରଦାନ ପାଇଁ ମହୋତ୍ସବ ପ୍ରମୁଖ ମାଧ୍ୟମ
### ■ସାଂସ୍କୃତିକ ଶୋଭାଯାତ୍ରା ସହ ୧୦ଦିନ ଧରି ମନ ମୋହିଲେ ବହୁ ନାମିଦାମୀ କଳାକାର



ବାରିପଦା, ୧୩/୧୧ (ନି.ପ୍ର): କଳା ସଂସ୍କୃତି ସମ୍ପର୍ଣ୍ଣ ମୟୁରଭଞ୍ଜ ଜିଲ୍ଲାର ସାଂସ୍କୃତିକ ବିକାଶ ଏବଂ ଭାଇଚାରା ସୃଷ୍ଟି ପାଇଁ ଦୀର୍ଘ ୬ବର୍ଷ ଧରି ପାଳିତ ହୋଇ ଆସୁଥିବା ମୟୁରଭଞ୍ଜ ମହୋତ୍ସବ ଚଳିତ ନଭେମ୍ବର ୧ରୁ ଆରମ୍ଭ ହୋଇଥିବା ବେଳେ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱନୀ ପାତ୍ର, ବିଶିଷ୍ଟ ଅତିଥି ଭାବରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଏସଡିସି ଅଧକ୍ଷ୍ୟ ଡ଼। ଦେବାଶିଷ ମାରାଣ୍ଡି, ପୂର୍ବତନ ସାଂସଦ ତଥା ରାଜ୍ୟ ଅନୁସୂଚିତ ଜାତି ଜନଜାତି ଏବଂ ସଂଖ୍ୟାଲଘୁ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ଝାରଖଣ୍ଡ ର ଯୁବନେତା କୁନାଲ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ କଳା କଳା ସଂସ୍କୃତିର ଆଦାନପ୍ରଦାନ ପାଇଁ ମହୋତ୍ସବ ପ୍ରମୁଖ ମାଧମ ବୋଲି କହିଥିଲେ। ମଞ୍ଚରେ ମହୋତ୍ସବ କମିଟିର ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ପାଦକ କଳିଙ୍ଗ କେଶରୀ ଜେନା, ବରିଷ୍ଠ କର୍ମକର୍ତ୍ତା ସିନେ ତାରକା ଅସିତ ପତି, ଚଳଚିତ୍ର ପ୍ରଯୋଜକ ସଂଜୀବ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ରଣଜିତ ସାହୁ ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବର ପ୍ରଥମ ଦିନରେ ଜିଲ୍ଲାର ବିଭିନ୍ନ ଲୋକ କଳା ସଂସ୍କୃତିର କଳାକାର ମାନଙ୍କୁ ନେଇ ଜଗନ୍ନାଥ ମନ୍ଦିର ଠାରୁ ଛଉ ପଡିଆ ପର୍ଯ୍ୟନ୍ତ ଏକ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜିତ ହୋଇଥିବା ବେଳେ, ଗତ ୨ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବାରିପଦା ଛଉ ପଡିଆ ଠାରେ ୧୦ ଦିନ ଧରି ସ୍ଥାନୀୟ କଳାକାରଙ୍କ ସହ ଓଡ଼ିଆ ସିନେ ଜଗତର ସୁପାରଷ୍ଟାର ଉତ୍ତମ ମହାନ୍ତି, ଅସିତ ପତି, ପପୁ ପମପମ, ସ୍ୱରାଜ ବାରିକ, ସନମିରା, ଅନିମେଶ ଘୋଷ, ଗାୟକ ଅସୀମା ପଣ୍ଡା, ଇରା ମହାନ୍ତି , ଅନନ୍ୟା ଶ୍ରିତମ ନନ୍ଦ, ସାଧନା ସରଗମ, ଇଣ୍ଡିଆନ ଆଇଡଲ ଫେମ ଅଙ୍କିତା ପାତ୍ରା ପ୍ରମୁଖ ମଧ ଏହି ମଞ୍ଚରେ ଲୋକଙ୍କୁ ମନୋରଞ୍ଜନ କରିଥିଲେ। ସେହିପରି ଜିଲ୍ଲାର ଆଦିବାସୀ ପରମ୍ପରାକୁ ପ୍ରାଧାନ୍ୟ ଦେଇ ୩ ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ, ମୟୁରଭଞ୍ଜ ଜିଲ୍ଲାର ସାନ୍ତାଳୀ କଳାକାରଙ୍କ ସମେତ ଝାରଖଣ୍ଡ,ବିହାର, ପଶ୍ଚିମବଙ୍ଗ ଓ ଆସାମର ସାନ୍ତାଳୀ କଳାକର ମଙ୍ଗଲ ହାଁସଦା, କଳ୍ପନା ହାଁସଦା, ମଧୁସ୍ମିତା ସୋରେନ ମୁର୍ମୁ, ରାମ ମାର୍ଣ୍ଡି, ପ୍ରିୟା ମୁଣ୍ଡା ଏବଂ ବବି ସିଂ ପ୍ରମୁଖ ଯୋଗ ଦେଇ ନିଜ କଳା ପ୍ରଦର୍ଶନ କରିଥିଲେ। ଚଳିତ ବର୍ଷ ମହୋତ୍ସବ ମଞ୍ଚରେ ଖିଚିଂର ପ୍ରସିଦ୍ଧ ମା କିଚକେଶ୍ୱରୀ ମନ୍ଦିରର କଳାକୃତି ସ୍ଥାନିତ ହୋଇଥିବା ବେଳେ, ମେଳାରେ ପାଖାପାଖି ୨୦୦ ଷ୍ଟଲରେ ହସ୍ତଶିଳ୍ପ, କୁଟୀର ଶିଳ୍ପ, ଖେଳନା, ପୋଷାକ ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମେଳା ଲାଗି ରହିଥିଲା। ପ୍ରତିଦିନ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ମୟୁରଭଞ୍ଜର କଳାସଂସ୍କୃତି ବିଷୟରେ ଆଲୋଚନା କରିବା ସହ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତି ସନ୍ଧ୍ୟାରେ ହଜାରହଜାର ଦର୍ଶକ ମେଳାରେ ଭିଡ଼ ଜମାଉ ଥିଲେ।

## ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆଧାତ୍ମିକ ଚିନ୍ତନ

ଭଦ୍ରକ, ୧୩/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କୁଆଁସସ୍ଥିତ ନିତ୍ୟାନନ୍ଦ ଭବନ ପରିସରରେ ସଂଘର ମାସିକ ସ୍ୱତନ୍ତ୍ର ବୈଠକ, ଶୋକସଭା ଓ ଆଧାତ୍ମିକ ଚିନ୍ତନ କାର୍ଯ୍ୟକ୍ରମରେ ଉପସଭାପତି ଉଦୟନାଥ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ମଞ୍ଚାସୀନ ଥିଲେ ଉପସଭାପତି ଡ଼ଃ ଗୋଲକ ବିହାରୀ ସାହୁ ସମସ୍ତ ଉପସଭାପତି ଓ ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ। ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସଂଧାରଣ ସଂପାଦକଙ୍କ ଆଲୋଚନା ପରେ ଦିବଂଗତ ସଦସ୍ୟ ଉପେନ୍ଦ୍ର ପ୍ରସାଦ ଦାସଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇ ସ୍ମୃତି ଚାରଣ ହୋଇଥିଲା। ଉପସଭାପତି ଶାନ୍ତନୁ କୁମାର ରାଉତଙ୍କ ଦ୍ୱାରା ପ୍ରବଚିକା ବ୍ରହ୍ମକୁମାରୀ ସୁଶ୍ରୀ ମଧୁସ୍ମିତା ଦାଶ ଓ ବ୍ରହ୍ମକୁମାରୀ ଲଳିତାଙ୍କୁ ସ୍ୱାଗତ କରାଯାଇ ତାଙ୍କର ପରିଚୟ ପ୍ରଦାନ ସହ ମଞ୍ଚାସୀନ କରାଯାଇଥିଲା । ମୁକ୍ତିକାନ୍ତ ମହାପାତ୍ର ଉଭୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଅଜିତ୍ କୁମାର ନାୟକ, କରୁଣାକର ଉପାଧ୍ୟାୟ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ବ୍ରହ୍ମକୁମାରୀ ଲଳିତା ସୁଲଳିତ କଣ୍ଠରେ ଜୀବନ ଦର୍ଶନ ସଂପର୍କୀୟ ହୃଦୟସ୍ପର୍ଶୀ ସଂଗୀତ ଗାନ୍ କରିଥିଲେ । ପ୍ରବଚିକା ମଧୁସ୍ମିତା ନିଜର ଚିନ୍ତନ ମାଧମରେ ନୀରବତା ଶାନ୍ତି, ଆତ୍ମା, ଧର୍ମାତ୍ମା, ମହାତ୍ମା, ଦୟା, କ୍ଷମା, ବିନୟ, ନମ୍ରତାକୁ କିପରି ଆତ୍ମା ମାଧମରେ ପରମାତ୍ମାଙ୍କ ଠାରେ ପହଞ୍ଚାଇ ହେବ ଓ ହିଂସା, ଦ୍ୱେଷ, ପରଶ୍ରୀକାତରତା, କ୍ରୋଧ, ଅସହିଷ୍ଣୁତା ଲୋଭ ଦୂର ପାଇଁ ଧ୍ୟାନ, ଯୋଗ ମାଧମ ଅଟେ। ସମସ୍ତଙ୍କ ସହ ଯୋଗାଭ୍ୟାସ କରାଇ ତାଙ୍କର ମର୍ମସ୍ପର୍ଶୀ ପ୍ରବଚନ ମାଧମରେ ସମସ୍ତଙ୍କୁ ବିମୁଗ୍ଧ କରିଥିଲେ। ଉପସଭାପତି କବି ହରମୋହନ କୁଅଁର ପ୍ରବଚନର ସାରାଂଶ ପ୍ରଦାନ ସହ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ସଦସ୍ୟ କାଶୀନାଥ ମହାପାତ୍ରଙ୍କୁ ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବାରିକ୍, କୈଳାଶ ଚନ୍ଦ୍ର ପଣ୍ଡା, ବିନୟ କୁମାର ପଣ୍ଡା, କାଶୀନାଥ ସାହୁ, ବସନ୍ତ କୁମାର ଦେ, ହରେକୃଷ୍ଣ ସାହୁ, ବୀର ନାରାୟଣ ଦାସ, ଆଦିତ୍ୟ କୁମାର ନାୟକ, ସ୍ନେହଲତା ବେହେରା, ସୁରେଶ ସାହୁ, ଅରବିନ୍ଦ ବସନ୍ତରାୟ, ନିରଞ୍ଜନ ବିଶ୍ୱାଳ, ଏସ୍.କମିଳା, ହରେକୃଷ୍ଣ ତ୍ରିପାଠୀ, ସୁଧାକର ରାଉତ, ଦୁଃଶାସନ ମହାନ୍ତି, ରମେଶ ଚନ୍ଦ୍ର ଦାଶ, ଚନ୍ଦ୍ର ମୋହନ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ । ଲକ୍ଷ୍ମଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ହିମୋଗ୍ଲୋବିନ ପରୀକ୍ଷା ଓ ରକ୍ତଦାନ ସଚେତନତା ଶିବିର




ଉଦଳା , ୧୩/୧୧ (ନି.ପ୍ର): ଚଳିତ ନଭେମ୍ବର ୧୫ ତାରିଖ ଗୁରୁବାର ଦିନ ସ୍ଥାନିୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିନିମନ୍ତେ ପ୍ରସ୍ତୁତି ପର୍ବ ଆଗେଇ ଚାଲିବା ସହିତ ୧୧ ତାରିଖ ଶନିବାର ଦିନ ହିମୋଗ୍ଲୋବିନ ପରୀକ୍ଷା କରାଯାଇଛି । ମହାବିଦ୍ୟାଳୟରେ ଥିବା +୨ ଓ +୩ର ଯୁବରେଡ଼କ୍ରସ, ଜାତୀୟ ସେବା ଯୋଜନା ଏବଂ ରେଂଜର ୟୁନିଟର କର୍ମକର୍ତା ଓ ଛାତ୍ରୀ ମାନେ ମିଳିତ ଭାବରେ ଏହି ଶିବିର ଆୟୋଜନର ନେତୃତ୍ୱ ନେଇଥିବା ବେଳେ ସ୍ୱେଚ୍ଛାସେବୀ ସଂଗଠନ ରୋଟାରୀ କ୍ଲବ ଉଦଳା ସହଯୋଗର ହାତ ବଢ଼ାଇଛି । ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ସଭାପତିତ୍ୱ କରି ଶିବିର ଆୟୋଜନର ନେତୃତ୍ୱ ନେଇଥିବା ସମସ୍ତ କର୍ମଚାରୀ ଓ ଛାତ୍ରୀ ମାନଙ୍କ ସମେତ ସହଯୋଗର ହାତ ବଢ଼ାଇଥିବା ରୋଟାରି କ୍ଲବ ଉଦଳାର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ । ଏହାପରେ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ା. ଲକ୍ଷ୍ମୀକାନ୍ତ ପତି ହିମଗ୍ଲୋବିନ ସ୍ତର କେମିତି ବୃଦ୍ଧି କରାଯିବ ତାର ବିଭିନ୍ନ ଉପାୟ ଯଥା - ସଠିକ୍ ସମୟରେ ସୁଷମ ଖାଦ୍ୟ ଗ୍ରହଣ ଓ ଖେଳକୁଦ କରିବାର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ । ରୋଟାରି କ୍ଲବର ସଭାପତି ମନୋରଂଜନ ପାଢ଼ି, ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରବିନ୍ଦ୍ର କଟୁଆଳ, ରୋଟାରି କ୍ଲବର ସଂପାଦକ ସୁଶାନ୍ତ ପଟ୍ଟନାୟକ, ପ୍ରହ୍ଲାଦ ଦାସ, ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇ ରକ୍ତଦାନର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅଧାପିକା କୁମ୍‌କୁମ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଗିରିଜା ଶଂକର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ମିଲେଟ ପ୍ରବନ୍ଧ କୃତି ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବସ୍ତା, ୧୩/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ ର ଚୋରପଦା ଗ୍ରାମ ର ସଚିଦାନନ୍ଦ ନୋଡାଲ ଉ:ପ୍ରା ବିଦ୍ୟାଳୟ ରେ ରାଜ୍ୟ ସ୍ତରୀୟ ମିଲେଟ ପ୍ରବନ୍ଧ କୃତୀ ଛାତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୂଚନା ରୁ ପ୍ରକାଶ ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ଦୁଇ ଦିନିଆ ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ -୨୦୨୩ ର ରାଜ୍ୟସ୍ତରୀୟ ମିଲେଟ ପ୍ରବନ୍ଧ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବରୁଣଗଡିଆ ପଞ୍ଚାୟତ ର ସଚିଦାନନ୍ଦ ନୋଡାଲ ଉ:ପ୍ରା ବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଦର୍ଶନା ସେନାପତି ଙ୍କୁ ଗ୍ରାମର ରେ ଏକ ସଭା ଆୟୋଜନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । କୃତୀ ଛାତ୍ରୀ ସୁଦର୍ଶନା ସେନାପତି ମିଲେଟ ପ୍ରବନ୍ଧରେ ପ୍ରଥମ ସ୍ଥାନ ପାଇ ବାଲେଶ୍ୱର ଜିଲ୍ଲା କୁ ରାଜ୍ୟରେ ଏକ ନମ୍ବର ସ୍ଥାନରେ ଆଣିଥିବା ବେଳେ ସମଗ୍ର ବସ୍ତା ଅଞ୍ଚଳରେ ଶୁଭେଚ୍ଛା ର ସୁଅ ଛୁଟିଛି ଏହି ପରିପ୍ରେକ୍ଷୀରେ ଚୋରପଦା ଗ୍ରାମରେ ସମାଜସେବୀ ସୁବୋଧ ରାଉଳଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରେବତୀ ପତ୍ରିକା ର ସଂପାଦିକା ତଥା ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀ କୁ ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଆଗାମୀ ଦିନରେ ଶ୍ରୀ ସେନାପତି କେମିତି ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିବେ ସେଥିପାଇଁ ବିଶେଷ ସହଯୋଗ କରିବେ ବୋଲି ମତ ପ୍ରକାଶ କରିଥିଲେ । ପିଲାମାନେ ଧ୍ୟାନ ଦେଇ ପାଠ ପଢ଼ିବା ସହ ଏମିତି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଏକ ମନହୋଇ କାର୍ଯ୍ୟ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ଉପସ୍ଥିତ ସ୍କୁଲ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସ୍କୁଲ ର ପ୍ରଧାନ ଶିକ୍ଷକ ପିତାମ୍ବର ନାୟକ ସଭାପତିତ୍ୱ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଜଳି ଦାସ ଅନ୍ୟତମ ଅତିଥି ପଞ୍ଚାୟତ ସମିତି ଉପାଦକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ସଦାନନ୍ଦପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଅନୀଲ କୁମାର ମହାନ୍ତି, ପୂର୍ବତନ ଅଧକ୍ଷ ଲକ୍ଷ୍ମୀଧର ଦାସ, ବରୁଣଗଡ଼ିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ଲିପିକା ରାଉଳ, ପଞ୍ଚାନନ ଦାସ, ମମତା ସାମଲ,ପୂର୍ବତନ ଜିଲ୍ଲାପରିଷଦ ପ୍ରଦିପ ବିଶ୍ୱଳ, ସୁରେନ୍ଦ୍ର ରାଉତ, ଗୋପାଳ ଜେନା , ଚକ୍ରଡ଼ା କ୍ଲୋଷ୍ଟର ସିଆରସିସି ସିଆରସି ଅରବିନ୍ଦ ପାଣିଗ୍ରାହୀ ଓ ପିତାମ୍ବର ବେହେରା, ଅବସରରେ ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଚ୍ୟୁତ ଗିରି ଓ ରବିନ୍ଦ୍ରନାଥ ନାଥ ମହାନ୍ତି , ଗୁଡ଼ିଖାଳ ହାଇ ସ୍କୁଲ୍ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ନାୟକ,କୁଳିଦା ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁନିଲ ସେନାପତି, ଏସ ଏମସି ସଭାପତି ସଞ୍ଜୟ ଦାସ, ରବିନ୍ଦ୍ର ମହାନ୍ତି, ନରେନ୍ଦ୍ର କୁମାର ନାୟକ, ଯଶୋବନ୍ତ ନାରାୟଣ ମହାପାତ୍ର ଙ୍କ ସମେତ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ଗ୍ରାମବାସୀମାନେ ଉପସ୍ଥିତ ହୋଇ କୃତି ଛାତ୍ରୀ କୁ ଆଶିର୍ବାଦ କରିବା ସହ ଉତ୍ତରୋତ୍ତର କାମନା କରିଥିଲେ । ପରିଚାଳନା କମିଟିର ସଭାପତି ସଞ୍ଜୟ ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଦାବି ନେଇ ରାଜଧାନୀ ଭୁବନେଶ୍ୱର ଯାତ୍ରା ପାଇଁ କ୍ରିୟାନୁଷ୍ଠାନ କମିଟିର ଜୋରଦାର ପ୍ରସ୍ତୁତି

ନୀଳଗିରି , ୧୩/୧୧ (ନି.ପ୍ର): ପ୍ରଜା ଆନ୍ଦୋଳନ ମାଧ୍ୟମରେ ରାଜତନ୍ତ୍ର ଶାସନର ଅବସାନ ପରେ ପ୍ରଥମ ଗଡଜାତ ଭାବେ ନୀଳଗିରି ସ୍ୱାଧୀନ ଭାରତରେ ମିଶ୍ରଣ ହୋଇ ଅନ୍ୟ ଗଡଜାତ ରାଜ୍ୟ ମାନଙ୍କ ପାଇଁ ପଥ ପ୍ରଦର୍ଶକ ସାଜିଥିଲା। ମିଶ୍ରଣ ସମୟରେ ନୀଳଗିରିକୁ ସ୍ୱତନ୍ତ୍ର ଅଧିକାର ପାଇଁ ସେତେବେଳର ସରକାର ଏବଂ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମଧ ସର୍ତ୍ତ ରଖିଥିଲେ। ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ମାତ୍ର ବଣ ପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ଏବଂ ପ୍ରାକୃତିକ ସମ୍ପଦରେ ଭରା ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କଲେ ନୀଳଗିରିର ସାମଗ୍ରିକ ବିକାଶ ହୋଇପାରିବ ବୋଲି ବହୁ ବିଶିଷ୍ଟବ୍ୟକ୍ତି କ୍ରିୟାନୁଷ୍ଠାନ ଗଠନ କରି ସରକାରଙ୍କ ଠାରେ ଦାବୀ କରିଆସୁଛନ୍ତି। ଏନେଇ ନଭେମ୍ବର ୭ତାରିଖରେ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ନୀଳଗିରିରୁ ବାଲେଶ୍ୱର ପଦଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ଭେଟି ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ସରକାରଙ୍କ ତରଫରୁ ସେଭଳି କୌଣସି ପଦକ୍ଷେପ ନିଆଯାଇନଥିବା ହୃଦୟଙ୍ଗମ କରି ସୋମବାର ନୀଳଗିରି ଡାକବଙ୍ଗଳା ଠାରେ କମିଟିର ଆବାହକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ବୈଠକରେ ରାଜଧାନୀ ଭୁବନେଶ୍ୱର ଯାଇ ସରକାରଙ୍କ ଠାରେ ଦୃଢ଼ ଦାବୀ କରାଯିବା ପାଇଁ ନିଷ୍ପତି ନିଆଯାଇଛି। ଏନେଇ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କମିଟି ଡକାଯାଇ ନୀଳଗିରିର ପ୍ରତ୍ୟେକ ଅଞ୍ଚଳରେ ପହଞ୍ଚି ଜନଚେତନା ସୃଷ୍ଟି କରାଯିବ ବୋଲି ଆବାହକ ଚିତ୍ତ ଷଡ଼ଙ୍ଗୀ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ଉକ୍ତ ବୈଠକରେ ସଂଗଠନ ସମ୍ପାଦକ ନିରଞ୍ଜନ ବାରିକ, ସୁରେଶ ଚନ୍ଦ୍ର ବେହେରା , ଗିରିଧାରୀ ବେହେରା, ବାଞ୍ଛାନିଧି ପାତ୍ର, ବିଜୟ ପାତ୍ର, ବାବୁଲା ପ୍ରଧାନ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ୨୦୨୨ ପଞ୍ଚାୟତ ନିର୍ବାଚନ : ୧୨୭ଟି ଗାଡ଼ିର ମାଲିକମାନେ ଅଦ୍ୟାବଧି ନେଇ ନାହାନ୍ତି ପ୍ରାପ୍ୟ

ଭଦ୍ରକ, ୧୩/୧୧ (ନି.ପ୍ର): ଗତ ପଞ୍ଚାୟତ ନିର୍ବାଚନ ୨୦୨୨ ପରିଚାଳନା ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଦ୍ୱାରା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ବିଭିନ୍ନ ପ୍ରକାର ୪ ଚକିଆ ଯାନ ରିକ୍ୟୁଜିସନ କରାଯାଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ଗାଡ଼ି ଗୁଡ଼ିକର ଭଡ଼ା ବାବଦ ଅର୍ଥ କେତେଜଣ ଗାଡ଼ି ମାଲିକମାନଙ୍କୁ ପ୍ରଦାନ କରାଯାଇଥିଲେ ମଧ ବ୍ୟାଙ୍କ ଆକାଉଣ୍ଟ ନମ୍ବର ପ୍ରଦାନ କରୁନଥିବାରୁ ଅଦ୍ୟାବଧି ୧୨୭ଟି ଗାଡ଼ିର ମାଲିକମାନଙ୍କୁ ଅର୍ଥ ଦିଆଯାଇପାରୁନଥିବା ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ତା ୨୦.୧୧.୨୩ ସୁଦ୍ଧା ସଂପୃକ୍ତ ଗାଡ଼ି ଗୁଡ଼ିକର ମାଲିକମାନେ ନିଜ ନିଜର ବ୍ୟାଙ୍କ ଅକାଉଣ୍ଟ ଓ ଆଇ.ଏଫ୍.ଏସ୍.ସି. ନମ୍ବର ପ୍ରଦାନ ନକଲେ ଭବିଷ୍ୟତରେ ଉକ୍ତ ଭଡ଼ା ଅର୍ଥ ପାଇଁ ଦାବି କରିପାରିବେ ନାହିଁ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ଜଣାଇଦିଆଯାଇଛି ।

## ଆଧ୍ୟାତ୍ମିକ ପରିବେଶରେ ଆରମ୍ଭ ଖଇରା କାଳୀପୂଜା




ଖଇରା,୧୩/୧୧(ନିପ୍ର): ଖଇରା ବଜାରରେ ପାଳିତ ହୋଇ ଆସୁଥିବା ପୂଜା ଚଳିତ ବର୍ଷ ୭୦ବର୍ଷରେ ପଦାର୍ପଣ କରିଛି । ରବିବାର ରାତିରେ ଶହଶହ ଭକ୍ତ ଶ୍ରଦ୍ଧାଳୁଙ୍କ ଉପସ୍ଥିରେ ମା ଭଦ୍ରକାଳୀଙ୍କ ପୂଜା ସମ୍ପର୍ଣ୍ଣ ହୋଇଛି ।ଯୋଗେଶ ଶତପଥି,ରବିନ୍ଦ୍ର ଦାସ, ଦିଲିପ କରଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା । ପଣ୍ଡିତ ଦ୍ୱାରିକାନାଥ ଶତପଥି ଓ ପ୍ରଫୁଲ୍ଲ କୁମାର ତ୍ରୀପାଠୀଙ୍କ ଦ୍ୱାରା ମାଙ୍କୁ ଆରାଧନା କରାଯାଇଥିଲା । ୭ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,କଳା,ସଂସ୍କୃତି ଓ ମାନବ ସମ୍ବଳ ବିକାଶ ସମ୍ପାଦକ ଶଶି କୁମାର ସାହୁ ପ୍ରମୁଖ ଯୋଗ ଦେଇ ମାଙ୍କ ନିକଟରୁ ଆଶିର୍ବାଦ ଗ୍ରହଣ କରିଥିଲେ । କାଳି ପୂଜା କମିଟିର ସଭାପତି ରବିନ୍ଦ୍ର ବିଶ୍ୱାଳ,ସମ୍ପାଦକ ପ୍ରଶାନ୍ତ କୁମାର ବେହେରା,ବରିଷ୍ଠ ସଭ୍ୟ କ୍ୟାପଟେନ ରଘୁନାଥ ପାତ୍ର,ବିଷ୍ଣୁପଦ ସାହୁ,ଜିତେନ୍ଦ୍ର ରାଉତ,ପିତାମ୍ବର ନାୟକ,ଜିତେନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ଦାସ,ଜଗତନାଥ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ପୂଜା ଶାନ୍ତିଶୃଙ୍ଖଳାର ସହ ପାଳିତ ହେଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo